ବର୍ଷ-୨୫, ସଂଖ୍ୟା-୨୪୬
ଭୁବନେଶ୍ୱର
୧୩, ସେପ୍ଟେମ୍ବର, ୨୦୨୫ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 246
Bhubaneswar
13, September, 2025 Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ଘରୋଇ ସହାୟିକାଙ୍କ ପାଇଁ ଚିନ୍ତାରେ ଅଙ୍କିତା



# ଭିଜିଲାନ୍ସ ଜାଲରେ ୩ ଅଫିସର





ଭୁବନେଶ୍ୱର,୧୨।୯(ମହାଭାରତ): ୨୦୧୯ ବ୍ୟାଚର ଓଡ଼ିଶା ପ୍ରଶାସନିକ ସେବା (ଓଏଏସ) ଟପର ଅଶ୍ୱିନୀ କୁମାର ପଣ୍ଡା ଯେତେବେଳେ ବଡ଼ ସଫଳତା ହାସଲ କରିଥିଲେ ପରିବାର, ଗାଁ ଲୋକ, ବନ୍ଧୁବାନ୍ଧବ, ସାଙ୍ଗସାଥୀ, ଶିକ୍ଷକ ଓ ତାଙ୍କୁ ଜାଣିଥିବା ଲୋକଙ୍କ ମଧ୍ୟରେ ଖୁସିର ଲହରି ଖେଳି ଯାଇଥିଲା। ଆତ୍ମୀୟ ଲୋକଙ୍କ ମନରେ ଏକ ଭିନ୍ନ ଆଶା ଥିଲା ସମସ୍ତେ ଭାବୁଥିଲେ ଅଶ୍ୱିନୀ ଯେଉଁଠି କାମ କରିବ, ସୁନାମ ଅର୍ଜନ କରିବ। କିନ୍ତୁ ଲୋକଙ୍କର ଭାବନା ଭିନ୍ନ ହୋଇଛି। ସେ ଚାକିରି କରିବାର ମାତ୍ର କେଇଟା ବର୍ଷ ମଧ୍ୟରେ ଦୁର୍ନୀତିରେ ମାତିଥିବା ପ୍ରମାଣିତ ହୋଇଛି। ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇ ପଡ଼ିଛନ୍ତି। ଓଏଏସ ଟପ୍ପର ଏହି ଲାଞ୍ଚୁଆ ତହସିଲଦାରଙ୍କୁ ଗିରଫ କରିଛି ଭିଜିଲାନ୍ସ। ଏହି ଉତ୍କୋଚ ଟଙ୍କା ଦେଣ ନେଣରେ ପ୍ରମୁଖ ମାଧ୍ୟମ ସାଜି ଆସୁଥିବା ଶ୍ରୀ ପଣ୍ଡାଙ୍କ ଗାଡି ଡ୍ରାଇଭର ପ୍ରବୀଣ କୁମାରକୁ ମଧ୍ୟ ଗିରଫ କରାଯାଇଛି ବୋଲି କହିଛନ୍ତି ସମ୍ବଲପୁର ଭିଜିଲାନ୍ସ ଏସପି ପ୍ରଦ୍ୟୁମ୍ନ କୁମାର ଦ୍ୱିବେଦୀ। ତହସିଲଦାର ଶ୍ରୀ ପଣ୍ଡା ଗତ ଜୁଲାଇ ମାସରେ କାର୍ଯ୍ୟରେ ଯୋଗ ଦେବା ପରେ ଭଡ଼ା ଘରଟିଏ ନପାଇ ନିକଟସ୍ଥ ଆଇବିରେ ରହୁଥିଲେ ।

ସୂଚନାନୁଯାୟୀ ବାମରା ବ୍ଲକ ସଦର ମହକୁମା ସ୍ଥିତ ଗୋବିନ୍ଦପୁରର ଭିକି ନାଏକ ବ୍ୟକ୍ତିଙ୍କ ଏକ ଜମିର ମ୍ୟୁଟେସନ ଓ ଚାଷରୁ ଘରବାରୀ କିସମ ପରିବର୍ତ୍ତନ ପାଇଁ ବାମରା ତହସିଲ ଅଫିସରେ ଆବେଦନ କରିଥିଲେ। ମାତ୍ର ଏହି କାର୍ଯ୍ୟ ପାଇଁ ତହସିଲଦାର ଅଶ୍ୱିନୀ ପଣ୍ଡା ମୋଟା ଅଙ୍କର ଲାଞ୍ଚ ଦାବି କରିଥିଲେ। ଏପରିକି ଏଥିରେ କିଛି କୋହଳ କରିବା ପାଇଁ ଭିକି ଅନୁରୋଧ କରିଥିଲେ ମଧ୍ୟ ଶ୍ରୀ ପଣ୍ଡା ରୋକଠୋକ ମନା କରିଦେଇ ଥିଲେ। ଜମିର କିସମ ପରିବର୍ତ୍ତନ ଜରୁରୀ ଓ ତହସିଲଦାରଙ୍କ ଦାବି ମୁତାବକ ଉତ୍କୋଚର ଜରୁରୀ ସମାଧାନ କରିନପାରି ଶେଷରେ ସମ୍ବଲପୁର ଭିଜିଲାନ୍ସ ନିକଟରେ ଗୁହାରି କରିଥିଲେ। ଶୁକ୍ରବାର ଦିନ ପ୍ରାୟ ୧୧ଟା ସମୟରେ ତହସିଲଦାର ଶ୍ରୀ ପଣ୍ଡାଙ୍କ ଗାଡି ଡ୍ରାଇଭର ପ୍ରବୀଣ କୁମାର ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ ନିର୍ଦ୍ଦିଷ୍ଟ ସ୍ଥାନରେ ୧୫ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ଟିମ୍ ସେହିଠାରେ ହିଁ ଟଙ୍କା ସହ ପ୍ରବୀଣକୁ ମାଡି ବସିଥିଲେ। ଜେରା ବେଳେ ଲାଞ୍ଚ ଟଙ୍କା ସମ୍ପର୍କରେ ପ୍ରବୀଣ ସମସ୍ତ ତଥ୍ୟ ଦେବା ପରେ ତହସିଲଦାର ଅଶ୍ୱିନୀ ପଣ୍ଡା ଓ ତାଙ୍କ ଡ୍ରାଇଭର ଥିବା ପ୍ରବୀଣ କୁମାରକୁ ଭିଜିଲାନ୍ସ ସମ୍ବଲପୁର ହେଡ କ୍ୱାର୍ଟରକୁ ଉଠାଇ ନେଇଥିବା ଜଣାପଡିଛି। ଘଟଣାର ଯାଞ୍ଚ ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ ଭିଜିଲାନ୍ସ ଜାଲରେ ଶ୍ରୀ ପଣ୍ଡା ପଡିବା ପରେ ତାଙ୍କର ବିଭିନ୍ନ ସ୍ଥାନରେ ଭିଜିଲାନ୍ସ ଚଢାଉ କରିଥିଲା। ତାଙ୍କ ପତ୍ନୀ ରହୁଥିବା ଫ୍ଲାଟରୁ ନଗଦ ୪ ଲକ୍ଷ ୭୩ ହଜାର ଟଙ୍କା ଭିଜିଲାନ୍ସ ଜବତ କରିଛି ବୋଲି ସମ୍ବଲପୁର ଭିଜିଲାନ୍ସ ଏସପି ପ୍ରଦ୍ୟୁମ୍ନ ଦ୍ୱିବେଦୀ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ ଜମିବାଡ଼ି ସମ୍ପର୍କିତ କାଗଜାତ ସଂଶୋଧନ ଓ ବିକ୍ରିବଟାରେ ବ୍ୟାପକ ଦୁର୍ନୀତି ହେଉଥିବା ଯୋଗୁଁ ଏବେ ଏହି ବିଭାଗକୁ ସ୍ୱଚ୍ଛ ଓ ନିର୍ମଳ କରିବା ପାଇଁ ରାଜ୍ୟ ଭିଜିଲାନ୍ସ ବିଭାଗ ସ୍ୱତନ୍ତ୍ର ପଦକ୍ଷେପ ନେଉଛି। ଅନ୍ୟ ଦୁଇ ଘଟଣାରେ ନୟାଗଡ଼ ଜିଲା ଶ୍ରମ ଅଧିକାରୀ ଚିତ୍ତରଞ୍ଜନ ରାଉତ ଓ ମୟୂରଭଞ୍ଜ ଜିଲ୍ଲାର ଲୁହାସିଲା ଗ୍ରାମ ପଞ୍ଚାୟତର ପୂର୍ବତନ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ପୁଷ୍ପିତା ମହାକୁଡଙ୍କୁ ଗିରଫ କରିଛି। ନୟାଗଡ଼ ଜିଲା ଶ୍ରମ ଅଧିକାରୀ ଚିତ୍ତରଞ୍ଜନ ରାଉତ ୬ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭୁବନେଶ୍ୱର ଭିଜିଲାନ୍ସ ଟିମ୍ ହାତରେ ଧରାପଡ଼ିଛନ୍ତି। ମିଳିଥିବା ସୂଚନା ମୁତାବକ, ନୟାଗଡ଼ ବ୍ଲକ ବିରୁଡ଼ା ଗାଁର ଶ୍ରମିକ ନେତା ତଥା କମ୍ୟୁନିଷ୍ଟ ପାର୍ଟି ରାଜ୍ୟ ପରିଷଦ ସଦସ୍ୟ ଭୁବନ ଚାନ୍ଦ ହାତୀଙ୍କଠାରୁ ଶ୍ରମିକ କାର୍ଡ କରିବା ପାଇଁ ଜିଲା ଶ୍ରମ ଅଧିକାରୀ ରାଉତ ଶୁକ୍ରବାର ଲାଞ୍ଚ ନେଉଥିଲେ। ସେତିକିବେଳେ ସେ ଲାଞ୍ଚ ଟଙ୍କା ସହ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଗୋଟିଏ ଶ୍ରମ କାର୍ଡ ପିଛା ୩ ଶହ ଟଙ୍କା ଲେଖାଏ ୨୨ଟି ଶ୍ରମ କାର୍ଡ ପାଇଁ ଶ୍ରମ ଅଧିକାରୀ ରାଉତ ୬ ହଜାର ୬୦୦ ଟଙ୍କା ଦାବି କରିଥିବା ଜଣାପଡିଛି। ପିଇଓ ପୁଷ୍ପିତା ମହାକୁଡ ବର୍ତ୍ତମାନ ମୟୂରଭଞ୍ଜ ଜିଲ୍ଲାର ସବ-କଲେକ୍ଟର କାର୍ଯ୍ୟାଳୟରେ କାର୍ଯ୍ୟରତ। ମହାକୁଡଙ୍କୁ ୫,୬୮,୯୫୦ ଟଙ୍କା ବାର୍ଦ୍ଧକ୍ୟ ପେନସନ ପାଣ୍ଠି ଆତ୍ମସାତ କରିବା ଅଭିଯୋଗରେ ଗିରଫ କରାଯାଇଛି।

## ବଜ୍ରପାତ : ଟଳିପଡ଼ିଲେ ୩

ରାୟଗଡ଼ା,୧୨।୯(ମହାଭାରତ): କପା ଋଷ ପାଇଁ କାମକରୁଥିବା ସମୟରେ ବଜ୍ରାଘାତ ହୋଇଛି। ଏଥିରେ ୩ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ରାୟଗଡ଼ା ବ୍ଲକ ବିଷ୍ଣୁଗୁଡ଼ା ଗ୍ରାମରେ ଏହି ଅଭାବନୀୟ ଘଟଣା ଘଟିଛି । ସୂଚନା ଅନୁସାରେ ବିଷ୍ଣୁଗୁଡା ଗ୍ରାମର ସମ୍ବାରୀ ପିଡ଼ିକା (୪୫)ଙ୍କ ସମେତ ଅନ୍ୟମାନେ କପା ଋଷ ପାଇଁ କାମ କରୁଥିଲେ। ଏହି ସମୟରେ ବଜ୍ରପାତ ହୋଇଥିଲା। ବଜ୍ରପାତରେ ଆହତ ୪ଜଣଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୩ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ସମ୍ବାରୀ ପିଡ଼ିକାଙ୍କ ବଡ଼ ଭଉଣୀ ପାଣ୍ଡେ ପିଡ଼ିକା ଗୁରୁତର ହୋଇଛନ୍ତି ତାଙ୍କର ଚିକିତ୍ସା ଜାରି ରହିଛି ।

## ନେପାଳରେ ସୁଶୀଳା ଶାସନ

କାଠମାଣ୍ଡୁ,୧୨।୯: ନେପାଳରେ ଜେନ୍-ଜେଡ୍ ବିପ୍ଳବ ଯୋଗୁଁ ହୋଇଥିବା ହିଂସାକାଣ୍ଡ ପରେ, ଏବେ ସୁଶୀଳା କାର୍କି ନେପାଳର ଅନ୍ତରୀଣ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ନେପାଳର ରାଷ୍ଟ୍ରପତି ତାଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ତାଙ୍କୁ ଭାରତୀୟ ସମୟ ରାତି ୮:୪୫ ସୁଦ୍ଧା ସୁଶୀଳା କାର୍କିଙ୍କୁ ଶପଥ ପାଠ କରାଯାଇଥିଲା। ଏହା ସହିତ ଏକ ତିନିଜଣିଆ ମନ୍ତ୍ରିମଣ୍ଡଳ ମଧ୍ୟ ଗଠନ କରାଯାଇଛି। ସରକାର ବିରୋଧୀ ପ୍ରତିବାଦର ନେତୃତ୍ୱ ନେଉଥିବା 'ଜେନ୍‌ଜେଡ୍' ଗୋଷ୍ଠୀର ପ୍ରତିନିଧି, ସେନା ମୁଖ୍ୟ ଏବଂ ରାଷ୍ଟ୍ରପତି ରାମଚନ୍ଦ୍ର ପାଉଡେଲଙ୍କ ସହ ସମସ୍ତ ଅଂଶୀଦାରଙ୍କ ମଧ୍ୟରେ ଶୁକ୍ରବାର (ସେପ୍ଟେମ୍ବର ୧୨, ୨୦୨୫) ଅନୁଷ୍ଠିତ ଆଲୋଚନାରେ ପୂର୍ବତନ ମୁଖ୍ୟ ବିଚାରପତି ସୁଶୀଳା କାର୍କିଙ୍କ ନାମକୁ ଅନୁମୋଦନ କରାଯାଇଥିଲା।

# ଉପରାଷ୍ଟ୍ରପତି ଭାବେ ଶପଥ ନେଲେ ରାଧାକୃଷ୍ଣନ୍



ନୂଆଦିଲ୍ଲୀ,୧୨।୯(ପିଆଇବି): ସି.ପି. ରାଧାକୃଷ୍ଣନ୍ ଆଜି ଦେଶର ପଞ୍ଚଦଶ ଉପରାଷ୍ଟ୍ରପତି ଏବଂ ରାଜ୍ୟସଭା ଅଧ୍ୟକ୍ଷ ଭାବରେ ଶପଥ ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ଶପଥ ଗ୍ରହଣ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସି.ପି. ରାଧାକୃଷ୍ଣନଙ୍କୁ ଶପଥ ପାଠ କରାଇଥିଲେ। ରାଧାକୃଷ୍ଣନ୍ ପୂର୍ବରୁ ମହାରାଷ୍ଟ୍ରର ରାଜ୍ୟପାଳ ଥିଲେ। ଶପଥ ଗ୍ରହଣ ପରେ, ସି.ପି. ରାଧାକୃଷ୍ଣନ୍ ରାଜଘାଟ ଯାଇ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ ମଧ୍ୟ ସେ ଅଟଳ ଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କୁ, ଦୀନ ଦୟାଲ ଉପାଧ୍ୟାୟ ମାର୍ଗରେ ଥିବା ସ୍ମାରକୀରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କୁ ଏବଂ କିଷାନ ଘାଟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂହଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

୪ ମଇ ୧୯୫୭ରେ ତାମିଲନାଡୁର ତିରୁପ୍ପୁରରେ ଜନ୍ମଗ୍ରହଣ କରିଥିବା ଶ୍ରୀ ଚନ୍ଦ୍ରପୁରମ୍ ପୋନ୍ନୁସାମି ରାଧାକୃଷ୍ଣନ୍ ବାଣିଜ୍ୟ ପ୍ରଶାସନରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ। ଜଣେ ଆରଏସଏସ ସ୍ୱୟଂସେବକ ଭାବରେ କାର୍ଯ୍ୟ ଆରମ୍ଭ କରି, ସେ ୧୯୭୪ ମସିହାରେ ଭାରତୀୟ ଜନସଂଘର ରାଜ୍ୟ କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ହୋଇଥିଲେ। ସାର୍ବଜନୀନ ଜୀବନରେ ପ୍ରବେଶ କରିବା ପୂର୍ବରୁ ଜଣେ ବୟନ ସାମଗ୍ରୀ ରପ୍ତାନିକାରୀ ଭାବରେ ରାଧାକୃଷ୍ଣନଙ୍କର ଏକ ଦୀର୍ଘ ଏବଂ ସଫଳ କ୍ୟାରିଅର୍ ରହିଥିଲା। ୧୯୯୬ ମସିହାରେ, ସିପି ରାଧାକୃଷ୍ଣନ୍‌ଙ୍କୁ ତାମିଲନାଡୁରେ ବିଜେପି ସମ୍ପାଦକ ଭାବରେ ଦାୟିତ୍ୱ ଅର୍ପଣ କରାଯାଇଥିଲା। ୧୯୯୮ ମସିହାରେ ସେ କୋଏମ୍ବାଟୁରରୁ ପ୍ରଥମ ଥର ପାଇଁ ଲୋକସଭାକୁ ନିର୍ବାଚିତ ହୋଇଥିଲେ ଏବଂ ୧୯୯୯ ମସିହାରେ ପୁନଃନିର୍ବାଚିତ ହୋଇଥିଲେ। ସାଂସଦ ଭାବରେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ, ସେ ବୟନ ଶିଳ୍ପ ସଂସଦୀୟ ସ୍ଥାୟୀ କମିଟିର ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରିଥିଲେ। ସେ ରାଷ୍ଟ୍ରାୟତ୍ତ କ୍ଷେତ୍ର ଉଦ୍ୟୋଗ (ପିଏସୟୁ)ଗୁଡିକର ସଂସଦୀୟ ସମିତି ଏବଂ ଅର୍ଥ ପରାମର୍ଶଦାତା ସମିତିର ସଦସ୍ୟ ମଧ୍ୟ ଥିଲେ। ଏହାସହିତ ଷ୍ଟକ୍ ଏକ୍ସଚେଞ୍ଜ ଦୁର୍ନୀତିର ତଦନ୍ତ କରୁଥିବା ସଂସଦୀୟ ସ୍ୱତନ୍ତ୍ର କମିଟିରେ ମଧ୍ୟ ସେ ସଦସ୍ୟ ଥିଲେ। ୨୦୦୪ ମସିହାରେ ରାଧାକୃଷ୍ଣନ ସଂସଦୀୟ ପ୍ରତିନିଧିମଣ୍ଡଳରେ ଭାଗ ନେଇ ଜାତିସଂଘ ସାଧାରଣ ସଭାରେ ଭାଷଣ ଦେଇଥିଲେ। ସେ ତାଇୱାନକୁ ଯାଇଥିବା ପ୍ରଥମ ସଂସଦୀୟ ପ୍ରତିନିଧିମଣ୍ଡଳର ସଦସ୍ୟ ମଧ୍ୟ ଥିଲେ।

## ପୁଣି ଚର୍ଚ୍ଚାରେ ଅର୍ଚ୍ଚନା ନାଗ

# ଘର ଆଟାଚ୍ କଲା 'ଇଡି'



ଭୁବନେଶ୍ୱର,୧୨।୮(ମହାଭାରତ): ଅର୍ଥ କାରବାରକୁ ନେଇ ଦୁଇ ବର୍ଷ ପୂର୍ବରୁ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟି ଥିବା ଅର୍ଚ୍ଚନା ନାଗଙ୍କ ଘରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପହଞ୍ଚିଛି। 'ଇଡି'ର ସ୍ୱତନ୍ତ୍ର ଟିମ୍ ଅର୍ଚ୍ଚନାଙ୍କ ଘରେ ଥିବା ଜିନିଷପତ୍ରର ଯାଞ୍ଚ କରୁଛି। ଅର୍ଚ୍ଚନାଙ୍କୁ ପୂର୍ବରୁ ଇଡି ତରଫରୁ ନୋଟିସ୍ ଜାରି ହୋଇଥିଲା।

ଇଡି ଏହି ଚଢ଼ଉ ବେଳେ ଅର୍ଚ୍ଚନା ନାଗଙ୍କ ଘରକୁ ଆଟାଚ୍ କରିଛି। ଅର୍ଚ୍ଚନାଙ୍କ ସତ୍ୟବିହାରସ୍ଥିତ ଜି+୨ କୋଠାକୁ ଆଟାଚ୍ କରିଛି। ମନି ଲଣ୍ଡରିଂ ଆଇନ ୨୦୦୨ ଆଧାରରେ ଏହି ପଦକ୍ଷେପ ନେଇଛି।

ସୂଚନାଯୋଗ୍ୟ, ଅର୍ଚ୍ଚନା ଓ ଅନ୍ୟମାନଙ୍କ ବିରୋଧରେ ଚଳଚ୍ଚିତ୍ର ପ୍ରଯୋଜକ ଅକ୍ଷୟ ପରିଜା ନୟାପଲ୍ଲୀ ଥାନାରେ ଏତଲା ଦେଇଥିଲେ। ଆଇପିସିର ବିଭିନ୍ନ ଦଫା ସହିତ ଆଇଟି ଆକ୍ଟରେ ପୁଲିସ ଅର୍ଚ୍ଚନା ଓ ଅନ୍ୟମାନଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ଏଥି ସହିତ ଖଣ୍ଡଗିରି ଥାନାରେ ଶ୍ରଦ୍ଧାଞ୍ଜଳି ବେହେରାଙ୍କ ଏତଲା ଆଧାରରେ ଅର୍ଚ୍ଚନା ଓ ଅନ୍ୟମାନଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ୨୦୨୨, ଅକ୍ଟୋବର ୬ରେ ଅର୍ଚ୍ଚନା ଗିରଫ ହୋଇ ଜେଲ ଯାଇଥିଲେ। ଅର୍ଚ୍ଚନାଙ୍କ ବେଆଇନ କାର୍ଯ୍ୟକଳାପ ଓ କଳାଟଙ୍କା ପ୍ରସଂଗ ସମ୍ମୁଖକୁ ଆସିବା ପରେ ଇଡି ଘଟଣାର ତଦନ୍ତ କରିଥିଲା। ୨୦୨୨, ଡିସେମ୍ବର ୧୩ରେ ଇଡି ଅର୍ଚ୍ଚନାଙ୍କୁ ଗିରଫ କରିଥିଲା। ଗିରଫ ହେବାର ୧୪ ମାସ ପରେ ୨୦୨୩ ଡିସେମ୍ବର ୧୨ ତାରିଖରେ ଅର୍ଚ୍ଚନା ନାଗ ଝାରପଡା ଜେଲରୁ ବାହାରି ଥିଲେ। ତାଙ୍କୁ ନେବା ଲାଗି ସ୍ୱାମୀ ଜଗବନ୍ଧୁ ଚାନ୍ଦ ଝାରପଡା ଜେଲ୍‌ରେ ପହଞ୍ଚି ଥିଲେ। ଅର୍ଚ୍ଚନାଙ୍କ ତରଫରୁ ଆଇନଜୀବ ଜୟଦୀପ ପାଲ ମାମଲା ପରିଚାଳନା କରୁଥିଲେ। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମାମଲାରେ ଅର୍ଚ୍ଚନା ନାଗଙ୍କୁ ହାଇକୋର୍ଟ ସର୍ତ୍ତମୂଳକ ଜାମିନ ମଞ୍ଜୁର କରିଥିଲେ। ପୂର୍ବରୁ ନୟାପଲ୍ଲୀ ଓ ଖଣ୍ଡଗିରି ଥାନାର ଦୁଇ ମାମଲାରେ ଅର୍ଚ୍ଚନାଙ୍କୁ ଜାମିନ ମିଳି ସାରିଥିବା ବେଳେ ଇଡି ମାମଲାରେ ଜାମିନ ମଞ୍ଜୁର ପରେ ଜେଲରୁ ବାହାରିବା ପାଇଁ ତାଙ୍କ ପଥ ପରିଷ୍କାର ହୋଇଥିଲା।

## ପ୍ରଫୁଲ୍ଲ ମଲ୍ଲିକ ବିଜେଡିରୁ ନିଲମ୍ବିତ

ଭୁବନେଶ୍ୱର,୧୨।୯(ମହାଭାରତ): ବିଜୁ ଜନତା ଦଳ (ବିଜେଡି)ର ବରିଷ୍ଠ ନେତା ଏବଂ କାମାଖ୍ୟାନଗରର ପୂର୍ବତନ ବିଧାୟକ ତଥା ବିଜେଡି ସରକାରରେ ବରିଷ୍ଠ ମନ୍ତ୍ରୀ ଥିବା ପ୍ରଫୁଲ୍ଲ ମଲ୍ଲିକଙ୍କୁ ଦଳବିରୋଧୀ କାର୍ଯ୍ୟ ଯୋଗୁଁ ଦଳରୁ ନିଲମ୍ବନ କରାଯାଇଛି। ଏହି ନିଲମ୍ବନ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଦଳର ଉପସଭାପତି ପ୍ରତାପ ଜେନାଙ୍କ ଦ୍ୱାରା କରାଯାଇଛି।

ପ୍ରଫୁଲ୍ଲ ମଲ୍ଲିକ, ଯିଏ ବିଜେଡିର ବରିଷ୍ଠମାନଙ୍କ ମଧ୍ୟରୁ ଜଣେ ଭାବେ ଜଣାଶୁଣା, ଦଳର ସଂଗଠନାତ୍ମକ କାର୍ଯ୍ୟରୁ ଦୀର୍ଘଦିନ ଧରି ଦୂରେଇଛନ୍ତି। ଗୁରୁବାର ସେ ଦଳର ନେତୃତ୍ୱଙ୍କୁ ଟାର୍ଗେଟ କରିଥିଲେ ଏବଂ ଦଳର ମୂଳ ଆଦର୍ଶରୁ ବିଚ୍ୟୁତି ହେବା ଓ ବିପକ୍ଷ ଭୂମିକାରେ ଅକ୍ଷମତା ଉପରେ ଅଭିଯୋଗ କରିଥିଲେ। ସେ କହିଥିଲେ ଯେ, "ମୁଁ ଏବେ ବିଜେଡିରେ ରହିଛି, କିନ୍ତୁ ସଂଗଠନାତ୍ମକ କାର୍ଯ୍ୟରେ ଅଂଶଗ୍ରହଣ କରୁନାହିଁ। ଦଳ ସଠିକ୍ ଭାବେ ଚାଲିନଥାଏ ତେବେ ମୁଁ ଦଳଛାଡ଼ିବି।" ଏହି ନିଲମ୍ବନ ବିଜେଡିରେ ଆହୁରି ଅସ୍ଥିରତା ସୃଷ୍ଟି କରିପାରେ, କାରଣ ମଲ୍ଲିକଙ୍କ ଭଳି ବରିଷ୍ଠ ନେତାଙ୍କ ଅଭାବ ଦଳର ସଂଗଠନାତ୍ମକ ଶକ୍ତିକୁ ପ୍ରଭାବିତ କରିପାରେ। ଦଳ ନେତୃତ୍ୱ ଏପର୍ଯ୍ୟନ୍ତ ଏହି ଘଟଣାରେ କୌଣସି ଅଧିକାରୀକ ପ୍ରତିକ୍ରିୟା ପ୍ରକାଶ କରିନାହାଁନ୍ତି।

# ଆଜି ମଣିପୁର ଗସ୍ତ କରିବେ ପ୍ରଧାନମନ୍ତ୍ରୀ ମୋଦୀ



ନୂଆଦିଲ୍ଲୀ,୧୨।୯(ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସେପ୍ଟେମ୍ବର ୧୩ ଅର୍ଥାତ୍ ଆସନ୍ତାକାଲି ମଣିପୁର ଗସ୍ତ କରିବେ। ଏନେଇ ଅଧିକାରୀକ ଭାବରେ ନିଶ୍ଚିତ କରାଯାଇଛି। ମଣିପୁର ମୁଖ୍ୟ ସଚିବ ପୁନିତ କୁମାର ଗୋୟଲ ଏକ ସାମ୍ବାଦିକ ସମ୍ମିଳନୀରେ ଏହା ନିଶ୍ଚିତ କରିଛନ୍ତି। ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ମଣିପୁର ଗସ୍ତ ଶାନ୍ତି, ବିକାଶର ପଥ ପ୍ରଶସ୍ତ କରିବ। ପ୍ରଧାନମନ୍ତ୍ରୀ ଶନିବାର ଦିନ ୧୨:୧୫ରେ ମିଜୋରାମର ରାଜଧାନୀ ଆଇଜଲରୁ ମଣିପୁରର ଚୁଡାଚାନ୍ଦପୁରରେ ପହଞ୍ଚିବେ। ସର୍ବପ୍ରଥମେ ଚୁଡାଚାନ୍ଦପୁରରେ ସେ ବିସ୍ଥାପିତ ଲୋକଙ୍କ ସହିତ ଆଲୋଚନା କରିବେ ଏବଂ ଭିତ୍ତିଭୂମି ପ୍ରକଳ୍ପର ଶିଳାନ୍ୟାସ କରିବେ।

ମେ' ୨୦୨୩ ମାସରେ ମୈତେଇ ଏବଂ କୁକି ଜନଜାତି ମଧ୍ୟରେ ହୋଇଥିବା ହିଂସା ପରେ ଏହା ପ୍ରଧାନମନ୍ତ୍ରୀ ମୋଦୀଙ୍କ ମଣିପୁରକୁ ପ୍ରଥମ ଗସ୍ତ ହେବ।

ମିଳିଥିବା ସୂଚନା ମୁତାବକ, ପ୍ରଧାନମନ୍ତ୍ରୀ ମୋଦୀ ସେପ୍ଟେମ୍ବର ୧୩ରୁ ୧୫ପର୍ଯ୍ୟନ୍ତ ୨ ଦିନିଆ ଗସ୍ତରେ ବିଭିନ୍ନ ରାଜ୍ୟକୁ ଗସ୍ତ କରିବେ, ଯେଉଁଥିରେ ମିଜୋରାମ, ମଣିପୁର, ଆସାମ, ପଶ୍ଚିମବଙ୍ଗ ଏବଂ ବିହାର ସାମିଲ ରହିଛି। ଏହି ଗସ୍ତ ମିଜୋରାମରୁ ଆରମ୍ଭ ହେବ। ପ୍ରଧାନମନ୍ତ୍ରୀ ଆଇଜଲରେ ୯,୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଅନେକ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦଘାଟନ କରିବେ। ପ୍ରଧାନମନ୍ତ୍ରୀ ବୈରାବି-ସାଇରାଙ୍ଗ ନୂତନ ରେଳ ଲାଇନର ଉଦଘାଟନ କରିବେ, ଯାହା ପ୍ରଥମ ଥର ପାଇଁ ମିଜୋରାମକୁ ଭାରତୀୟ ରେଳ ନେଟୱାର୍କ ସହିତ ସଂଯୋଗ କରିବ।

ଏହା ପରେ ପ୍ରଧାନମନ୍ତ୍ରୀ ମୋଦୀ ମିଜୋରାମରୁ ମଣିପୁର ଯିବେ। ସେପ୍ଟେମ୍ବର ୧୩ ତାରିଖରେ ପ୍ରଧାନମନ୍ତ୍ରୀ ମୋଦୀ ପ୍ରାୟ ୧୨:୩୦ ସମୟରେ ଚୁରାଚାନ୍ଦପୁରରେ ପହଞ୍ଚି ୭,୩୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଅନେକ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ କରିବେ। ଅପରାହ୍ନ ପ୍ରାୟ ୨:୩୦ ସମୟରେ ସେ ଇମ୍ଫାଲରେ ୧୨୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଉଦଘାଟନ କରିବେ ଏବଂ ଏକ ସାଧାରଣ କାର୍ଯ୍ୟକ୍ରମରେ ଉଦବୋଧନ ଦେବେ।

ମଣିପୁର ପରେ ପ୍ରଧାନମନ୍ତ୍ରୀ ଆସାମ ଗସ୍ତ କରିବେ। ଆସାମର ଗୌହାଟୀରେ ଭାରତ ରତ୍ନ ଡକ୍ଟର ଭୂପେନ ହଜାରିକାଙ୍କ ୧୦୦ତମ ଜନ୍ମବାର୍ଷିକୀ ପାଳନରେ ଯୋଗଦେବେ। ଆସାମରେ ୧୮,୩୫୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଅନେକ ବିକାଶମୂଳକ ପ୍ରକଳ୍ପର ଉଦଘାଟନ ଏବଂ ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ। ଆସାମ ପରେ ପ୍ରଧାନମନ୍ତ୍ରୀ ମୋଦୀ କୋଲକାତା ଏବଂ ବିହାର ଯାଇ ଅନେକ ବିକାଶମୂଳକ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦଘାଟନ କରିବେ ବୋଲି ଜଣାପଡିଛି।

# ଭାରତ ଆଗକୁ ବଢ଼ିଯିବ ଭାବି ଶୁଳ୍କ ଲଗାଯାଉଛି: ମୋହନ ଭାଗବତ

ନୂଆଦିଲ୍ଲୀ,୧୨।୯(ମହାଭାରତ) ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ) ମୁଖ୍ୟ ମୋହନ ଭାଗବତ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଭାରତ ଉପରେ ଲଗାଯାଇଥିବା ଶୁଳ୍କ ବୋମା ଉପରେ ନିଜର ପ୍ରତିକ୍ରିୟା ଦେଇଛନ୍ତି। ନାଗପୁରରେ ଏକ କାର୍ଯ୍ୟକ୍ରମରେ ମୋହନ ଭାଗବତ ଆମେରିକାର ନାମ ନ ନେଇ କହିଛନ୍ତି ଯେ, ଭାରତ ଉପରେ ଭାରୀ ଶୁଳ୍କ ଲଗାଯାଇଛି କାରଣ ଆମ ଦେଶର ପ୍ରଭାବ ବୃଦ୍ଧି ପାଇବାରେ ଲାଗିଛି। ଏହା ଦେଖି ସେମାନେ ଭୟ କରୁଛନ୍ତି। ଆମେ ଆଗକୁ ବ?ିଗଲେ ସେମାନଙ୍କର କ'ଣ ହେବ ବୋଲି ଭାବି ଏଭଳି ପଦକ୍ଷେପ ନେଉଛନ୍ତି।



ଶୁକ୍ରବାର ଦିନ ମୋହନ ଭାଗବତ କହିଛନ୍ତି ଯେ, 'ମଣିଷ ଏବଂ ଦେଶମାନେ ସେମାନଙ୍କର ପ୍ରକୃତ ସ୍ୱରୂପକୁ ନ ବୁଝିବା ପର୍ଯ୍ୟନ୍ତ ସମସ୍ୟାର ସମ୍ମୁଖୀନ ହେବେ।' ନାଗପୁରରେ ବ୍ରହ୍ମା କୁମାରୀ ବିଶ୍ୱ ଶାନ୍ତି ସରୋବରର ୭ମ ପ୍ରତିଷ୍ଠା ଦିବସରେ ଭାଷଣ ଦେଇ ଭାଗବତ କହିଛନ୍ତି ଯେ, 'ମହିଳାମାନଙ୍କ ନେତୃତ୍ୱାଧୀନ ବ୍ରହ୍ମା କୁମାରୀମାନଙ୍କ ପରି, ଆରଏସଏସ ମଧ୍ୟ ଆନ୍ତରିକ ଚେତନା ଜାଗ୍ରତ କରିବା ପାଇଁ କାମ କରେ। ଯେପର୍ଯ୍ୟନ୍ତ ମଣିଷ ଏବଂ ଦେଶମାନେ ସେମାନଙ୍କର ପ୍ରକୃତ ସ୍ୱରୂପକୁ ନ ବୁଝିବେ, ସେପର୍ଯ୍ୟନ୍ତ ସେମାନେ ସମସ୍ୟାର ସମ୍ମୁଖୀନ ହେବେ। ଯଦି ଆମେ କରୁଣା ଦେଖାଇବା ଏବଂ ଭୟକୁ ଦୂର କରିବା ତେବେ ଆମର କୌଣସି ଶତ୍ରୁ ରହିବେ ନାହିଁ।' ସେ ଆହୁରି କହିଛନ୍ତି, 'ବିଶ୍ୱରେ ଲୋକମାନେ ଭୟ କରୁଛନ୍ତି ଯେ, ଯଦି ଭାରତ ଆଗକୁ ବ?ିଯାଏ ତେବେ ସେମାନଙ୍କର ସ୍ଥାନ ହ୍ରାସ ପାଇବ। ତୁମେମାନେ ଆମଠାରୁ ସାତ ସମୁଦ୍ର ଦୂରରେ। ?ସେଭଳି କିଛି ସଂଯୋଗ ନାହିଁ। ତଥାପି ତୁମମାନଙ୍କ ମନରେ ଏତେ ଭୟ ରହିଛି।'

# ଆଇଏଏସ୍ ସ୍ତରରେ ଛୋଟ ଧରଣର ଅଦଳବଦଳ

ଭୁବନେଶ୍ୱର,୧୨।୯(ମହାଭାରତ.): ଆଇଏଏସ୍ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଆଇଏଏସ୍ ସ୍ତରରେ ଆଜି ଛୋଟ ଧରଣର ଅଦଳବଦଳ କରିଛନ୍ତି ରାଜ୍ୟ ସରକାର। ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ଥିବା ୨୦୧୩ ବ୍ୟାଚ୍?ର ଆଇଏଏସ୍ ଅଫିସର ବିଜୟ ଅମୃତ କୁଲାଙ୍ଗେଙ୍କୁ ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା ସେବାର ନିର୍ଦ୍ଦେଶକ କରାଯାଇଛି। ସେ ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ଆୟୁଷର ନିର୍ଦ୍ଦେଶକ ଥିବା ୨୦୧୪ ବ୍ୟାଚ୍‌ର ଆଇଏଏସ୍ ଅଫିସର ପ୍ରେମଜିତ୍ ନାୟକଙ୍କୁ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ୨୦୧୫ ବ୍ୟାଚ୍‌ର ଆଇଏଏସ୍ ଅଫିସର ଅଞ୍ଜନା ପଣ୍ଡାଙ୍କୁ ଆୟୁଷର ନିର୍ଦ୍ଦେଶିକ ଭାବେ ନିଯୁକ୍ତ ଦିଆଯାଇଛି। ସେ ଏବେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗରେ ଅତିରିକ୍ତ ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ଅବକାରୀ କମିଶନର ଥିବା ୨୦୧୭ ବ୍ୟାଚ୍‌ର ଆଇଏଏସ୍ ପି. ଅନ୍ୱେଷା ରେଡ୍ଡୀଙ୍କୁ ଇନ୍ସପେକ୍ଟର ଜେନେରାଲ ଅଫ୍ ରେଜିଷ୍ଟ୍ରେସନ ବା ଓଏଜର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

## ବଦଳିଲା ପ୍ରସିଦ୍ଧ ବାଲିଯାତ୍ରା ନାଁ

କଟକ,୧୨।୯(ମହାଭାରତ): ବଦଳିଗଲା ୧୦୦୦ ବର୍ଷର ଐତିହାସିକ ସହରର ଭିନ୍ନ ପରିଚୟ ବାଲିଯାତ୍ରାର ନାଁ। ନଭେମ୍ବର ୫ରୁ ଆରମ୍ଭ ହେବାକୁ ଥିବା ବାଲିଯାତ୍ରାର ନାଁକୁ ଚଳିତ ବର୍ଷ ବଦଳାଇ ଦିଆଯାଇଛି। ଏଥର କଟକ ବାଲିଯାତ୍ରା ନାଁ ହେବ 'ଐତିହାସିକ ବାଲିଯାତ୍ରା କଟକ'। ଜିଲାପାଳଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବାଲିଯାତ୍ରା ନାଁ ପରିବର୍ତ୍ତନକୁ ନେଇ ଜିଲାପାଳ ସୂଚନା ଦେଇଛନ୍ତି। ନଭେମ୍ବର ୧୨ ପର୍ଯ୍ୟନ୍ତ ଚାଲିବାକୁ ଥିବା ଚଳିତ ବର୍ଷର ବାଲିଯାତ୍ରାରେ ଆଉ କିଛି ପରିବର୍ତ୍ତନ ବି କରାଯାଇଛି। ବାଲିଯାତ୍ରାରେ ଏଥର ଉପର ନୁହେଁ, କେବଳ ତଳ ପଡ଼ିଆରେ ଷ୍ଟଲ ଲାଗିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏଥର ସାଂସ୍କୃତିକ କାର୍ଯ୍ୟକ୍ରମ ରାତି ୧୧ଟା ପର୍ଯ୍ୟନ୍ତ ଚାଲିବ। ସୂଚନାଯୋଗ୍ୟ, ପୂର୍ବରୁ ସାଂସ୍କୃତିକ କାର୍ଯ୍ୟକ୍ରମ ରାତି ୧୦ଟା ପର୍ଯ୍ୟନ୍ତ ଚାଲୁଥିଲା।

# ଜେପି ନଡ୍ଡାଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ,୧୨।୯(ମହାଭାରତ): ଦିଲ୍ଲୀରେ ବିଜେପି ଅଧ୍ୟକ୍ଷ ଜେପି ନଡ୍ଡାଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଆଜି ସେ ଦିଲ୍ଲୀରେ କେନ୍ଦ୍ରମନ୍ତ୍ରୀ ନଡ୍ଡାଙ୍କୁ ଭେଟିଥିବା ଏକ୍ସରେ ପୋଷ୍ଟ କରି ଜଣାଇଛନ୍ତି। ଏକ୍ସ ପୋଷ୍ଟରେ ୩ଟି ଫଟୋ ସେୟାର କରାଯାଇଛି। ଫଟୋରେ ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଓଡ଼ିଶାର ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ନଜର ଆସିଛନ୍ତି।

ଫଟୋ ସେୟାର କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲେଖିଛନ୍ତି, 'ଆଜି ନୂଆଦିଲ୍ଲୀଠାରେ ଆମ ଦଳର ମାନନୀୟ ରାଷ୍ଟ୍ରୀୟ ଅଧ୍ୟକ୍ଷ ତଥା କେନ୍ଦ୍ରସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡାଜୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଲି । ଏହି ଅବସରରେ ଓଡ଼ିଶାର ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ମଧ୍ୟ ଉପସ୍ଥିତ ଥିଲେ । ଓଡ଼ିଶା ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟ, ସ୍ୱାସ୍ଥ୍ୟସେବା ବ୍ୟବସ୍ଥା, ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ପରିଯୋଜନା ଓ ଭବିଷ୍ୟତ ରୂପରେଖ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା।'



## କଖାରୁ ଫୁଲ ଅଣ୍ଡା ଚଟ୍

ଆବଶ୍ୟକ ସାମଗ୍ରୀ: ଲୁଣ, କଟା ଟମାଟୋ, କଖାରୁ ଫୁଲ, ସିଝା ଅଣ୍ଡା, କଟା ପିଆଜ, ଧନିଆପତ୍ର, ଲେମ୍ବୁ, ଚଟ ମସଲା, ଜଲଜିରା ପାଉଡର, ଚଉଳ ପିଠଉ ଓ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଅଣ୍ଡାକୁ ସିଝାଇ ରଖନ୍ତୁ ଓ ଚଉଳ ପିଠଉରେ ଲୁଣ, ଲଙ୍କାଗୁଣ୍ଡ ଓ ହଳଦୀଗୁଣ୍ଡ ଗୋଳାଇ ରଖନ୍ତୁ। ଏହାପରେ ସିଝାଅଣ୍ଡାକୁ ଛୋଟ ଛୋଟ କାଟି ସେଥିରେ କଟା ପିଆଜ, କଟା ଟମାଟୋ, ଧନିଆପତ୍ର, ଲେମ୍ବୁ ରସ, ଚଟ ମସଲା ଓ ଜଲଜିରା ପାଉଡର ପକାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ। କଖାରୁ ଫୁଲ ଭିତରେ ପ୍ରସ୍ତୁତ ହୋଇଥିବା ଅଣ୍ଡା ଚଟ ମସଲାର ପୁରକୁ ପୁରାଇ ରଖନ୍ତୁ। ଗ୍ୟାସ ଲଗାଇ ତାୱାରେ ତେଲ ଗରମ କରି ଅଣ୍ଡା ପୁର ଦିଆ କଖାରୁ ଫୁଲକୁ ଚଉଳ ପିଠଉରେ ଗୋଳାଇ ସେକନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଆପଣଙ୍କର କଖାରୁ ଫୁଲ ଅଣ୍ଡା ଚଟ। ଏହାକୁ ଆପଣ ଗରମା ଗରମ ଖାଇପାରିବେ।





### ଖବର

## ସେପ୍ଟେମ୍ବର ୨୦ରେ ରିଲିଜ୍ ହେବ କାନ୍ତରା



ରିଷଭ ଶେଟ୍ଟୀଙ୍କ କନ୍ନଡ ଫିଲ୍ମ କାନ୍ତାରା ଅଧ୍ୟାୟ ୧ ରିଲିଜ୍ ହେବା ପୂର୍ବରୁ ହିଁ ବେଶ ଚର୍ଚ୍ଚାରେ ରହିଛି । ରିପୋର୍ଟ ହୋଇଛି ଯେ ଏହି ଫିଲ୍ମର ଡିଜିଟାଲ୍ ଅଧିକାରକୁ ଆମାଜନ ପ୍ରାଇମ୍ ଭିଡିଓ ୧୨୫ କୋଟି ଟଙ୍କାରେ କିଣିଛି । ପୂର୍ବରୁ କେବଳ କଏର ୨ ଏତେ ବଡ଼ ଡିଜିଟାଲ୍ ଡିଲ୍ କରିଥିଲା । ଏବେ କାନ୍ତାରା ମଧ ଦର୍ଶକ ଏବଂ ନିବେଶକ ଉଭୟଙ୍କ ଦୃଷ୍ଟି ଆକର୍ଷଣ କରିଛି ।ଫିଲ୍ମର ସୁଟିଂ ସମାପ୍ତ ହୋଇଛି ଏବଂ ପୋଷ୍ଟ-ପ୍ରଡକ୍ସନ କାମ ଜୋରସୋରରେ ଚାଲିଛି । ଫିଲ୍ମକୁ ବିଶ୍ୱସ୍ତରୀୟ କରିବା ପାଇଁ ଠରଢ ଷ୍ଟୁଡିଓଗୁଡ଼ିକ ପୂର୍ଣ୍ଣ ଶକ୍ତି ସହିତ କାମ କରୁଛନ୍ତି । ରିଲିଜ୍ ତାରିଖ ମଧ ଚୂଡ଼ାନ୍ତ ହୋଇଛି । ଏହି ଫିଲ୍ମଟି ୨ ଅକ୍ଟୋବର ଚଳିତବର୍ଷ ଅର୍ଥା୍ ଗାନ୍ଧୀ ଜୟନ୍ତୀରେ ରିଲିଜ୍ ହୋଇବ। ଯାହାକୁ ନେଇ ସିନେପ୍ରେମୀ ବେଶ ଉତ୍ସାହିତ ଅଛନ୍ତି ।୨୦୨୨ ମସିହାରେ ରିଷଭ ଶେଟ୍ଟୀ ତାଙ୍କର ଭକ୍ତିପୂର୍ଣ୍ଣ ଆକ୍ସନ୍ ଫିଲ୍ମ 'କାନ୍ତାରା' ସହିତ ଏକ ବଡ଼ ସଫଳତା ପାଇଥିଲେ। ଯାହା ସାରା ଭାରତରେ ସଫଳ ହୋଇଥିଲା। ସେ ଏବଂ ହୋମ୍ବାଲେ ଫିଲ୍ମସ୍ 'କାନ୍ତାରା: ଅଧ୍ୟାୟ ୧' ନାମକ ଏକ ପ୍ରିକ୍ୱେଲ୍ ଘୋଷଣା କରିଥିଲେ । ଦଳ ଏହି ସିନେମାକୁ ବହୁତ ବଡ଼ ସ୍ତରରେ ନିର୍ମାଣ କରିଥିଲେ ଏବଂ ଏହାକୁ ଅତୀତରେ ସ୍ଥାପନ କରି ପୌରାଣିକ କାହାଣୀଗୁଡ଼ିକୁ ଯୋଡିଥିଲେ। ବର୍ତ୍ତମାନ ଫିଲ୍ମ ସୁଟିଂ ଶେଷ ହୋଇଛି, ଏବଂ ଶୀଘ୍ର ରିଲିଜ୍ ହେବାର ସମ୍ଭାବନା ଥିବାରୁ, ଡିଜିଟାଲ୍ ଅଧିକାରଗୁଡ଼ିକ ଓଟିଟିକୁ ବହୁ ପରିମାଣରେ ବିକ୍ରି ହୋଇଛି ।ଫିଲ୍ମଟି ଅକ୍ଟୋବର ୨, ୨୦୨୫ରେ ରିଲିଜ୍ ହେବ ବୋଲି ନିଶ୍ଚିତ ହୋଇଛି ଏବଂ ରିଷଭ ଶେଟ୍ଟୀଙ୍କ ଅଭିନୀତ ଫିଲ୍ମର ଥିଏଟର ଟ୍ରେଲର ପ୍ରାୟ ସେପ୍ଟେମ୍ବର ୨୦, ୨୦୨୫ରେ ରିଲିଜ ହେବ ଯ 'କାନ୍ତାରା: ଚପ୍ଟର ୧'ର ଥିଏଟର ଟ୍ରେଲର ଉପରେ କାମ ଜୋରସୋରରେ ଚାଲିଛି। ଏହାର ଉଦ୍ଦେଶ୍ୟ ହେଉଛି ଗୋଟିଏ ସମ୍ପତ୍ତି ସହିତ ଶବ୍ଦ ସୃଷ୍ଟି କରିବା ଏବଂ ଗାନ୍ଧୀ ଜୟନ୍ତୀରେ ଥିଏଟର ରିଲିଜ୍ ପାଇଁ ଗତି ଜାରି ରଖିବା ।ଏହି ଫିଲ୍ମଟି ଅନିଲ ଥାଡାନିଙ୍କ ଦ୍ୱାରା ତାଙ୍କ ଇଇ ଫିଲ୍ମସ୍ ବ୍ୟାନରରେ ଉତ୍ତର ଭାରତରେ ରିଲିଜ୍ ହେବ।

## କରମଙ୍ଗାରେ ରହିଛି ଅନେକ ଉପାଦେୟ ଗୁଣ

କରମଙ୍ଗା ଦେଖିବାକୁ ତାରା ଭଳିୟ ସେଥିପାଇଁ ତାକୁ ଷ୍ଟାର ଫ୍ରୁଟ୍ ମଧ କୁହାଯାଏ। କରମଙ୍ଗା ସାଧାରଣତଃ ଖଟା ଲାଗିଥାଏ। ଏଥିରେ ମିଠା ଖଟା ମଧ ପ୍ରସ୍ତୁତ କରାଯାଏ। ଏହି ଫଳରେ ଅନେକ ପୋଷାକ ତତ୍ତ୍ୱ ରହିଛି ଯାହା ଶରୀର ପାଇଁ ହିତକର ପ୍ରମାଣିତ ହୋଇଥାଏ। କରମଙ୍ଗାରେ ଅନେକ ଔଷଧୀୟ ଗୁଣ ମଧ ରହିଛି। କରମଙ୍ଗାରେ କ୍ୟାଲୋରୀ କମ୍ ଏବଂ ଫାଇବର ଅଧିକ ମାତ୍ରରେ ରହିଛି। ଏଥିରେ ଭିଟାମିନ-ସି, ସୋଡିୟମ, ଖଣିଜ, ଭିଟାମିନ-ବି ଆଦି ଅନେକ ମହତ୍ତ୍ୱପୂର୍ଣ୍ଣ ଆଣ୍ଟିଅକ୍ସିଡେଣ୍ଟରେ ଭରପୁର। ସେଥିପାଇଁ ସ୍ୱାସ୍ଥ୍ୟ ପକ୍ଷେ ବହୁତ ଲାଭଦାୟକୟ ଏକ ରିପୋର୍ଟ ଅନୁଯାୟୀ, କରମଙ୍ଗା ଭିଟାମିନ-ସି ର ସ୍ରୋତୟ ଭିଟାମିନ-ସି ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରିଥାଏ। ଏହା ତ୍ୱଚର ସୁଜନ ଦୂର କରିବାରେ ସାହାଯ୍ୟ କରିଥାଏ। ଏହା ଫ୍ଲୁ ଓ ସାମାନ୍ୟ ଥଣ୍ଡା-କାଶ ସହ



ଲଢ଼ିବାରେ ମଧ ସାହାଯ୍ୟ କରିଥାଏ। କରମଙ୍ଗାରେ ଭରପୁର ମାତ୍ରାରେ ପୋଟାସିୟମ ଓ ମହତ୍ତ୍ୱପୂର୍ଣ୍ଣ ଖଣିଜ ରହିଛି ଯାହା ରକ୍ତଚାପ ନିୟନ୍ତ୍ରଣ କରିଥାଏ। ଏଥିରେ କ୍ୟାଲସିୟମ ବି ଅଛି ଯାହା ହୃଦୟ ପାଇଁ ଲାଭଦାୟକୟ ଏହା ହୃଦୟ ରୋଗର ଆଶଙ୍କା କମ କରିଥାଏ। କରମଙ୍ଗା ଶରୀରରେ ରକ୍ତ ଶର୍କରା ଓ ଇନସୁଲିନ ସ୍ତରକୁ ନିୟନ୍ତ୍ରଣ କରିଥାଏ। ଫାଇବର ଯୁକ୍ତ ଭୋଜନ ସେବନ କରିବ ଦ୍ୱାରା ମଧୁମେହକୁ ରୋକ ଯାଇପାରିବ। ଏହା ମଧୁମେହ ରୋଗୀଙ୍କ ପାଇଁ ବହୁତ ଲାଭଦାୟକ। କରମଙ୍ଗାରେ ଭରପୁର ମାତ୍ରାରେ ଫାଇବର ଥିବାରୁ ଏହା ପାଚନ ପ୍ରକ୍ରିୟାରେ ସୁଧାର ଆଣିଥାଏ। ଏହା କୋଷ୍ଠକାଠିନ୍ୟ ସମସ୍ୟା ମଧ ଦୂର କରିଥାଏ। କୋଷ୍ଠକାଠିନ୍ୟରେ ପୀଡିତ ବ୍ୟକ୍ତି ନିଶ୍ଚୟ କରମଙ୍ଗା ସେବନ କରିବ ଉଚିତ। କରମଙ୍ଗା କେଶ ପାଇଁ ମଧ ଅତ୍ୟନ୍ତ ଉପାଦେୟୟ କରମଙ୍ଗା ସେବନ ଦ୍ୱାରା କେଶ ଚମକଦାର ଓ ଘଞ୍ଚ ହୋଇଥାଏ।

## ଅପରାହ୍ଣ ସମୟରେ ମନ୍ଦିର ଯିବା ମନା

ହିନ୍ଦୁ ଧର୍ମ ଅନୁସାରେ ମନ୍ଦିର ଦର୍ଶନକୁ ଶୁଭ ବୋଲି ମନାଯାଇଥାଏ । ମନ୍ଦିରକୁ ଯିବା ପୂର୍ବରୁ ମନକୁ ସଫା ରଖିବା ମଧ ଆବଶ୍ୟକ ।ଈର୍ଷା ଭାବନା ରଖି ମନ୍ଦିର ଯିବା ଆଦୌ ଉଚିତ ନୁହେଁ । ମନ୍ଦିର ଯିବାବେଳେ ମନରେ କୁଚିନ୍ତା ଥିଲେ ପ୍ରାର୍ଥନା ମୂଲ୍ୟହୀନ। ସେହିପରି ଭାବେ ମନ୍ଦିର ଯିବାର ମଧ ଶୁଭ ମୁହୂର୍ତ୍ତ ରହିଛି। ସକାଳେ ମନ୍ଦିର ଦର୍ଶନ ଯିବାକୁ ସର୍ବୋ□ମ ସମୟ ଭାବେ ବିବେଚନା କରାଯାଏ । ସନ୍ଧ୍ୟା ସମୟରେ ମଧ ମନ୍ଦିର ଯିବା ଶୁଭ ହୋଇଥାଏ । କିନ୍ତୁ ଖରାବେଳେ ମନ୍ଦିର ଯିବା ଉଚି୍ ନୁହେଁ । ତେଣୁ ଏଥିରୁ ଦୂରେଇ ରହିବା ଆବଶ୍ୟକ । ଏହା ପଛରେ ୨ଟି କାରଣ ରହିଛି ଯାହା ଆମର ଧାର୍ମିକ ଗ୍ରଂରେ ଲେଖାଯାଇଛି ।ଖରାବେଳେ ମନ୍ଦିର ନ ଯିବାର ସବୁଠାରୁ ବଡ଼ କାରଣ ରହିଛି । କାରଣ ହେଉଛି ସେହି



ସମୟରେ ଦେବାଦେବୀମାନେ ବିଶ୍ରାମ ନେଇଥାନ୍ତି । ତେଣୁ ମନ୍ଦିର ଯିବା ଉଚି୍ ନୁହେଁ । ଯଦି ସେହି ସମୟରେ କେହି ମନ୍ଦିର ଯାଆନ୍ତି ତେବେ ଇଚ୍ଛା ପୂରଣ ହୋଇନଥାଏ । ଏହି କାରଣରୁ ଖରାବେଳ ସମୟରେ ମନ୍ଦିରର ଦ୍ୱାର ମନ୍ଦ ରହିଥାଏ । ସକାଳ ଏବଂ ସନ୍ଧ୍ୟା ଭଳି ଅପରାହ୍ଣ ସମୟରେ ସକରାତ୍ମକ ଭାବନା ସେତେ ନଥାଏ । ଏହା ଛଡ଼ା କିଛି ଲୋକ ବିଶ୍ୱାସ କରନ୍ତି ଯେ, ଅପରାହ୍ଣ ସମୟରେ ଅତୃପ୍ତ ଆତ୍ମା ମନ୍ଦିର ଚାରିପାଖରେ ଘୂରି ବୁଲନ୍ତି । ତେଣୁ ଅପରାହ୍ଣରେ ମନ୍ଦିର ଯିବା ଉଚି୍ ନୁହେଁ ଯଆପଣଙ୍କୁ କହି ରଖୁଛୁ ଯେ, ଯଦି ଆପଣ ଅପରାହ୍ଣରେ ମନ୍ଦିର ନ ଯାଇ ଘରେ ପୂଜା କରିବେ ବୋଲି ଭାବୁଛନ୍ତି ତେବେ ଆପଣ ଭୁଲ ଭାବୁଛନ୍ତି । ଶାସ୍ତ୍ରରେ ଅଛି ଯେ ଅପରାହ୍ଣରେ ଘରେ କିମ୍ବା ମନ୍ଦିରରେ ପୂଜା କରିବା ଉଚି୍ ନୁହେଁ । ଯଦି ଏହି ସମୟରେ ପୂଜା କରାଯାଏ ତେବେ ଭଗବାନଙ୍କ ବିଶ୍ରାମରେ ବାଧା ସୃଷ୍ଟି କରିଥାଏ । ଏପରି କରିବା ଅନୁଚି୍ । ଯଦି ପୂଜା ସମୟ କଥା କୁହାଯାଏ ତେବେ ମଧ୍ୟାହ୍ନ ୧୨ଟା ଅପରାହ୍ଣରୁ ୪ଟା ପର୍ଯ୍ୟନ୍ତ ମନ୍ଦିରକୁ ଯିବା କିମ୍ବା ଘରେ ପୂଜା କରିବା ଅନୁଚିତ ବୋଲି କୁହାଯାଏ ।

## ପ୍ରତିଦିନ ଡାଏଟରେ ସାମିଲ୍ କରନ୍ତୁ ତେନ୍ତୁଳି ଜୁସ୍

ଅଧିକାଂଶ ଲୋକ ମିଠା ଏବଂ ଖଟା ଖାଇବାକୁ ପସନ୍ଦ କରନ୍ତି। ସେ ଜୁସ୍ ହେଉ କିମ୍ବା ଚଟନି। ସେହପରି ତେନ୍ତୁଳି ଏକ ପ୍ରକାରର ଖଟା ଯାହାକୁ ସମସ୍ତେ ଖାଇବାକୁ ଇଚ୍ଛା କରନ୍ତି । କୁହାଯାଏ କି ଏହା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। ଏଥିରେ ଭିଟାମିନ୍, ମିନେରାଲ୍ସ ଏବଂ ଫାଇବର ଭଳି ଉପାଦାନ ରହିଥାଏ। ଯାହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇପାରେ। ଯଦି ଆପଣ ନିଜ ଡାଏଟରେ ସାମିଲ୍ କରିବାକୁ ଚାହାଁନ୍ତି, ତେବେ ଆପଣ ଏହାକୁ ଜୁସ୍ ଆକାରରେ ପିଇ ପାରିବେ।

**ଓଜନ ହ୍ରାସ:** ତେନ୍ତୁଳି ଜୁସ୍ ଖୁବ୍ ଉପକାରୀ ଅଟେ। ତେନ୍ତୁଳି ରସରେ ସାମାନ୍ୟ ଡାଇୟୁରେଟିକ୍ ଗୁଣ ରହିଛି ଯାହା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରିଥାଏ। ଏଥିରେ ଫାଇବରର ମାତ୍ର ଭରପୂରଥାଏ। ଏହାକୁ ଖାଇବା ଦ୍ୱାରା ଆପଣଙ୍କ ଭିତରର ସିଷ୍ଟମକୁ ସଫା କରିବାରେ ମଧ ସାହାଯ୍ୟ କରିବ।





**ହାର୍ଟ ସମସ୍ୟା ହ୍ରାସ୍:** ତେନ୍ତୁଳି ଜୁସ୍ ହାର୍ଟ ପାଇଁ ଭଲ ବୋଲି ବିବେଚନା କରାଯାଏ। ଏହାକୁ ପ୍ରତିଦିନ ଖାଇବା ଦ୍ୱାରା କୋଲେଷ୍ଟ୍ରଲ ସ୍ତର ନିୟନ୍ତ୍ରଣ ରଖିଥାଏ।

**ହଜମ ପ୍ରକ୍ରିୟା ଭଲ ହେବ:** ତେନ୍ତୁଳି ଜୁସ୍ ହଜମ ପାଇଁ ଅତ୍ୟନ୍ତ ଲାଭଦାୟକ। ଶରୀର ସୁସ୍ଥ ରହିବା ସହ ହଜମ ପ୍ରକ୍ରିୟାକୁ ସୁସ୍ଥ ରଖିଥାଏ। ଅମୃତଭଣ୍ଡା, କୋଷ୍ଠକାଠିନ୍ୟ, ପେଟ ଫାଟିଯିବା କିମ୍ବା ଫୁଲିବା ଭଳି ସମସ୍ୟାରୁ ମୁକ୍ତି ପାଇବା ପାଇଁ ତେନ୍ତୁଳି ଜୁସ୍ ଖୁବ୍ ଲାଭଦାୟକ।

**ସୌନ୍ଦର୍ଯ୍ୟ ବୃଦ୍ଧି:** ବାହ୍ୟ ସୌନ୍ଦର୍ଯ୍ୟକୁ ବଢାଇବା ପାଇଁ, ଆମେ ମୁହଁରେ ବହୁତ କିଛି କରିଥାଉ। ଏଥିପାଇଁ ଚର୍ମ ଭିତରରୁ ପୋଷଣ ମିଳିବା ନିହାତି ଆବଶ୍ୟକ। ଯେଉଁଥିପାଇଁ ସୁସ୍ଥ ଖାଇବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଭଳି ପରିସ୍ଥିତିରେ ପ୍ରତିଦିନ ଏହି ଜୁସ୍ ପିଇବା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅନେକ ସମସ୍ୟାକୁ ଦୂର କରିପାରେ । ଏଥିରେ ଭିଟାମିନ୍-ସି ଭରପୂର ମାତ୍ରାରେ ରହିଥାଏ। ଯାହା ଚର୍ମର ଗଠନକୁ ସଜାଡ଼ିବାରେ ସାହାଯ୍ୟ କରିବ।

## ଆରମ୍ଭ ହୋଇଯାଇଛି ସୋରଡ଼ାର ମା' କନ୍ଧୁଣି ଦେବୀଙ୍କ ଯାତ୍ରା

ଆରମ୍ଭ ହୋଇଯାଇଛି ସୋରଡ଼ାର ମା' କନ୍ଧୁଣି ଦେବୀଙ୍କ ଯାତ୍ରା । ସବୁ ସ୍ଥାନରେ ଖରାଦିନେ କିମ୍ବା ଶୀତଦିନେ ଯାତ୍ରା କିମ୍ବା ମହୋତ୍ସବ ଅନୁଷ୍ଠିତ ହୋଇଥାଏ । କିନ୍ତୁ ସୋରଡାର ମା' କନ୍ଧୁଣିଦେବୀଙ୍କ ଯାତ୍ରା ନିଆରା । ମା'ଙ୍କ ଏହି ଯାତ୍ରା ବର୍ଷା ଦିନେ ଆରମ୍ଭ ହୋଇଥାଏ । ଏହି ଅଞ୍ଚଳରେ ପ୍ରଥମେ କନ୍ଧ ରାଜା ଶାସନ କରୁଥିଲେ । ସେମାନଙ୍କ ଇଷ୍ଟଦେବୀ ଥିଲେ ମା' କନ୍ଧୁଣିଦେବୀ । ଏହି ପର୍ବ ଦୀର୍ଘ ୮୦୦ ସହ ବର୍ଷରୁ ଉର୍ଦ୍ଧ ହେବ ପାଳିତ ହେଉଛି । କିନ୍ତୁ ଗତ ୧୯ ବର୍ଷ ହେବ ଏହି ମହୋତ୍ସବରେ ପାଳିତ ହୋଇ ହଜାର ହଜାର ଲୋକଙ୍କୁ ଏଠାକୁ ଟାଣି ଆଣୁଛି ।ମା' କନ୍ଧୁଣିଦେବୀଙ୍କ ଯାତ୍ରା ଭାଦ୍ରବ ମାସ ଶୁକ୍ଳ ପକ୍ଷ ଦ୍ୱାଦଶୀ ତିଥି ବାମାବ ଜନ୍ମରୁ ଆରମ୍ଭ ହୋଇ କୃଷ୍ଣ ପକ୍ଷ ମୂଳାଷ୍ଟମୀରେ ଶେଷ ହୋଇଥାଏ । ପ୍ରଥମ ଦିନ ସନ୍ଧ୍ୟା ସମୟରେ ପ୍ରଭୁ ଜଗନ୍ନାଥଙ୍କ ଠାରୁ ଆଜ୍ଞାମାଳ ନେଇ ଋଷିକୁଲ୍ୟା ନଦୀର ଉତ୍ତର ମୁହାଣ ବାଲି ଆସି ଏକ ରୁଦ୍ଧ କୋଠରୀରେ ପାଞ୍ଚ ଶସ୍ୟ ଯାହାକି ଭଜା ହୋଇ ସେଠାରେ ପକାଯାଏ । ସେହି ଦିନ ଠାରୁ ମା'ଙ୍କ ଯାତ୍ରା ଆରମ୍ଭ ହୋଇଥାଏ । ଚଳିତ ବର୍ଷ ୧୧ ଦିନ ଧରି ମା'ଙ୍କ ଯାତ୍ରା ଅନୁଷ୍ଠିତ ହେବ । ଯାହା ଗତ ୪ ତାରିଖରୁ ଆରମ୍ଭ ହୋଇ ଆସନ୍ତା ୧୪ ତାରିଖରେ ଶେଷ ହେବ ।ବହୁ ଭକ୍ତ ଆସି ମା'ଙ୍କ ପାଖରେ ପୂଜା କରି ଦର୍ଶନ କରିଥାନ୍ତି । କିଛି ଭକ୍ତ



ମା'ଙ୍କୁ ଆଖି, ଜିଭ, ଘଣ୍ଟି ପ୍ରଦାନ କରିବା ସହିତ ମୁଆଁ ଓ ପଣା ଭୋଗ କରିଥାନ୍ତି । ପ୍ରତିଦିନ ରାତିରେ ମା'ଙ୍କ ପାଖରେ ଆମିଷ ମାଛ ଭୋଗ ହୋଇଥାଏ । ଅନେକ ଭକ୍ତ ଏହି ପ୍ରସାଦକୁ ପାଇଥାନ୍ତି । ଶେଷ ଦିନରେ ମା' ଏକ ମହିଳା ଦେହରେ ବିଜେ କରି ସହର ପରିକ୍ରମା କରି ମନ୍ଦିର ଭିତରେ ଏକ ଟଭା କଣଣ୍ଟାରେ ପ୍ରସ୍ତୁତ ହୋଇଥିବା ଦୋଳିରେ ବସି ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ଏହି ଯାତ୍ରା କନ୍ଧୁଣିଦେବୀ ମହୋତ୍ସବ ନାମରେ ବେଶ ପରିଚିତ ।ଗତକାଲି ଗଞ୍ଜାମ ଜିଲ୍ଲାପାଳ ଙ୍କ କୀର୍ତି ଭାଷଣ ଏହି ମହୋତ୍ସବକୁ ଉନ୍ମୋଚନ କରିଛନ୍ତି । ତାଙ୍କ ସହିତ ଗଞ୍ଜାମ ଆରକ୍ଷୀ ଅଧିକାରୀ ଶୁଭେନ୍ଦୁ ପାତ୍ରଙ୍କ ସହିତ ଯାତ୍ରା ସଭାପତି ତଥା ସୋରଡା ବିଧାୟକ ନୀଳମଣି ବିଶୋଇ ମଧ ଉପସ୍ଥିତ ରହିଥିଲେ । ମଞ୍ଚରେ ବହୁ କଳାକାରଙ୍କୁ ନେଇ ନୃତ୍ୟ ପରିବେଷଣ ହୋଇଥିଲା। ଏହା ସହିତ ମିନାବଜାର ଓ ମେଳାରେ ହଜାର ହଜାର ଭକ୍ତ ରୁଣ୍ଡ ହୋଇ ଦୋକାନ ବଜାରରୁ ଘରୋଇ ଜିନିଷ କିଣିବା ସହିତ ରାତି ସାରା ମନୋରଞ୍ଜନ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ।

# ଗୋ-ମାଫିଆଙ୍କ ଗିରଫ ଦାବିରେ ଡିଜିଙ୍କୁ ସ୍ମାରକପତ୍ର

**ଭୁବନେଶ୍ୱର,୧୨।୯ (ମହାଭାରତ):** ଓଡ଼ିଶା ଦୁଗ୍ଧଚାଷୀ ମହାସଂଘ ସମେତ ବିଭିନ୍ନ ଯାଦବ ସଂଘ ପକ୍ଷରୁ ୭ଜଣ କର୍ମକର୍ତ୍ତା ଆଜି ପୋଲିସ୍ କମିଶନରଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ବରମୁଣ୍ଡା ଓଭରବ୍ରିଜ୍ ଉପରେ ୨୮ ତାରିଖ ରାତିରେ ଗୋରୁଗାଡ଼ି ଉପରେ ଆକ୍ରମଣ କରି ଭଙ୍ଗାରୁଜା କରିଥିବା ଗୁଣ୍ଡାମାନଙ୍କର ଗିରଫ ଓ ୬ ତାରିଖ ସକାଳୁ ପଳାଶୁଣି ଓଭରବ୍ରିଜ୍ ତଳେ ଦୁଗ୍ଧଚାଷୀଙ୍କୁ ଲଙ୍ଗଳା କରି ମାଡ଼ ମାରିଥିବା ଅସାମାଜିକ ବ୍ୟକ୍ତିମାନଙ୍କର ଗିରଫ ଦାବିକରି ଡି.ଜି.ଙ୍କୁ କମିଶନର ଏସ୍. ଦେବଦତ୍ତସିଂଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଓଡ଼ିଶା ଦୁଗ୍ଧଚାଷୀ ମହାସଂଘର ରାଜ୍ୟ ଅଧ୍ୟକ୍ଷ ରବି ବେହେରାଙ୍କ ନେତୃତ୍ୱରେ ସର୍ବଶ୍ରୀ ନୃସିଂହ ବେହେରା, ମାମିନା ବେହେରା, ନାରାୟଣ ଡାଲୁଆ, ପୀତାମ୍ବର ବେହେରା ଓ ନାରାୟଣ ବେହେରା ପ୍ରମୁଖ ନେତାମାନେ କମିଶନରଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। 'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା' ଓଡ଼ିଶା ସରକାରଙ୍କର ଏକ ସଫଳ କାର୍ଯ୍ୟକ୍ରମ ହୋଇଥିବା ସତ୍ତ୍ୱେ ଗୁଣ୍ଡାମାନଙ୍କର ଆକ୍ରମଣ ଯୋଗୁଁ ଏହା ଆଜି ବିଫଳ ହେବାର ଆଶଙ୍କା ସୃଷ୍ଟି ହୋଇଛି । ଅଗଷ୍ଟ ୨୮ ତାରିଖ ରାତିରେ ବରମୁଣ୍ଡା ଓଭରବ୍ରିଜ୍ ଉପରେ ଆନ୍ଧ୍ରରୁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ହିତାଧିକାରୀମାନେ ପିକ୍‌ଅପ୍ ଗାଡ଼ିରେ ଗାଈ ଓ ବାଛୁରୀ ନେଇ ଫେରୁଥିବା ବେଳେ ୫୦ ରୁ ୬୦ ଗୁଣ୍ଡା ଶ୍ରେଣୀର ଲୋକ ଜୟ ଶ୍ରୀରାମ ଧ୍ୱନୀ ଦେଇ ଗାଡ଼ି ଗୁଡ଼ିକୁ ଅଟକାଇ ଭଙ୍ଗାରୁଜା କରିଥିଲେ ଓ ଦୁଗ୍ଧଚାଷୀମାନଙ୍କୁ ଆକ୍ରମଣ କରିଥିଲେ । ସେହି ଆକ୍ରମଣରେ ୩ଟି ପିକ୍‌ଅପ୍ ଭ୍ୟାନ୍ ଭାଙ୍ଗିଥିଲା ବେଳେ ଘଟଣାସ୍ଥଳରେ ଗୋଟିଏ କଅଁଳା ବାଛୁରୀର ମୃତ୍ୟୁ ହୋଇଥିଲା ଏବଂ ୪ଜଣ ଦୁଗ୍ଧଚାଷୀ ଆହତ ହୋଇଥିଲେ । ଖଣ୍ଡଗିରି ଥାନା ପୋଲିସ୍ ଏପର୍ଯ୍ୟନ୍ତ ମାତ୍ର ୩ଜଣ ଗୁଣ୍ଡାଙ୍କୁ ଗିରଫ କରିବାକୁ ସକ୍ଷମ ହୋଇଥିଲା ବେଳେ ଅନ୍ୟମାନେ ଫେରାର୍ ହୋଇ ବୁଲୁଛନ୍ତି ଓ ଚାଷୀମାନଙ୍କୁ ଧମକଚମକ ଦେଉଛନ୍ତି।

# ଡିଜିଟାଲ କୃଷି ସର୍ବେକ୍ଷଣ କାର୍ଯ୍ୟ ସେପ୍ଟେମ୍ବରରେ ସୁଦ୍ଧା ସାର

**ଭୁବନେଶ୍ୱର,୧୨।୯ (ମହାଭାରତ):** ରାଜ୍ୟରେ ଚାଲୁ ରହିଥିବା ଡିଜିଟାଲ କୃଷି ସର୍ବେକ୍ଷଣ-୨୦୨୫ କାର୍ଯ୍ୟ ଅଗ୍ରଗତି ସଂପର୍କରେ ଆଜି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସମୀକ୍ଷା କରିଥିଲେ। ଲୋକସେବା ଭବନରେ ଅନୁଷ୍ଠିତ ଏହି ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ଼ଃ. ଅରବିନ୍ଦ କୁମାର ପାଢ଼ୀ, କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, କୃଷି ବିଭାଗର ଅନ୍ୟ ପଦାଧିକାରୀ ଏବଂ ଓକାକର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ବୈଠକରେ ଯୋଗଦେଇଥିଲେ। ଚଳିତ ମାସ ସେପ୍ଟେମ୍ବର ୧୦ ତାରିଖ ସୁଦ୍ଧା ଡିଜିଟାଲ କ୍ରପ୍ ସର୍ଭେ କାର୍ଯ୍ୟ ଅଗ୍ରଗତି ତଥ୍ୟରୁ ଜଣାଯାଇଛି ଯେ, ରାଜ୍ୟର ୩୦ଟି ଜିଲ୍ଲାର ମୋଟ ଚିହ୍ନଟ ୨ କୋଟି ୯୪ ଲକ୍ଷ ୭୨ ହଜାର ୩୭୪ ସଂଖ୍ୟକ ପ୍ଲଟ ମଧ୍ୟରୁ ମୋଟ ୨ କୋଟି ୪୯ ଲକ୍ଷ ୮୪ ହଜାର ୫୪ଟି ପ୍ଲଟ ସର୍ବେକ୍ଷଣ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା, ଯାହାକି ମୋଟ ପ୍ଲଟ ସଂଖ୍ୟାର ୮୫ ପ୍ରତିଶତ। ଏଥିପାଇଁ ୨୮ ହଜାର ୮୬୭ ଜଣ ସର୍ଭେୟରଙ୍କୁ ନିୟୋଜିତ କରାଯାଇ ଅଦ୍ୟାବଧି ୧ କୋଟି ୫୪ ଲକ୍ଷ ୮୦ ହଜାର ୬୭୫ ଟି ପ୍ଲଟ ସର୍ବେକ୍ଷଣ କରିସାରିଛନ୍ତି। ଯାହାକି ୫୨.୫୩ % ଏବଂ ସେଥିରୁ ୪୯.୩୦% ସର୍ବେକ୍ଷଣ ଅନୁମୋଦନ କରାଯାଇଛି।




ଅନୁମୋଦନ କରାଯାଇନଥିବା ଡିଜିଟାଲ ସର୍ବେକ୍ଷଣ ମଧ୍ୟରୁ ଜଣାଯାଇଛି ଯେ, ସେଥିରେ ସର୍ବେକ୍ଷଣରେ କେତେକ ଅସାମଞ୍ଜସ୍ୟ ପରିଲକ୍ଷିତ ହୋଇଛି। ଚାଷ ଅନୁସାରେ ଜମିର ଠିକ୍ ଭାବରେ ଫଟୋ ନିଆଯାଇନଥିବା, ଫସଲ ସମୟରେ ଫଟୋ ନିଆନଯାଇ ଫସଲ ପୂର୍ବରୁ ଫଟୋ ନିଆଯାଇଥିବା, ଗୋଟିଏ ପ୍ଲଟରୁ ଫଟୋ ନିଆଯାଇ ଅନ୍ୟ ପ୍ଲଟ ତଥ୍ୟରେ ଫଟୋ ଅପଲୋଡ କରାଯାଇଥିବା, ଏକା ସର୍ବେକ୍ଷଣକାରୀ ଗୋଟିଏ ପ୍ରକାର ଫଟୋକୁ ଏକାଧିକ କେତେକ ପ୍ଲଟ ପାଇଁ ବ୍ୟବହାର କରିଥିବା, ପଡିଆ ଭୂମି ଯାଗାରେ ଧାନ ଚାଷ ହୋଇଥିବା ଦର୍ଶାଇଥିବା ଭଳି ସର୍ବେକ୍ଷଣରେ ତ୍ରୁଟି ପରିଲକ୍ଷିତ ହୋଇଥିବା ଦେଖିବାକୁ ମିଳିଛି। ଏହି ତ୍ରୁଟିକୁ ଗୁରୁତର ସହିତ ନେଇ ଏହାକୁ ସୁଧାରିବା ସହ ଏଭଳି ତ୍ରୁଟି କରିଥିବା ସର୍ଭେୟର, ସୁପରଭାଇ ତଥା ସଂପୃକ୍ତ ଅଧିକାରୀମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ସର୍ବେକ୍ଷଣ କାର୍ଯ୍ୟ ସାରିବା ଏବଂ ସୁପରଭାଇଜର ମାନଙ୍କୁ ଶତ ପ୍ରତିଶତ ସର୍ବେକ୍ଷଣ ତଦାରଖ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବ୍ଲକସ୍ତରୀୟ, ଜିଲ୍ଲାସ୍ତରୀୟ ଟିମକୁ ଦିଆଯାଇଥିବା ନିର୍ଦ୍ଦେଶନାମା ଅନୁସାରେ ସର୍ବେକ୍ଷଣ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି କୌଣସି ସ୍ଥଳରେ ସର୍ବେକ୍ଷଣରେ ତଥ୍ୟରେ ମିଥ୍ୟା ବା ଠକେଇ କରାଯାଇଥିବା ଜଣାପଡେ, ସେହି ସର୍ଭେୟର ମାନଙ୍କୁ ସେମାନଙ୍କର ପ୍ରାପ୍ୟ ମିଳିବ ନାହିଁ ଓ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଥିବା କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଜଣାଇଛନ୍ତି।

ଆହୁରି ମଧ୍ୟ ଯଦି ତ୍ରୁଟି କରିଥିବା କୌଣସି ସର୍ଭେୟରଙ୍କୁ ସର୍ବେକ୍ଷଣ ବାବଦରେ ଟଙ୍କା ପ୍ରଦାନ କରାଯାଇଥିବା ଜଣାପଡେ, ତେବେ ସଂପୃକ୍ତ ସୁପରଭାଇଜର ଓ ଅନ୍ୟ ସଂପୃକ୍ତ ଅଧିକାରୀଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୃଷି ବିଭାଗ ସଚିବ ପ୍ରକାଶ କରିଛନ୍ତି। କୃଷି ବିଭାଗ ନିର୍ଦ୍ଦେଶାଳୟ ସ୍ତରରେ ଗୁଣାତ୍ମକ ତଥ୍ୟ (ଡାଟା) ବିଶ୍ଳେଷଣ କରାଯାଉଛି ଏବଂ ଯଦି ଅନୁମୋଦିତ ସର୍ବେକ୍ଷଣରେ କୌଣସି ଠକେଇ ପୂର୍ଣ୍ଣ ତଥ୍ୟ ଚିହ୍ନଟ ହୁଏ, ତେବେ କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ନିଆଯିବ ବୋଲି ବିଭାଗୀୟ ପ୍ରମୁଖ ଶାସନ ମଧ୍ୟ ସୂଚନା ଦେଇଛନ୍ତି। ଡିଜିଟାଲ କୃଷି ସର୍ବେକ୍ଷଣ କାର୍ଯ୍ୟ ଅଗ୍ରଗତି ସଂପର୍କରେ ମୁଖ୍ୟ ଶାସନ ସଚିବ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳଙ୍କ ସହିତ ଆଲୋଚନା ପୂର୍ବକ ସ୍ଥିତି ଅନୁଧ୍ୟାନ କରି ଆବଶ୍ୟକ ପରାମର୍ଶ ଓ ନିର୍ଦ୍ଦେଶ ଦେଇଥିଲେ। ବେନିୟମ ସର୍ବେକ୍ଷଣ କରିଥିବା ସର୍ବେକ୍ଷଣକାରୀ ଏବଂ ସୁପରଭାଇଜରଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସେ ନିର୍ଦ୍ଦେଶ ଦେବା ସହ ଜିଲ୍ଲାପାଳମାନଙ୍କୁ ନିୟମିତ ସମୀକ୍ଷା ଓ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ଦୁର୍ନୀତି ରୋକିବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର,୧୨।୯ (ମହାଭାରତ):** ଦୁର୍ନୀତି ରୋକିବା ଦିଗରେ ପ୍ରଶାସନିକ ବ୍ୟବସ୍ଥାର ସୁଦୃଢ଼ୀକରଣ ଏବଂ ପ୍ରତିକାରାତ୍ମକ ସତର୍କତା ଅବଲମ୍ବନ ସଂପର୍କରେ ରାଜ୍ୟ ମୁଖ୍ୟ ଶାସନ ଶ୍ରୀ ମନୋଜ ଆହୁଜା କଡ଼ା ଆଭିମୁଖ୍ୟ ଗ୍ରହଣ କରି ଏ ସଂପର୍କରେ ଦୃଢ଼ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟ ଶାସନ ସଚିବ ଏ ସଂପର୍କରେ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, ରାଜ୍ୟ ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟର ମହା ନିର୍ଦ୍ଦେଶକ, ସମସ୍ତ ବିଭାଗର କମିଶନର ତଥା ଶାସନ ସଚିବ, ସମସ୍ତ ରାଜସ୍ୱ ଆୟୁକ୍ତ ଏବଂ ଜିଲ୍ଲାପାଳମାନଙ୍କୁ ଉଲ୍ଲେଖିତ ଏକ ପତ୍ରରେ ଜଣାଇଛନ୍ତି ଯେ, ରାଜ୍ୟ ସରକାର ସ୍ୱଚ୍ଛ, ପାରଦର୍ଶୀ ଓ ନାଗରିକକେନ୍ଦ୍ରିକ ପ୍ରଶାସନ ପ୍ରତି ପ୍ରତିବଦ୍ଧ। ନିକଟରେ ଦୁର୍ନୀତି ନିବାରଣ ବିଭାଗଦ୍ୱାରା ଚିହ୍ନଟ ହୋଇଥିବା ଦୁର୍ନୀତି ମାମଲାଗୁଡ଼ିକ ସୂଚାଉଛି ଯେ, ଏ କ୍ଷେତ୍ରରେ ସକ୍ରିୟ ଓ ନିରନ୍ତର ଧ୍ୟାନ ଦେଇ ପ୍ରତିକାରାତ୍ମକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି । କେବଳ ଦୋଷୀଙ୍କୁ ଦଣ୍ଡ ଦେବା କାର୍ଯ୍ୟାନୁଷ୍ଠାନ ଦ୍ୱାରା ଏହାର ସମାଧାନ ହୋଇପାରିବ ନହିଁ ; ବରଂ ଦୁର୍ନୀତିର ମୂଳ କାରଣଗୁଡ଼ିକୁ ପ୍ରଶାସନିକ, ଆଇନଗତ, ସାମାଜିକ, ଆର୍ଥିକ ଓ ଶିକ୍ଷାମୂଳକ ପଦକ୍ଷେପ ମାଧ୍ୟମରେବ୍ୟବସ୍ଥାଗତ ପ୍ରଣାଳୀରେ ଦୂର କରିବା ପାଇଁ ସୁଦୃଢ଼ ପଦକ୍ଷେପ ଆବଶ୍ୟକ।

ଏ ସଂପର୍କରେ "ସନ୍ଥାନମ କମିଟି" ସୁପାରିଶ ଅନୁସାରେ ବିଭାଗମାନେନିଜେ ନିଜେ ସମ୍ବେଦନଶୀଳ କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରି, ମାମଲା ସୃଷ୍ଟି ହେବା ପୂର୍ବରୁସେଥିପ୍ରତି ଆଗୁଆ ପଦକ୍ଷେପ ନେବା ବିଶେଷ ଗୁରୁତ୍ୱ ରଖୁଛି । ପ୍ରତିରୋଧାତ୍ମକଦୁର୍ନୀତି ନିବାରଣ ସଚେତନତା ମାଧ୍ୟମରେ ଅଧିକ ନିୟାମକତା, ଇଚ୍ଛାଧୀନ କ୍ଷମତା, ସେବା ପ୍ରଦାନରେ ଏକାଧିକାର, ଦୁର୍ବଳ ଅଭିଯୋଗ ଶୁଣାଣି ବ୍ୟବସ୍ଥା, ଯାଞ୍ଚ ପ୍ରଣାଳୀରେ କୋହଳ ବ୍ୟବସ୍ଥାଏବଂ ଜନସଚେତନାର ଅଭାବ ପରି ବିଷୟଗୁଡ଼ିକର ସମାଧାନ କରିପାରିବ। ଦୁର୍ନୀତି ନିବାରଣ ପ୍ରତି ଗୁରୁତ୍ୱପୂର୍ଣ୍ଣ ଧ୍ୟାନ ଆକର୍ଷଣକାରୀ କ୍ଷେତ୍ରଗୁଡ଼ିକ ମଧ୍ୟରେ : କ୍ରୟ ଏବଂ ଚୁକ୍ତି ପରିଚାଳନା, ମାନବ ସମ୍ବଳ ପରିଚାଳନା, ସେବା ପ୍ରଦାନ, ସର୍ବସାଧାରଣଙ୍କ କାର୍ଯ୍ୟ ନିରୀକ୍ଷଣ ବ୍ୟବସ୍ଥା, ବ୍ୟବସାୟ କରିବାର ସୁବିଧା (ଇଜ୍ ଅଫ୍ ଡୁଇଙ୍ଗ ବିଜନେସ)ଏବଂ 'ଜନ ବିଶ୍ୱାସ ବିଲ୍' କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦିଆଯାଇଛି ।

କ୍ରୟ ଏବଂ ଚୁକ୍ତି ପରିଚାଳନାକ୍ଷେତ୍ରରେ ଇ-କ୍ରୟ (ପ୍ରୋକ୍ୟୋରମେଣ୍ଟ), ଇ-ଟେଣ୍ଡରିଂ ଏବଂ ତୃତୀୟ ପକ୍ଷ ସାର୍ଟିଫିକେସନ୍ ଅବଲମ୍ବନ କରିବାଦ୍ୱାରା ଇଚ୍ଛାଧୀନ କ୍ଷମତାର ବ୍ୟବହାର ସମ୍ଭାବନା କମିଥାଏ ଏବଂ ସ୍ୱଚ୍ଛତା ସୁନିଶ୍ଚିତ ହୁଏ। ଉଦାହରଣସ୍ୱରୂପ, ଯେଉଁସବୁ ବିଭାଗମାନେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସମସ୍ତ ପର୍ଯ୍ୟାୟରେ ଅନଲାଇନ୍ ଟେଣ୍ଡରିଂ ବ୍ୟବହାର କରୁଛନ୍ତି, ସେଥିରେ ପକ୍ଷପାତିତା ସଂପର୍କିତ ଅଭିଯୋଗ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଥିବା ଦେଖାଯାଇଛି।

ମାନବ ସମ୍ବଳ ପରିଚାଳନାରେ ସ୍ୱଚ୍ଛତା ଅବଲମ୍ବନକୁ ଗୁରୁତ୍ୱ ଦିଆଯାଇ ଅନଲାଇନ୍ ବଦଳୀ ନୀତିର କାର୍ଯ୍ୟକାରିତା ଏବଂ ସମ୍ବେଦନଶୀଳ ପଦବୀରେ କର୍ମଚାରୀମାନଙ୍କର ପର୍ଯ୍ୟାୟକ୍ରମିକ ପରିବର୍ତ୍ତନ,ଅନୁଚିତ ଲାଭ ପ୍ରବୃତ୍ତିକୁ ନିରୁତ୍ସାହିତ କରେ। କିଛି ବିଭାଗନ୍ୟାୟସଙ୍ଗତ ଓ ସ୍ୱଚ୍ଛତାର ସହ ଅନଲାଇନ୍ ବଦଳୀ ପ୍ରଣାଳୀ ପରିଚାଳନା କରୁଛନ୍ତି, ଯାହାକି ଅନ୍ୟ ବିଭାଗମାନଙ୍କ କ୍ଷେତ୍ରରେ ମଧ୍ୟ ଅନୁସରଣ କରାଯିବା ଆବଶ୍ୟକ। ନିୟମଗୁଡ଼ିକର ସରଳୀକରଣ ଏବଂଡିଜିଟାଲ୍ ପ୍ଲାଟଫର୍ମ ବ୍ୟବହାର, ଓଡ଼ିଶା ଲୋକସେବା ଅଧିକାର ଅଧିନିୟମ,୨୦୧୨ ଅଧୀନରେ ନାଗରିକମାନଙ୍କୁ ମଧ୍ୟସ୍ଥି ବିନା ନିଜର ଅଧିକାରଗୁଡ଼ିକ ପ୍ରାପ୍ତ କରିବାରେ ସାହାଯ୍ୟ କରିଛି।

# ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ହେବେ ୧ ଲକ୍ଷ ଛାତ୍ରଛାତ୍ରୀ

**ଭୁବନେଶ୍ୱର,୧୨।୯ (ମହାଭାରତ):** ମା' ଓ ଗଛ ଉଭୟ ଆମ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ। ମା'ର ସ୍ୱାସ୍ଥ୍ୟ ପାଇଁ ପିଲାମାନେ ଯେପରି ଚିନ୍ତା କରିଥାଆନ୍ତି, ଚାରା ଲଗାଇ ଗଛ ହେବା ପର୍ଯ୍ୟନ୍ତ ସେହିଭଳି ଚିନ୍ତା କରନ୍ତୁ ବୋଲି ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ ଆହ୍ୱାନ ଦେଇଛନ୍ତି।



ଆଜି 'ଏକ୍ ପେଡ୍ ମା' କେ ନାମ-୨.୦' ଅଧିନସ୍ଥ ସେପ୍ଟେମ୍ବର ୧୭ରେ ବିଶାଳ ଚାରାରୋପଣ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ବିଭାଗ ସାମିଲ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅଧ୍ୟକ୍ଷତା କରି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀ ସାହୁ କହିଲେ ଯେ ସେପ୍ଟେମ୍ବର ୧୭ଦିନ ଓଡିଶାରେ ବିଶାଳ ଚାରାରୋପଣ ଅଭିଯାନ ଆୟୋଜିତ ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଂକ ୭୫ ତମ ଜନ୍ମଦିବସରେ ୭୫ ଲକ୍ଷ ଚାରାରୋପଣ ଅଭିଯାନର ମୂଳ ଉଦ୍ଦେଶ୍ୟ ହେଉଛି, ପରିବେଶ ସୁରକ୍ଷା, ପ୍ରକୃତି ସଂରକ୍ଷଣ ଓ ପ୍ରଧାନମନ୍ତ୍ରୀଙ୍କ ପ୍ରିୟ ରାଜ୍ୟ ଓଡିଶାକୁ ଏକ ହରିତ ଓ ସବୁଜିମାମୟ ଓଡିଶାରେ ପରିଣତ କରିବା ।

କଲେଜ ଛାତ୍ରମାନେ ଆଜିର ଯୁବଶକ୍ତି ଏବଂ ଆଗାମୀ ଭବିଷ୍ୟତରନିର୍ମାତା । ସେମାନଙ୍କର ଭୂମିକା ଏହି ଚାରାରୋପଣ ଅଭିଯାନରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପ୍ରତ୍ୟେକ କଲେଜ ଛାତ୍ର ଗୋଟିଏ ଚାରା ଲଗାଇ ସେହି ଚାରାକୁ ବଞ୍ଚାଇଲେ, ସେଥିରୁ ଲକ୍ଷାଧିକ ଗଛ ଆଗାମୀ ଦିନରେ ଆମକୁ ଛାୟା, ପାଣି, ଅମ୍ଳଜାନ ଓ ପରିବେଶର ସୁସ୍ଥତା ଦେଇପାରିବ। ଆଗାମୀ ପିଢ଼ିର ସୁସ୍ଥ ପରିବେଶ ଆମର ହାତରେ ଅଛି । ସେଥିପାଇଁ, ଆସନ୍ତୁ— ଆମେ ସମସ୍ତେ ସଙ୍କଳ୍ପ କରିବା, "ଗଛ ଲଗାଇବା, ଗଛ ବଞ୍ଚାଇବା —ହରିତ ଓଡିଶା ସୃଷ୍ଟି କରିବା ।" ଏକ ହଜାର କଲେଜର ଅନ୍ୟୁନ ଏକ ଲକ୍ଷ ଛାତ୍ରଛାତ୍ରୀ ଏହି ଚାରାରୋପଣ କାର୍ଯ୍ୟରେ ସାମିଲ ହେବେ । ପଞ୍ଚାୟତ ସ୍ତରରେ ଆଜି ସୁଦ୍ଧା ୪୦ ହଜାର ସ୍ଥାନ ସ୍ଥିରୀକୃତ ହୋଇସାରିଛି। ଜଙ୍ଗଲ ବିଭାଗର ୯୬୭ଟି ନର୍ସରୀରୁ ମାଗଣାରେ ଫଳ ଓ ଅନ୍ୟ ଉପକାରୀ ଗଛର ଚାରା ନେଇ ପଞ୍ଚାୟତ ସ୍ତରରେ ସ୍ଥିର କରାଯାଇଥିବା ୭ ହଜାରଟି ସ୍ଥାନରେ ଚାରାରୋପଣ କାର୍ଯ୍ୟ ଅନୁଷ୍ଠିତ ହେବ।ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ୍ କହିଲେ ଯେ ଏହି ଚାରାରୋପଣ କାର୍ଯ୍ୟକ୍ରମକୁ ଏକ ଗଣଆନ୍ଦୋଳନରେ ପରିଣତ କରିବାକୁ ପଡ଼ିବ। ଅନ୍ୟମାନଙ୍କ ମଧ୍ୟରେ ଉଚ୍ଚଶିକ୍ଷା ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର, କାମ୍ପାର ମୁଖ୍ୟ କାର୍ଯ୍ୟନିର୍ବାହୀ ଜି. ରାଜେଶ, ପରିବେଶ ନିର୍ଦ୍ଦେଶକ କେ. ଏସ୍. ପ୍ରଦୀପ, ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଯଜ୍ଞେଶ୍ୱର ଦଣ୍ଡପାଟ, ଏନ୍‌ଏସ୍‌ଏସ୍ କୋର୍ଡିନେଟର ରମେଶ ଚନ୍ଦ୍ର ବେହେରାଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ସୁଚିନ୍ତିତ ପରାମର୍ଶ ଦେଇଥିଲେ।

# ସୁଭଦ୍ରାରୁ ବାଦ ପଡିବେ ମୃତ ହିତାଧିକାରୀ

**ଭୁବନେଶ୍ୱର,୧୨।୯ (ମହାଭାରତ):** ମହିଳା ଓ ଶିଶୁ ବିକାଶ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ



ପ୍ରଭାତୀ ପରିଡାଙ୍କ ଅଧ୍ୟକ୍ଷତାରେ ସୁଭଦ୍ରାରୁ ବଂଚିତ ହୋଇଥିବା ହିତାଧିକାରୀମାନଙ୍କ କାରଣ ବିଷୟରେ ଏକ ସମୀକ୍ଷା ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୃତ୍ୟୁ କାରଣରୁ ବଞ୍ଚିତ ହୋଇଥିବା ୧୫, ୯୮୪ ଜଣ ହିତାଧିକାରୀଙ୍କ ତାଲିକାକୁ ଯାଞ୍ଚ କରିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ଦିଆଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଯାଂଚ ରିପୋର୍ଟ ଆଧାରରେ ମୃତ ହିତାଧିକାରୀ ସୁଭଦ୍ରାରୁ ବାଦ ପଡ଼ିବେ ବୋଲି ବୈଠକରେ ମତ ପ୍ରକାଶ ହୋଇଛି। ସେହିପରି ଭାବେ ଚାରିଚକିଆ ଯାନ ଥିବା ହିତାଧିକାରୀଙ୍କ ତାଲିକାକୁ ବାଣିଜ୍ୟ ଓ ପରିବହନ ବିଭାଗକୁ ଯାଂଚ ପାଇଁ ପ୍ରଦାନ କରାଯାଇଛି। ଜମି ବାବଦୀୟ ହିତାଧିକାରୀଙ୍କ ତାଲିକାକୁ କ୍ଷେତ୍ର ଅନୁଧ୍ୟାନ କରାଯିବ ବୋଲି ବୈଠକରେ ମତ ପ୍ରକାଶ ପାଇଛି। ବୟସାଧିକ ହିତାଧିକାରୀଙ୍କ ଆଧାରକୁ ପୁନର୍ବାର ଯାଂଚ କରିବା ପରେ ବାଦ ପଡ଼ିଥିବା ଯୋଗ୍ୟ ମହିଳାଙ୍କୁ ସୁଭଦ୍ରାରେ ସାମିଲ କରାଯିବ। ବୈଠକରେ ସୁଭଦ୍ରା ଅଭିଯୋଗ ସମାଧାନ ମଡ୍ୟୁଲ କୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା, ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ, ବାଣିଜ୍ୟ ଓ ପରିବହନ ବିଭାଗ ଅଧିକାରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧିକାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅଧିକାରୀ, ଉଚ୍ଚ ଶିକ୍ଷା ବିଭାଗର ଅଧିକାରୀ, ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଅଧିକାରୀ, ସୁଭଦ୍ରା ଟିମର ଅଧିକାରୀବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ଲୋକଙ୍କ ସମସ୍ୟାର ସମାଧାନ ପାଇଁ କାର୍ଯ୍ୟ କରିବ ବିଜେପି ସରକାର

**ଭୁବନେଶ୍ୱର,୧୨।୯ (ମହାଭାରତ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସ୍ୱାଧୀନତାର ୭୮ ବର୍ଷ ପରେ ବିଜେପି ଓଡ଼ିଶାରେ ଏକାକୀ ସରକାର ଗଢ଼ିବାରେ ସଫଳ ହୋଇଛି। ସରକାର ପରିବର୍ତନ କରିବାରେ ସମସ୍ତଙ୍କ ଯୋଗଦାନ ରହିଛି। ଏଥିରେ ଯାଜପୁର ଜିଲ୍ଲାର ଭୂମିକା ସବୁଠାରୁ ଆଗରେ ରହିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ଏବେ ଲୋକଙ୍କ ସରକାର ଚାଲିଛି। ପୂର୍ବରୁ କଂଗ୍ରେସ, ବିଜେଡି ସରକାର ଓଡ଼ିଶାର ଜନସାଧାରଣଙ୍କୁ ଲୁଟି ଚାଲିଥିଲେ। ଏପରିକି ଲୋକଙ୍କ ମୌଳିକ ସମସ୍ୟାର ସମାଧାନ ମଧ୍ୟ କରିପାରି ନ ଥିଲେ। ଏସବୁ ସମାସ୍ୟାର ସମାଧାନ କରି ରାଜ୍ୟକୁ ପ୍ରଗତି ପଥରେ ଆଗେଇ ନେବାକୁ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଯାଜପୁର ଜିଲ୍ଲା ଗସ୍ତର ଦ୍ୱିତୀୟ ଦିନରେ ଦଶରଥପୁର ବ୍ଲକର ନନ୍ଦୀପୁରଠାରେ ଅନୁଷ୍ଠିତ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗ ଦେଇ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ଯାଜପୁର ଜିଲ୍ଲା ହେଉଛି ସମ୍ଭାବନାର ଜିଲ୍ଲା। ଏଠାରେ ଖଣିଖାଦନ ଭରପୁର ରହିଛି। ନଦୀଠାରୁ ଆରମ୍ଭ କରି କୃଷି



ପର୍ଯ୍ୟନ୍ତ ସବୁ ସୁବିଧା ରହିଛି। ଯାଜପୁର ଜିଲ୍ଲାର କଳିଙ୍ଗ ନଗରରେ ଅନେକ ଶିଳ୍ପସଂସ୍ଥା ରହିଛି। ଏଠାରେ କୃଷିଭିତିକ ଶିଳ୍ପଠାରୁ ଆରମ୍ଭ କରି ଓ ପର୍ଯଟନ ଶିଳ୍ପର ବିକାଶ ହୋଇପାରିବ। ଏହି ଜିଲ୍ଲାକୁ ୧ ନମ୍ବର କରି ଗଢ଼ି ତୋଳିବାକୁ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ। ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିସହ ୨୦୪୭ରେ ବିକଶିତ ଭାରତ ଗଠନରେ ଓଡ଼ିଶାର ଯେପରି ସବୁଠାରୁ ଅଧିକ ଯୋଗଦାନ ଦେଇପାରିବ ସେଥିପାଇଁ ଆମ ସମସ୍ତଙ୍କୁ ପ୍ରୟାସ କରିବାକୁ ପଡ଼ିବ। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଓଡ଼ିଶା ଦେଶରେ ୧ନଂ. ରାଜ୍ୟ ହୋଇପାରିବ। ତାଙ୍କର ଯେଉଁ ଭରସା ଓ ବିଶ୍ୱାସ ରହିଛି ତାହାକୁ ରାଜ୍ୟ ସରକାର ନିଶ୍ଚିନ୍ତ ପୂରଣ କରିବେ ବୋଲି ଶ୍ରୀ ସାମଲ କହିଛନ୍ତି। ଏହି ଅବସରରେ ମନ୍ତ୍ରୀ ପଦୀପ ବଳସାମନ୍ତ, ସାଂସଦ ରବିନ୍ଦ୍ର ନାରାୟଣ ବେହେରା, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ବଡ଼ଚଣା ବିଧାୟକ ଅମର କୁମାର ନାୟକ, କୋରେଇ ବିଧାୟକ ଆକାଶ ଦାସ ନାୟକ, ଯାଜପୁର ଜିଲ୍ଲା ସଭାପତି ଦେବଜାନୀ ପ୍ରଧାନ୍‌ଙ୍କ ସମେତ ବହୁ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ।

# ବଣ୍ଡାଘାଟିରେ ବିକାଶ କାର୍ଯ୍ୟର ସମୀକ୍ଷା କଲେ ରାଜ୍ୟପାଳ

**ଭୁବନେଶ୍ୱର,୧୨।୯ (ମହାଭାରତ):** କୋରାପୁଟରୁ ସ୍ୱତନ୍ତ୍ର କାର ଯୋଗେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ବୁଧବାର ପ୍ରଥମ ଥର ପାଇଁ ମାଲକାନଗିରି ଜିଲ୍ଲାର ଖଇରପୁଟ ବ୍ଲକ ଅନ୍ତର୍ଗତ ମୁଦୁଲିପଡା ପଞ୍ଚାୟତର ବଣ୍ଡାଘାଟି ଗସ୍ତ କରିଛନ୍ତି। ରାଜ୍ୟପାଳ ଡ. କମ୍ଭମପାଟି ମାଲକାନଗିରି ଜିଲ୍ଲାର ପ୍ରବେଶ ଦ୍ୱାର ଗୋବିନ୍ଦପାଲି ଠାରେ ପହଁଚିବା ପରେ ତାଙ୍କୁ ମାଲକାନଗିରି ବିଧାୟକ ନରସିଂହ ମାଡକାମି, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ , ଏସପି ବିନୋଦ ପାଟିଲ, ଡିଏଫଓ ସାଇ କିରନ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ବନ ବିଭାଗ ଡାକ ବଙ୍ଗଳାକୁ ପାଛୋଟି ନେଇଥିଲେ । ଏହା ପରେ ରାଜ୍ୟପାଳ ଖଇରପୁଟ ବ୍ଲକ ଅନ୍ତର୍ଗତ ମୁଦୁଲିପଡା ବଣ୍ଡାଘାଟି ଗସ୍ତ କରିଥିଲେ । ଘାଟିରେ ପହଁଚିବା ପରେ ବଣ୍ଡା ପୁରୁଷ ଓ ମହିଳାମାନେ ରାଜ୍ୟପାଳଙ୍କୁ ପାରମ୍ପରିକ ସଙ୍ଗୀତ ଓ ନୃତ୍ୟ ମାଧ୍ୟମରେ ସ୍ୱାଗତ ଜଣାଇ ଫୁଲ ମାଳ ଦେଇ ପବିତ୍ର ସୀତାକୁଣ୍ଡ ଓ ଶ୍ରୀରାମ ମନ୍ଦିର ପର୍ଯ୍ୟନ୍ତ ପାଛୋଟି ନେଇଥିଲେ ।

ରାଜ୍ୟପାଳ ପବିତ୍ର ସୀତାକୁଣ୍ଡ ପରିଦର୍ଶନ କରି ଏହାର ବିକାଶ କିପରି କରାଯିବ ସେଥି ପ୍ରତି ଗୁରତ୍ୱ ଦେଇଥିଲେ। ବଣ୍ଡା ଉନ୍ନୟନ ସଂସ୍ଥା ପରିଦର୍ଶନ କରି ଆଦିମ ବଣ୍ଡା ଜନଜାତିଙ୍କ ପାଇଁ ସଂସ୍ଥା ଦ୍ୱାରା କିପରି ବିକାଶ କରାଯାଉଛି ସେ ସମ୍ପର୍କରେ ପଚାରି ବୁଝିଥିଲେ। ବଣ୍ଡା



ଦକ୍ଷତା ବିକାଶ, ଟେଲରିଙ୍ଗ ୟୁନିଟ, ମଲ୍ଟି ପ୍ରୋସେସିଙ୍ଗ ୟୁନିଟ, ଆଦିମ ବଣ୍ଡା ଜନଜାତିଙ୍କ ପାରମ୍ପରିକ ବସ୍ତ୍ର, ଅଳଂକାର ନିର୍ମାଣ କାରୁକାର୍ଯ୍ୟ ଦେଖିବା ସହିତ ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟା ଓ ଆଦିମ ବଣ୍ଡା ଜନଜାତିଙ୍କ ସହ ବାର୍ତ୍ତାଳାପ କରି ସେମାନଙ୍କର ସୁବିଧା ଅସୁବିଧା କଥା ପଚାରି ବୁଝିଥିଲେ।

ବିଡିଏ ପରିସରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପିଏମ୍ ଜନମନ୍, ଜଙ୍ଗଲ ଜମି ପଟ୍ଟା, ୮୦ ବର୍ଷରୁ ଉର୍ଦ୍ଧ୍ୱ ପେନସନ ହିତାଧୀକାରୀ, ସ୍ୱୟଂସହାୟକ ଗୋଷ୍ଠୀ, ଆଶା ଓ ଅଙ୍ଗନୱାଡ଼ି କର୍ମୀ, ଯୁବ ସ୍ୱେଚ୍ଛାସେବୀ ଓ ଲକ୍ଷପତି ଦିଦି ହିତାଧିକାରୀଙ୍କ ସହ ରାଜ୍ୟପାଳ ଆଲୋଚନା କରିଥିଲେ। ସେହିପରି ୧୫ ଜଣ ଆଦିମ ବଣ୍ଡା ଓ ୧୧ ଜଣ ଦିଦାୟୀ ସମ୍ପ୍ରଦାୟର ହିତାଧୀକାରୀଙ୍କୁ ରାଜ୍ୟପାଳ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିଥିଲେ। ସାମାଜିକ ସୁରକ୍ଷା ଯୋଜନା ଅଧୀନରେ ଜଣେ ହିତାଧୀକାରୀଙ୍କୁ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିବା ବେଳେ ଜଣେ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ହଜାରେ ଟଙ୍କାର ଅର୍ଥ ରାଶି ପ୍ରଦାନ କରିଥିଲେ। କୃଷି ବ୍ୟତୀତ ଗୋପାଳନ, ଛେଳି, କୁକୁଡ଼ା ଚାଷ ମାଧ୍ୟମରେ ମଧ୍ୟ ବଣ୍ଡା ଜନଜାତି ଅଧିକ ରୋଜଗାରକ୍ଷମ ହୋଇପାରିବେ ବୋଲି ରାଜ୍ୟପାଳ କହିଥିଲେ ଏବଂ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଡିଏ ଠାରେ ଆୟୋଜିତ ସାଧାରଣ ସଭାରେ ଉଦବୋଧନ ଦେଇ ବଣ୍ଡା ଘାଟିର ବିକାଶ ପ୍ରତି ଗୁରୁତ୍ୱ ଦେବା ସହ ଆଦିମ ବଣ୍ଡା ଜନଜାତିଙ୍କ ଉନ୍ନତି ପ୍ରତି ଧ୍ୟାନ ଦେବା ପାଇଁ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଥିଲେ ।

# ଚଳିତ ମାସ ନୂଆ ଅବକାରୀ ନୀତି

**ଭୁବନେଶ୍ୱର,୧୨।୯ (ମହାଭାରତ):** ଚଳିତ ମାସରେ ନୂଆ ଅବକାରୀ ନୀତି ଆଣିବେ ରାଜ୍ୟ ସରକାର। ଏନେଇ ସୂଚନା ହେଇଛନ୍ତି ଆଇନ , ପୂର୍ତ ତଥା ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି ନୂଆ ନୀତି ନେଇ ଦିନେ ଦୁଇ ଦିନ ଭିତରେ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା ହେବ। ସରକାର ସେଥିପାଇଁ ସମସ୍ତ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। ଦୁଇ ରାଜ୍ୟକୁ ଯାଇ ପ୍ରତିନିଧି ଦଳ ଅନୁଧ୍ୟାନ କରି ଫେରିଛନ୍ତି। ଚଳିତ ମାସରେ ନୂଆ ଅବକାରୀ ନୀତି କାର୍ଯ୍ୟ ଶେଷ ହେବ। ନୂଆ ନୀତିରେ ଚୋରା ମାଦକ ଦ୍ରବ୍ୟ ବିକ୍ରି ଉପରେ ରୋକ୍ ଲଗାଯିବ। ଚଢ଼ାଉ ଜୋରଦାର କରାଯାଇଛି, କଠୋର କାର୍ଯ୍ୟାନୁଷ୍ଠାନ ହେବ। ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହେବ।

# ଭାଷାକୁ ନେଇ ବିବାଦ

ଭାଷାକୁ ନେଇ ଅନେକ ସମୟରେ ବିବାଦ ଏବଂ ତିକ୍ତତା ସୃଷ୍ଟି ହୁଏ। କାରଣ ସମସ୍ତେ ନିଜ ନିଜ ଭାଷାର ଶ୍ରେଷ୍ଠତ୍ୱ ଏବଂ ମହତ୍ୱ ପ୍ରତିବରଦନ କରିବାକୁ ପ୍ରୟାସ କରନ୍ତି। ସମସ୍ତେ ନିଜ ମାତୃଭାଷାକୁ ଭଲ ପାଆନ୍ତି ଏବଂ ଏହାର ଅବମାନନାକୁ କେହି ବରଦସ୍ତ କରନ୍ତି ନାହିଁ। ନିଜ ମାତୃଭାଷାକୁ ଭଲ ପାଇବା ସ୍ୱାଭାବିକ। କିନ୍ତୁ ନିଜ ଭାଷାକୁ ଭଲ ପାଇବାର ଅର୍ଥ ନୁହେଁ ଯେ, ଅନ୍ୟ ଭାଷାକୁ ଘୃଣା କରିବା ବା ସମ୍ପୃକ୍ତ ଭାଷାଭାଷିଙ୍କୁ ଅପମାନିତ କରିବା। ଓଡ଼ିଶା ହେଉଛି ଭାରତର ପ୍ରଥମ ରାଜ୍ୟ ଯାହା ଭାଷା ଭିତ୍ତିରେ ଗଠିତ ହୋଇଛି। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପୂର୍ବରୁ ବେଙ୍ଗଲର ଅନେକ ଅସହିଷ୍ଣୁ ବ୍ୟକ୍ତି ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ ବୋଲି କହିଥିଲେ। ଓଡ଼ିଆ ଭାଷାକୁ ସ୍ୱୀକୃତି ନମିଳୁ ଏଥିପାଇଁ ପଡ଼ୋଶୀ ରାଜ୍ୟରୁ ଅନେକ ଷଡ଼ଯନ୍ତ୍ର କରିଥିଲେ। ଦକ୍ଷିଣରେ ପଡ଼ୋଶୀ ଆନ୍ଧ୍ରପ୍ରଦେଶ ବା ତତ୍କାଳୀନ ମାନ୍ଦ୍ରାଜ ପ୍ରଦେଶର ନେତୃବର୍ଗ ଓଡ଼ିଆ ଭାଷାର ବିଲୋପ ପାଇଁ ଉଦ୍ୟମ କରିଥିଲେ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପୂର୍ବରୁ ତେଲୁଗୁ ଏବଂ ବଙ୍ଗଳା ଭାଷାଭାଷି ଲୋକମାନେ ଓଡ଼ିଆ ଭାଷାର ବିଲୋପ ପାଇଁ ଅନେକ ପ୍ରୟାସ କରିଥିଲେ। କିନ୍ତୁ ତାହା ବିଫଳ ହୋଇଥିଲା। ଯଦିଓ ଅନେକ ଓଡ଼ିଆ ଭାଷାଭାଷି ଅଞ୍ଚଳ ପଡ଼ୋଶୀ ରାଜ୍ୟରେ ଚିରଦିନ ପାଇଁ ରହିଗଲା, କିନ୍ତୁ ଓଡ଼ିଆ ଭାଷାର ଅସ୍ତିତ୍ୱକୁ କେହି ଲୋପ କରିପାରିଲେନି। କାରଣ ଓଡ଼ିଆ ଭାଷା ଏକ ଅତି ପ୍ରାଚୀନ, ସମୃଦ୍ଧ ଏବଂ ଶାସ୍ତ୍ରୀୟ ଭାଷା। ଏହାକୁ କେହି ଅଣଦେଖା କରିପାରିବେ ନାହିଁ। ଓଡ଼ିଆ ଭାଷାର ସୁରକ୍ଷା ନିମନ୍ତେ ଏବେ ବି ସଂଘର୍ଷ ଚାଲିଛି। କିନ୍ତୁ ଓଡ଼ିଆ ମାନେ ନିଜ ମାତୃଭାଷାକୁ ଭଲ ପାଉଥିଲେ ମଧ୍ୟ ଅନ୍ୟ ଭାଷାଭକୁ କେବେ ଅସମ୍ମାନିତ କରନ୍ତି ନାହିଁ। କିନ୍ତୁ ଦକ୍ଷିଣ ଭାରତରେ ବିଶେଷ କରି ତାମିଲନାଡୁରେ ଭାଷାଗତ ବିବାଦ ବହୁ ପୁରୁଣା ଏବଂ ଉତ୍କଟ। ସ୍ୱାଧୀନତା ପୂର୍ବରୁ ତାମିଲ ମାନେ ଭାଷା ବିବାଦରେ ସମ୍ପୃକ୍ତ। ତାମିଲ ଏକ ସମୃଦ୍ଧ ଭାଷା। ଏହାକୁ କେହି ଅସ୍ୱୀକାର କରିପାରିବେ ନାହିଁ। କିନ୍ତୁ ତାମିଲମାନେ ବୁଝିବା ଉଚିତ ଯେ, ଭାରତରେ ଅନ୍ୟ ଭାଷା ମଧ୍ୟ ରହିଛି। ଏହାକୁ ମଧ୍ୟ ସ୍ୱୀକାର ତଥା ସମ୍ମାନ କରିବାକୁ ପଡ଼ିବ। ତାମିଲନାଡୁର ସରକାର ବା ସ୍ଥାନୀୟ ରାଜନୈତିକ ଦଳ ପକ୍ଷରୁ ସବୁ ବେଳେ ଅଭିଯୋଗ କରାଯାଇଆସୁଛି ଯେ, ଭାରତ ସରକାର ହିନ୍ଦୁ ଭାଷାକୁ ସେମାନଙ୍କ ଉପରେ ଲଦି ଦେଉଛନ୍ତି। ଏହି ଅଭିଯୋଗ ସମ୍ପୂର୍ଣ୍ଣ ନିରାଧାର ଏବଂ ସଂକୀର୍ଣ୍ଣ ଚିନ୍ତାଧାରା ସମ୍ପନ୍ନ। ତାମିଲମାନେ ହିନ୍ଦୁକୁ ଭାରତର ଜାତୀୟ ଭାଷା ଭାବେ ସ୍ୱୀକାର କରନ୍ତି ନାହିଁ। ସେମାନେ ସଂସ୍କୃତକୁ ଏକ ମୃତ ଭାଷା ବୋଲି କହନ୍ତି। କିନ୍ତୁ ଏକ ବିଦେଶୀ ଭାଷା ଇଂରାଜୀକୁ ସେମାନେ ଭଲ ପାଆନ୍ତି ଏବଂ ଏହାକୁ ଗ୍ରହଣ କରନ୍ତି। ଏହା ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ। ତାମିଲ, କନ୍ନଡ଼, ମାଲୟଲାମ ଏବଂ ତେଲୁଗୁ ସମ୍ପ୍ରଦାୟର ଲୋକେ ଦେଶର ବିଭିନ୍ନ ରାଜ୍ୟ ତଥା ଅଞ୍ଚଳରେ ବସବାସ କରୁଛନ୍ତି । ଅନେକ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇଛନ୍ତି। କିନ୍ତୁ ସେମାନେ ନିଜ ରାଜ୍ୟରେ ଅନ୍ୟ ଭାଷା ବିଶେଷ କରି ହିନ୍ଦି ଭାଷାକୁ ପ୍ରଶ୍ରୟ ଦିଅନ୍ତି ନାହିଁ। ଇଂରାଜୀ ହେଉଛି ବିଶ୍ୱ ଭାଷା। ସେହିପରି ହିନ୍ଦି ହେଉଛି ଭାରତର ଜାତୀୟ ଭାଷା ଯାହା ସରକାରୀ ସ୍ୱୀକୃତି ପାଉ ବା ନପାଉ। ଏହି ଅପ୍ରିୟ ସତ୍ୟକୁ ସ୍ୱୀକାର କରିାକୁ ପଡ଼ିବ। ହିନ୍ଦି ଏକ ସହଜ, ସରଳ ଏବଂ ମଧୁର ଭାଷା। ଏଥିପାଇଁ ଦେଶର ସବୁ ରାଜ୍ୟରେ ଏହା ପ୍ରଚଳିତ ରହିଛି। ଭିନ୍ନ ରାଜ୍ୟକୁ ଗଲେ ଜଣେ ନିଜ କଥା ଇଂରାଜୀ ବା ହିନ୍ଦି ମଶଧ୍ୟମରେ କହିପାରିବ ଯାହା ଅନ୍ୟମାନେ ବୁଝିବାକୁ ସକ୍ଷମ ହେବ। ହିନ୍ଦି ଭାଷା ବୁଝିବା, କହିବା ଏବଂ ଲେଖିବା ସହଜ। ସମଗ୍ର ବିଶ୍ୱବାସୀ ହିନ୍ଦୀ ଫିଲ୍ମ ଦେଖନ୍ତି ଏବଂ ଏହାକୁ ଭଲ ପାଆନ୍ତି।

"

*ପୋଲିସ ପ୍ରଶାସନରେ ପ୍ରତି ଥାନାଦାରଙ୍କ ମାର୍ଫତ ରାଜକାନୁନ ବିବରଣୀ ଜଣାଇ କାମରେ ଲଗାଉଛନ୍ତି। ନେତାମାନେ ଏମ୍.ପି ହେଲେ ଦଲ୍ଲୀରେ, ଏମଏଲଏ ହେଲେ ରାଜଧାନୀରେ ରହି ତାଙ୍କର ପ୍ରତିନିଧିଙ୍କ ଦ୍ୱାରା ନିର୍ବାଚନ ମଣ୍ଡଳୀରେ ସ୍ୱ ସ୍ୱ ଇପସିତ ଉନ୍ନତିକରଣ ଫରମାନ ଲଗାଇ କାର୍ଯ୍ୟ କରୁଛନ୍ତି। ଦିଲ୍ଲୀର ବାଦଶାମାନେ ସର୍ବତ୍ର ଯିବା ସମ୍ଭବ ନଥିଲା ତାଙ୍କର ଆଦେଶରେ ଦେଶ ସାରା ବାଦଶା କାନୁନ ଜାହିରି କରୁଥିଲେ।*

# ଦୂତଙ୍କୁ କଷ୍ଟଦେବା ଶାସ୍ତ୍ର ବିରୁଦ୍ଧ

॥ ଅଜୟ କୁମାର ବେହେରା ॥

ରାମାୟଣରେ ଦୁଇଟି ଦୂତଙ୍କର ବିଶେଷ ତଥ୍ୟ ରହିଛି ପ୍ରଥମ ହନୁମାନ ଦ୍ୱିତୀୟ ଅଙ୍ଗଦ। ପ୍ରଭୁ ଶ୍ରୀରାମଙ୍କ ସେ ଥିଲେ ଦୂତ ବା ଦୌତ୍ୟ ପ୍ରତିନିଧି। ଦୁଇ ମୁଖ୍ୟଙ୍କ ମଧ୍ୟରେ ପରସ୍ପର ଭାବ ଆଦାନ ପ୍ରଦାନ କରିବା ପାଇଁ ମାଧ୍ୟମ ଏଇ ଦୂତ। ଏକ ସ୍ଥାନରୁ ଅନ୍ୟ ସ୍ଥାନ ନିଶ୍ଚେ କିଛି ଦୂର ପ୍ରତି ସ୍ଥାନରେ ଆଚରଣ ଲୋକଚାର କିନ୍ତୁ ନିୟମ କାନୁନ, ଧର୍ମାଚରଣ, କଥିତ ଭାଷା ଓ ଲିଖିତ ଭାଷା ଭିନ୍ନ ହୋଇଥାଏ। ଏକ ରାଜ୍ୟ ମଧ୍ୟରେ ଭାଷା ଭିନ୍ନ ଏବେ ଜଣାପଡୁଛି। ରାଜ୍ୟରୁ ରାଜ୍ୟାନ୍ତର ଭାଷା ମଧ୍ୟ ଏପରି ହୋଇଥାଏ। ଦେଶରୁ ଦେଶାନ୍ତର ଭାଷା ସଂସ୍କୃତି ନିଶ୍ଚେ ଭିନ୍ନ। କଟକ ଭାଷା ପଶ୍ଚିମ ଓଡ଼ିଶା ଦକ୍ଷିଣ ଓଡ଼ିଶା, ଉତ୍ତର ଓଡ଼ିଶାର କଥିତ ତଫାତ ଭାଷା ଏବେ ପଡୁଛି। ଉତ୍ତର ଭାରତର ହିନ୍ଦୀଭାଷା ମାତ୍ର ତାମିଲନାଡୁରେ ତାମିଲଭାଷା ଆନ୍ଧ୍ରରେ, କର୍ଣ୍ଣାଟକ, କେରଳରେ ମହାରାଷ୍ଟ୍ର, ଗୁଜୁରାଟରେ ଭିନ୍ନ ଭିନ୍ନ ଭାଷା। ଯଦି ଏକ ରାଜ୍ୟର ଜଣେ କର୍ତ୍ତା। ଅନ୍ୟ ରାଜ୍ୟର କର୍ତ୍ତାଙ୍କ ନିକଟକୁ କୌଣସି ସମ୍ବନ୍ଧ ସ୍ଥାପନ ପାଇଁ ଚେଷ୍ଟା କରନ୍ତି ଏପାଇଁ ସେ ଭାଷା ଜ୍ଞାତ ହେବା ଦରକାର। ଏଥିପାଇଁ ଦୋଭାଷୀ ବା ବହୁଭାଷୀ ଜ୍ଞାନ ଥିବା ବ୍ୟକ୍ତିର ଆବଶ୍ୟକ। ଯେ ଜଣଙ୍କର ଭାଷା ଅନ୍ୟ ଜଣଙ୍କୁ ବୁଝାଇବାରେ କଷ୍ଟ ହୁଏନାହିଁ। ଶ୍ରୀରାମଙ୍କ ଘର ହିନ୍ଦୀ ଭାଷୀ ଅଯୋଧ୍ୟା, ରାବଣଙ୍କର ଘର ଲଙ୍କା ଯେଉଁଠି ହିନ୍ଦୀ ଅବଧି ଭାଷା ଯାହା ତାମିଲଭାଷା ଓ ସିଂହଳୀ ଭାଷା। ଏହି କ୍ଷେତ୍ରରେ ଯାଇଥିବା ଦୂତ କେମିତି ତାଙ୍କୁ ବୁଝାଇବେ ? ଏହା ଏକ ସମୟ, ଏକ ଭାଷାର ତତସମ ଶବ୍ଦ ଅନ୍ୟଙ୍କର ବୋଧ ଭାଷାରେ ବୁଝାଇବା ପାଇଁ ଦୋଭାଷୀ କଥକଙ୍କର ନିହାତି ଦୁଇ ଭାଷାର ଅଭିଧାନ ଜ୍ଞାନ ଥିବା ଦରକାର। ଦୁଇ ରାଜ୍ୟ ବା ଦୁଇ ଦେଶର ମାଧ୍ୟମିକ ରାଜ୍ୟ ଦୁଇ ସୀମା ଭାଷା ପାଇଁ ଅନେକ ଲୌକିକ ଜ୍ଞାନ ଆହରଣ କରିଥାନ୍ତି। ଏ ସମୟରେ ଶୁଦ୍ଧ ହିନ୍ଦୀ ଓ ତାମିଲ ସିଂହଳୀ ଭାଷାରେ ଦୁଇ ପକ୍ଷ କଥୋପକଥନ ହେଲେ କେବେ ଭାବ ବୁଝି ହେବନାହିଁ ଏଥିପାଇଁ ଅନେକ ସ୍ଥଳରେ ମାଧ୍ୟମ ଭାଷା ଇଂରାଜୀ ରହିଛି। ଭାରତରେ ଜାତୀୟ ଭାଷା ପୂର୍ବରୁ ସଂସ୍କୃତ ଭାଷା ଥିଲା ହେଲେ ଗଣତନ୍ତ୍ର ପ୍ରାସନରେ ହିନ୍ଦୀ ଭାଷାକୁ ଜାତୀୟ ଭାଷା କରାଯାଇଛି। ଏହାବାଦ ଅନେକ ଆଞ୍ଚଳିକ ଲିଖିତ ଓ କଥିତ ଭାଷା ଅଛି, ପୂର୍ବେ ସ୍ଥିର ଲିଖିତ ଭାଷା ନଥିଲା ଓ ପ୍ରତ୍ୟେକ ଭାଷାକୁ ଅନ୍ୟ ଭାଷାରେ କିପରି ବୁଝାଯାଇ ଭାବ ପ୍ରକାଶ କରାଯାଇ ପାରିବ ଏ ସମସ୍ୟା ଥିଲା। ଅନେକ ଭାଷାରେ ଠାର ଭାଷା ଅଛି, ଆମ ଓଡ଼ିଆ ଭାଷାରେ କରଣୀ ଭାଷା ଥିଲା। ଲୋକେ ଦର୍ପଣୀ ଭାଷା ଓ ଶଶିଠାରରେ ଭାଷା ବୁଝିବା ଥିଲା। ମାତ୍ର ଆଉ ଏକ ଭାଷା ରହିଛି ଯାହା ଶଣୀରର ଅଙ୍ଗଭଙ୍ଗୀର ଭାଷା ଓ ହୃଦୟର ଭାଷା ଯେତେବେଳେ ବିଦେଶୀ ସମୁଦ୍ର ଜଳପଥରେ ଜଳଯାତ୍ରାରେ ଆସି ଭାରତ ଭୂଖଣ୍ଡରେ ପହଞ୍ଚି ଥିଲେ ସେମାନଙ୍କୁ ସାଗର ତଟଲୋକେ ଶତ୍ରୁ ଭାବି କିଛି କ୍ଷେପଣ କରି (ଇଟା, ପଥର, ଟେକା) ଫୋପାଡ଼ି ବ୍ୟସ୍ତ କରୁଥିଲେ ହେଲେ ତାଙ୍କ ପାଖରେ ରକ୍ଷା ପାଇବାକୁ ତତ୍କାଳ କିଛି ଉପାୟ ନଥିଲା ସେମାନେ ସଙ୍ଗରେ ନେଇ ଆସିଥିବା ଆଳୁକୁ ଫିଙ୍ଗି ଥିଲେ। ସ୍ଥାନୀୟ ବାସିନ୍ଦାମାନେ ଏହା କ'ଣ ? ଜାଣିବା ପାଇଁ ତାଙ୍କୁ ପଚାରିବା ଚେଷ୍ଟା କଲେ ତାପରେ ଆସିଲା ମିତ୍ରତା ଓ ଆଳୁର ପ୍ରୟୋଗ ଚାଷ ଇତ୍ୟାଦି।

ଏମିତି ହାକିମୀ ଚିକିତ୍ସାର ଉପକାର ନମିଳିବା ସ୍ଥଳେ ପାଶ୍ଚାତ୍ୟ କନ୍ୟାର ଦାରୁଣ ରୋଗ ଆରୋଗ୍ୟ କାରଣରୁ ଏଥିରେ ବ୍ରିଟିଶ ଦୂତମାନେ ଭାରତରେ ରାଜ୍ୟ ଅନୁକମ୍ପା ପାଇଥିଲେ।

ଚକ୍ଷୁ ଦ୍ୱାରା ଅନେକ ଭାଷା ପ୍ରେମୀଯୁଗଳ ମଧ୍ୟରେ ବୁଝାପଡ଼େ। ଅନେକ ଯୁବତୀଙ୍କୁ ଇଙ୍ଗିତ ଚକ୍ଷୁରେ ଦୁଷ୍ଟ ଅଭଦ୍ର ଯୁବକ ଦେଇଥାନ୍ତି। ତ୍ରେତା ଯୁଗରେ ଋଷିମୂନୀମାନେ ଥିଲେ। ଋଷିମାନେ ସଂସ୍କୃତ ଭାଷାରେ ସବୁ ଶାସ୍ତ୍ର ଲେଖିଛନ୍ତି ଓ ପଢୁଥିବା ବେଦ ବା ପ୍ରୟୋଗ କରୁଥିବା ବେଦମନ୍ତ୍ର ସଂସ୍କୃତରେ ଥିଲା ସେମାନେ ତାଙ୍କର ଛାତ୍ର ମାନଙ୍କୁ ସଂସ୍କୃତ ମାର୍ଫତ ପଢ଼ାଉଥିଲେ। ଏମିତିକି ଶ୍ରୀରାମ ଓ ତାଙ୍କର ଭାଇମାନେ ସଂସ୍କୃତରେ ପଢ଼ିଛନ୍ତି। ରାବଣ, କୁମ୍ଭକର୍ଣ୍ଣ, ବିଭୀଷଣ ଆଦି ଋଷିକୁମାର, ବିଶ୍ରବା ଋଷିଙ୍କର ସେମାନେ ସନ୍ତାନ ଏମାନେ ବି ସଂସ୍କୃତ ପାଠ କରିଛନ୍ତି। ହେଲେ ତାଙ୍କର ମାମୁଁଘର ଭାଷା ଥିଲା ଭିନ୍ନ ଆଚାର, ବ୍ୟବହାର, ଜୀବନଧାରଣର ମାନ ଥିଲା ଭିନ୍ନ ଖାଦ୍ୟ ଭକ୍ଷଣ ଥିଲା ଭିନ୍ନ। ହନୁମାନ ଜଣେ ଏମିତି ବ୍ୟକ୍ତି ସେ ପ୍ରଖ୍ୟାତ ସଂସ୍କୃତ ପଣ୍ଡିତ ଜ୍ଞାନୀ ମାନଙ୍କର ଅଗ୍ରଗଣ୍ୟ। ଅନେକ ଭାଷାରେ ଜ୍ଞାତ ଥିଲେ ହେଲେ ଏକ ଶବ୍ଦର ନାନାଦି ଅର୍ଥ ବିଶ୍ଳେଷଣ ଥିବାରୁ ରାବଣ ସହିତ ତାଙ୍କର ଯୁକ୍ତିତର୍କ ହୋଇଥିଲା। ହନୁମାନଙ୍କ ବୋଧରେ ରାବଣଙ୍କ ଭାଷା ଶୈଳୀ ପ୍ରୟୋଗ ଜାଣି ତାର ଅନେକ କଥାରେ ହଁ ଭରି ନିଜ ଲାଞ୍ଜରେ ଅଗ୍ନୀ ସଂଯୋଗ ପାଇଁ ରାଜି ହୋଇଥିଲେ ଯାହା ହନୁମାନ ଜଣେ ଦୂତ ସେ ଅବଧ୍ୟ ତାଙ୍କୁ ରାବଣ ବିକଳାଙ୍ଗ ଚେଷ୍ଟା ଭାବନା ଓଲଟ ହୋଇ ସ୍ୱର୍ଣ୍ଣଲଙ୍କା ଦଗ୍ଧୀଭୂତ ହୋଇଥିଲା। ରାବଣ ଦୂତକୁ କଷ୍ଟ ଦେଇ ଶ୍ରୀରାମଙ୍କୁ ନିଜ ବଳ ପରାକ୍ରମ ସୂଚନା ଦେବା ଚିନ୍ତା ଫସର ଫାଟି ଯାଇଥିଲା। ମନ୍ତ୍ରୀ ସଚିବ ସବୁରାଜା ପ୍ରଶାସକଙ୍କର ରହିଛି। ରାଜହତ ଅଛନ୍ତି, ରାଜ ପ୍ରତିନିଧି ଅଛନ୍ତି। ରାଜଧାନୀ ସଦାବ୍ୟସ୍ତ ରାଜା ବା ମୁଖ୍ୟ ପ୍ରଶାସକ କେବେ ସର୍ବତ୍ର ଚାହିଁଲେ ବି ଯାଇ ନପାରନ୍ତି। ଏପାଇଁ ଅତି ଦରକାରୀ କାମରେ ଚିଫ ସେକ୍ରେଟାରୀ, ଜିଲ୍ଲା କଲକ୍ଟେର, ହସିଲଦାର, ବିଡ଼ିଓଙ୍କୁ ତାଙ୍କର ଆଦେଶ ଫରମାନ ପ୍ରୟୋଗ ପାଇଁ ସଦା ଲଗାଉଛନ୍ତି। ପୋଲିସ ପ୍ରଶାସନରେ ପ୍ରତି ଥାନାଦାରଙ୍କ ମାର୍ଫତ ରାଜକାନୁନ ବିବରଣୀ ଜଣାଇ କାମରେ ଲଗାଉଛନ୍ତି। ନେତାମାନେ ଏମ୍.ପି ହେଲେ ଦଲ୍ଲୀରେ, ଏମଏଲଏ ହେଲେ ରାଜଧାନୀରେ ରହି ତାଙ୍କର ପ୍ରତିନିଧିଙ୍କ ଦ୍ୱାରା ନିର୍ବାଚନ ମଣ୍ଡଳୀରେ ସ୍ୱ ସ୍ୱ ଇପସିତ ଉନ୍ନତିକରଣ ଫରମାନ ଲଗାଇ କାର୍ଯ୍ୟ କରୁଛନ୍ତି। ଦିଲ୍ଲୀର ବାଦଶାମାନେ ସର୍ବତ୍ର ଯିବା ସମ୍ଭବ ନଥିଲା ତାଙ୍କର ଆଦେଶରେ ଦେଶ ସାରା ବାଦଶା କାନୁନ ଜାହିରି କରୁଥିଲେ। ବ୍ରିଟିଶ ରାଜ୍ୟର ପ୍ରତିନିଧି ଭାରତରେ ଲର୍ଡ଼ ଥିଲେ ଏଇ ଲର୍ଡମାନେ ଜମିଦାର ରାଜାଙ୍କ ଦ୍ୱାରା ଖଜଣା କର ଆଦାୟ କରୁଥିଲେ। ଲୋକେ ରାଜ ଭୟରେ ବାଧ୍ୟ ହୋଇ କର ବାନ୍ଧୁଥିଲେ ନ ହେଲେ କାର୍ଯ୍ୟାନୁଷ୍ଠାନ ଜମି ବା ରାଜ୍ୟ ତାଲୁକ ନିଲାମ ହେଉଥିଲା ଅତଏବ ରାଜ ପ୍ରତିନିଧି ସଦା ଥିଲେ ଏବେ ଅଛନ୍ତି। ଜଣେ ରାଜ୍ୟ ମୁଖ୍ୟଙ୍କ ଯାତ୍ରାପଥରେ ଯେତେ ନିରାପତ୍ତାରକ୍ଷୀ କାମ କରନ୍ତି ତାଙ୍କର ଆଦେଶ ଜାହିର କରିବା ପାଇଁ ସେତେ ଦରକାର ନାହିଁ। ତାପରେ ମନ୍ତ୍ରଣା ଦାତାଙ୍କୁ ମୂଳ ଆଦେଶ ଦେଇ ତାହା କେମିତି କାମ କରିବ ଏହା ତାଙ୍କ ବୁଦ୍ଧି କରାମତିରେ କହିବାକୁ ପରାମର୍ଶ ଦେଇଥାନ୍ତି। ଦୂତ ବିଶ୍ୱାସର ପାତ୍ର ବା ଯାତ୍ରୀ, ସ୍ତ୍ରୀଲୋକ ଦୂତୀ କାର୍ଯ୍ୟ କରିପାରନ୍ତି। ରାଜ ଅନ୍ତଃପୁରର ଅଳି ଅଳି ରାଜକୁମାରୀ ସହ ଭିନ୍ନ ଦେଶର ରାଜକୁମାର ସମ୍ବନ୍ଧ ଦୂତୀମାନେ କରୁଥିଲେ। ହଂସଦୂତ, ମେଘଦୂତ ସମ୍ବନ୍ଧରେ ସଂସ୍କୃତ କାବ୍ୟରେ ଉଦାହରଣ ଅଛି, ଶ୍ରୀକୃଷ୍ଣ ଶ୍ରୀରାଧାଙ୍କ ମଧ୍ୟରେ ସମ୍ବନ୍ଧ ଦୂତୀଙ୍କ ଦ୍ୱାରା ହେଉଥିଲା। ଯୋଗବଳାଙ୍କ ମଧ୍ୟରେ ଦୂତୀ ଥିଲେ। ଦୂତୀ କାର୍ଯ୍ୟରେ ମାଲୁଣୀ, ବାରିକଆଣି, ଧୋବଣୀ ବ୍ୟବହାରରେ ଆସୁଥିଲେ। ପାରାପକ୍ଷୀ ଦୂତ କାର୍ଯ୍ୟ କରିବା ସମସ୍ତେ ଜାଣନ୍ତି। ଏବେ ମଧ୍ୟ ପାରାପକ୍ଷୀ ଦୂତ କାମରେ ଆସୁଛନ୍ତି। ନିମନ୍ତ୍ରଣ କରିବା କାର୍ଯ୍ୟ ଦୂତ ଦ୍ୱାରା କରାଯାଏ ଏ କାମ ନାପିତମାନେ ତୁଲାଉ ଥିଲେ। ଡାକ ବିଭାଗ ଦୂତକାର୍ଯ୍ୟ କରୁଛନ୍ତି। ପ୍ରେରକ ଗ୍ରାହକ ମଧ୍ୟରେ ଯୋଗସୂତ୍ର ଡାକ ବିଭାଗ କରି ଆସୁଛି। ମୁଦ ଚିଠି, ଖୋଲାଚିଠି, ବେରିଂ ଚିଠି, ରେଜେଷ୍ଟ୍ରି ଚିଠି, ପାର୍ସଲ, ମନିଅର୍ଡ଼ର ସବୁ ଗ୍ରାହକ ପାଇବା ଦୂତ ଦ୍ୱାରା ହିଁ ସାଧିତ ହେଉଛି। ଏବେ ଟେଲିଗ୍ରାମ ବାର୍ତ୍ତା। ବିଲୁପ୍ତ ମାତ୍ର ଦିନେ ଟେଲିଗ୍ରାମ ନେଇ ବାର୍ତ୍ତାବହ ମାନେ ଉଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଦେଉଥିଲେ। ଯୁଦ୍ଧ ଭୂମିରେ କୂଟନୀତି ପ୍ରୟୋଗ ପାଇଁ ଦୂତ ପ୍ରେରଣ ହୁଏ। ଏହି ଦୂତମାନେ ମଧ୍ୟ ରକ୍ତପାତ ସମୟ ଅର୍ଥ କ୍ଷୟ, ବଳ କ୍ଷୟରୁ ତ୍ରାହି କରିପାରନ୍ତି। ମନ୍ତ୍ରପୁତ ତୀର ବି ଦୂତ କାମ କରେ । ତରଣୀ ସେନ ଓ ଶ୍ରୀରାମଙ୍କ ପ୍ରଥମ ତୀର ଏପରି ପ୍ରୟୋଗରେ ଥିଲା।

ଏସମୟରେ ମୋବାଇଲ ଫୋନ ଏ କାର୍ଯ୍ୟ ତୁଲାଉଛନ୍ତି ହେଲେ ଏଥିରେ ଗୋପନୀୟତାର ବିଶ୍ୱାସ ଲୁଟ ସମ୍ଭବନା ଆସିଗଲାଣି। ଯୁଗେ ଯୁଗେ ବିଶ୍ୱାସ ଘାତକ ଅଛନ୍ତି। ମନୁଷ୍ୟ ସ୍ୱ ସ୍ୱାର୍ଥ ପାଇଁ ପିଶାଚ ରାକ୍ଷସ ସମୟକୁ ହୋଇପାରେ ଏ ଯୁଗରେ ଏହାବାଦ ଯାଇନାହିଁ। ବିଶ୍ୱସନୀୟ ବ୍ୟକ୍ତି ବାଛିବା ଅତି କଠିନ। ତେବେ କିଛି ସତ୍ୟ ବି ରହିଛି ବୋଲି ଦୁନିଆ ତିଷ୍ଠି ରହିଛି। ଦୂତ ପ୍ରତିନିଧି ରାଜ କର୍ମଚାରୀ ରାଜାଙ୍କ ପରି ଶକ୍ତିଶାଳୀ ମୂଳ ଫାଇଲରୁ ଆଦେଶ ବିଳମ୍ବ ବା ନହୋଇ ପାରିବା ରାଜକର୍ମଚାରୀଙ୍କ ଦ୍ୱାରା ହିଁ ହୋଇପାରେ। ଫାଇଲ ଗାଏବ ଠିକ ସମୟକୁ ହୋଇପାରେ। ପୂର୍ବେ ଜାତିଆଣ ଭାବ ଟାଣ ଥିଲା, ଗ୍ରାମର ଚଉକିଆ ଜଣେ ତତ୍କାଳ ନିମ୍ନ ଜାତିର ବା ଭିନ୍ନ ଧର୍ମର ରହୁଥିଲେ ସେ ଯାଇ ଥାନାର ଦାରୋଗା ବା ମୁଖ୍ୟକର୍ତ୍ତାଙ୍କୁ ଗଣ୍ଡଗୋଳ କର୍ତ୍ତା, ଚୋର, ରାହାଜନୀକାରୀ ଅପରାଧି ଖବର ଜଣାନ୍ତି। ଥାନାରୁ ଚଉକିଆଙ୍କୁ ଆଦେଶ ମିଳିଥାଏ ଅଭିଯୁକ୍ତଙ୍କୁ ଧରି ଥାନାକୁ ନେଇଯିବା ପାଇଁ। କାହାରି ଘରକୁ ତତ୍କାଳ ଚୌକିଆ ଗଲେ ତାକୁ ଘର ଅଟକ, ଜାତି ଅଟକ, କରାଯାଉଥିଲା। ନିଆଁ, ପାଣି ବନ୍ଦ କରାଯାଉଥିଲା। ଅତଏବ କେହି ଅପରାଧ ନକରିବା ପାଇଁ ଏକ ବଡ଼ ଉପାୟ ତତ୍କଳା ଥିଲା, ଚୌକିଆ ଗ୍ରାମକୁ ଆସିଲେ ଅତଏବ ଗ୍ରାମରେ ଜଳୁଥିଲା, ଯାହା ଏ ସମୟରେ ଖୋଦ ଏସ.ପି, ଡ଼ି.ଜି. ଆସିଲେ ବି ଏପରି ହେଉନାହିଁ। ଧର୍ମ ଭୟ ଓ ସାମାଜିକ ବନ୍ଧନ ଭୟ, ଅପରାଧିକରଣ ବିରୋଧି ଥିଲା। ରାଜ ପ୍ରତିନିଧି ଦୂତ ସମ୍ମାନନୀୟ, ପୁରାଣରେ ବିଭିନ୍ନ ପର୍ଯ୍ୟାୟରେ ଦୂତ ପ୍ରେରଣ କରାଯିବା ଉଦାହରଣ ଅଛି। ଇତିହାସରେ ଅଛି, ଏ ସମୟରେ ଏପରି ବିଭିନ୍ନ ପ୍ରକାରରେ କରାଯାଉଛି।

# କଳା ଅବତାର, ଅଂଶାବତାର ଓ ରାମାବତାର

॥ ଡା.ଦିଲ୍ଲୀପ କୁମାର ମହାରଣା ॥

ଭଗବାନଙ୍କର କଳା ବା ଅଂଶ ନେଇ ଯଦି କୌଣସି ଅବତାର ପୃଥିବୀରେ ଅବତୀର୍ଣ୍ଣ ହୁଅନ୍ତି ତାହେଲେ ତାଙ୍କୁ ଭଗବାନଙ୍କର କଳା ଅବତାର ବୋଲି କୁହାଯାଏ। ଭଗବାନଙ୍କର କଳା ବା ଅଂଶ ନେଇ ଯଦି କୌଣସି ଅବତାର ପୃଥିବୀରେ ଅବତୀର୍ଣ୍ଣ ହୁଅନ୍ତି ତାହେଲେ ତାଙ୍କୁ ଭଗବାନଙ୍କର କଳାବତାର ବୋଲି କୁହାଯାଏ। ଭଗବାନଙ୍କର ଯେତେ ଗୁଡ଼ିଏ ଅବତାର ଅଛି ତା ମଧ୍ୟରୁ ଅଂଶାବତାର ବା କଳାବତାର ଅଧିକ। କଳାବତାର ଓ ଅଂଶାବତାର ମଧ୍ୟରେ ସାମ୍ୟ ସୁସ୍ପଷ୍ଟ। ଏ ସମ୍ପର୍କରେ ଭାଗବତରେ ଯଥେଷ୍ଟ ଆଲୋଚନା କରାଯାଇଛି। ଭାଗବତ ଦଶମସ୍କନ୍ଦ ପଞ୍ଚମ ଅଧ୍ୟାୟ ୨୪ ପଦରେ ଶେଷନାଗଙ୍କୁ କଳାବତାର ବୋଲି ବର୍ଣ୍ଣନା କରାଯାଇଥିଲା ବେଳେ ଏକାଦଶ ସ୍କନ୍ଦ ଦ୍ୱିତୀୟ ଅଧ୍ୟାୟ ପ୍ରଥମ ପଦରେ ଅଂଶାବତାର ବୋଲି କୁହାଯାଇଛି ତେଣୁ ଅଂଶାବତାର ଓ କଳାବତାର ଭିତରେ ଶବ୍ଦର ପାର୍ଥକ୍ୟ ପରିଲକ୍ଷିତ ହେଲେ ମଧ୍ୟ ଅର୍ଥଗତ ସାମ୍ୟ ସୁସ୍ପଷ୍ଟ। କଳାବତାର ବା ଅଂଶାବତାର ପ୍ରାଚୀନତା ଦେଖିବାକୁ ଗଲେ ମନେ ହୁଏ ଯେ ଏହା ବହୁ ପ୍ରାଚୀନ କାଳରୁ ସାହିତ୍ୟର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖିତ। ସେଥିରେ ଅବତାର ସହିତ କଳାରୂପ ଓ କଳାଶକ୍ତିର ମଧ୍ୟ ବ୍ୟବହାର ହୋଇଛି।

ବିଷ୍ଣୁଙ୍କର ଅବତାର ମଧ୍ୟରେ ହେଉଛି ସପ୍ତମ ଅବତାର। ଏହି ଅବତାର ସମ୍ପୂର୍ଣ୍ଣ ମାନବ ଅବତାର। ଜଣେ ପ୍ରତାପୀ ମେଧା, ପ୍ରଜ୍ଞାଦୀପ୍ତ, ସ୍ଥିତପ୍ରଜ୍ଞା, ବିଚକ୍ଷଣ ଓ ବୀର ଭାବରେ ରାମାବତାର ଚିତ୍ରିତ ହୋଇଛି। ଧର୍ମର ପ୍ରତିଷ୍ଠା ଏବଂ ଅଧର୍ମ ବିରୁଦ୍ଧରେ ସଂଗ୍ରାମ ତଥା ଦୁଷ୍ଟ ସଂହାର ପାଇଁ ଭଗବାନ ମାନବ ଦେହରେ ଅବତୀର୍ଣ୍ଣ ହୁଅନ୍ତି। ଏହି ମୌଳିକ କାରଣ ଲାଗି ରାମଅବତାରର ପ୍ରୟୋଜନ। ଅତ୍ୟାଚାରୀ ରାବଣର ଅତ୍ୟାଚାରରେ ଜର୍ଜରିତ ଧରଣୀକୁ ଉଦ୍ଧାର କରିବା ପାଇଁ ଏବଂ ସତ୍ୟ ଧର୍ମ ନ୍ୟାୟର ପ୍ରତିଷ୍ଠା ପାଇଁ ରାବଣର ବିନାଶ ପାଇଁ ବିଷ୍ଣୁଙ୍କର ରାମଚନ୍ଦ୍ର ଅବତାର।

ପ୍ରାଚୀନ ଯୁଗଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଭାରତୀୟ ସାହିତ୍ୟରେ ଯେଉଁ ଦୁଇଜଣ କାବ୍ୟ ନାୟକ ସାହିତ୍ୟକୁ ଋଦ୍ଧିମନ୍ତ କରିପାରିଛନ୍ତି ସେମାନେ ହେଲେ ରାଘବ ଶ୍ରୀରାମଚନ୍ଦ୍ର ଏବଂ ବାସୁଦେବ ଶ୍ରୀକୃଷ୍ଣ। ଭାରତୀୟ ସଂସ୍କୃତି ମୁଖ୍ୟତଃ ଏହି ଦୁଇଜଣଙ୍କୁ କେନ୍ଦ୍ର କରି ଗତି କରିଆସିଛି। ରାମଚନ୍ଦ୍ରଙ୍କର ଅବତାରତ୍ୱ ଅପେକ୍ଷା କାବ୍ୟ ନାୟକତ୍ୱ ଅଧିକ ମାତ୍ରାରେ ପ୍ରତିପାଳିତ। କାବ୍ୟ କବିତା ଗୁଡ଼ିକରେ ତାଙ୍କର ବେଦତ୍ୱ ଅପେକ୍ଷା ମାନବୀୟ ଗୁଣାବଳୀକୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି। ତେଣୁ ରାମ ସାହିତ୍ୟ ପାଠକଲେ ପାଠକ ଭୁଲିଯାଏ ସେ ରାମଚନ୍ଦ୍ର ଜଣେ ସାଧାରଣ ମାନବ। ପାଠକ ହଜିଯାଏ କାବ୍ୟ ଭିତରେ ମଜିଯାଏ ତାର ଚରିତ୍ର ଗୁଣାବଳୀ ଗୁଡ଼ିକରେ ଭିଜିଯାଏ ତାଙ୍କର ଆଦର୍ଶ ଅନ୍ତର୍ନିହିତ ସତ୍ତା ଭିତରେ। କବି ଜଗନ୍ନାଥ ଦାସ ତାଙ୍କ 'ଟୀକା ରାମାୟଣ'ରେ ରାମଚନ୍ଦ୍ରଙ୍କର ଅବତାର ଗୁଣ ଅପେକ୍ଷା ମାନବୀୟ ଗୁଣର ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି। କବି ରାମଚନ୍ଦ୍ରଙ୍କର ଜନ୍ମ ବୃତ୍ତାନ୍ତ ଆରମ୍ଭ କରିବାକୁ ଯାଇ ବର୍ଣ୍ଣନା କରିଛନ୍ତି ଯେ ରାମଚନ୍ଦ୍ର ହେବେ ସମ୍ପୂର୍ଣ୍ଣ ମାନବ ଯେଉଁଠି ଶଙ୍ଖ, ଚକ୍ର, ଗଦା ପଦ୍ମଧାରୀ ଚତୁର୍ଭୁଜ ଅପେକ୍ଷା ଦୁଇଭୁଜଧାରୀ ମାନବ ଶକ୍ତି, ସାହାସ ସଂଗ୍ରାମର ଅଧିକାରୀ ଅପେକ୍ଷା ଏକ ସାଧାରଣ ମାନବ ରୂପରେ ଗ୍ରହଣ କରିବା ଲାଗି ରାମଚନ୍ଦ୍ରଙ୍କର ଜନ୍ମ ପଛରେ ଥିଲା ପରମବ୍ରହ୍ମଙ୍କର ପରମ ନିର୍ଦ୍ଦେଶ। ସାଧାରଣତଃ ରାବଣର ନିଧନ ହେଉ ବା ଧର୍ମ ସଂସ୍ଥାପନା ନିମିତ୍ତ ହେଉ ଏହି ସବୁ ମଧ୍ୟରେ ଗୋଟିଏ ଅଖଣ୍ଡ ଚେତନା ସ୍ରୋତ ପ୍ରବାହିତ ହେଉଛି ତାହା ହେଉଛି ଇଚ୍ଛାମୟଙ୍କର ଲୀଳା ଯାହାକି ସାଧାରଣ ମଣିଷଙ୍କର ଅପେକ୍ଷା ଏକ ଅଲୌକିକ କାର୍ଯ୍ୟ ରୂପେ ଦୃଷ୍ଟିଗୋଚର ହୋଇପାରେ। କବି ଜଗନ୍ନାଥ ଦାସ ତାଙ୍କ 'ଟୀକା ରାମାୟଣ' ରେ ରାମଚନ୍ଦ୍ରଙ୍କୁ ଏକ ମାନବୀୟ ଚରିତ ରୂପେ କଳ୍ପନା କରିଥିଲେ ହେଁ ଅନେକ ସ୍ଥଳରେ ଦର୍ଶାଇଛନ୍ତି ଯେ ରାମଚନ୍ଦ୍ରଙ୍କ ଦ୍ୱାରା ତାଡ଼କା ନିଧନ ପରେ ତାଡ଼କାର ସ୍ୱର୍ଗ ପ୍ରାପ୍ତ ହେଲା। ଏହି ଦୃଶ୍ୟ ଦେଖି ବିଶ୍ୱାମିତ୍ର ବିଶ୍ୱାସ କଲେ ଯେ ରାମଚନ୍ଦ୍ର ହିଁ ସ୍ୱୟଂ ବିଷ୍ଣୁ। ବିଷ୍ଣୁଙ୍କର ସମସ୍ତ କାର୍ଯ୍ୟ ଓ ଗୁଣାବଳୀରେ ଅନୁରଞ୍ଜିତ ତେଣୁ ବିଶ୍ୱାମିତ୍ର ଭାବିଲେ ରାମଚନ୍ଦ୍ର ସାଧାରଣ ମଣିଷ ନୁହଁନ୍ତି। ରାମ ଅବତାରର ପୂର୍ବବର୍ତ୍ତୀ ଅବତାରଗୁଡ଼ିକରେ ଭଗବାନଙ୍କର ପ୍ରକଟିତ ଲୀଳାଖେଳା ପରି ରାମ ଅବତାରରେ ମଧ୍ୟ ସେହିପରି ଲୀଳା ଖେଳା ପ୍ରକଟିତ।

ସାରଳା ମହାଭାରତର ବନପର୍ବରେ ରାମଚରିତ ସଂକ୍ଷେପ ଭାବରେ ବର୍ଣ୍ଣିତ ହୋଇଛି। ଏତଦବ୍ୟତୀତ ଭୀଷ୍ମ ପର୍ବରେ ମଧ୍ୟ ରାମ ଅବତାରର ଉଲ୍ଲେଖ ପରିଲକ୍ଷିତ ହୁଏ। ଏଥିରେ ବିଷ୍ଣୁ ରାମାବତାର ଗ୍ରହଣ କରିବା କଥା କୁହାଯାଇଛି। ଏଥିରୁ ସ୍ପଷ୍ଟ ଭାବରେ ଅନୁମତି ହୁଏ ଯେ ସାରଳା ଦାସ ରାମ ବିଷ୍ଣୁ ଓ ଜଗନ୍ନାଥଙ୍କୁ ଏକ ଓ ଅଭିନ୍ନ ବୋଲି ପରିକଳ୍ପନା କରିଛନ୍ତି। ବାଲ୍ମିକୀ ରାମାୟଣ ଓ ଜଗମୋହନ ରାମାୟଣ ରାମଚରିତ୍ରକୁ ଅନୁଧ୍ୟାନ କଲେ ସ୍ପଷ୍ଟ ଅନୁମତି ହୁଏ ଯେ ବାଲ୍ମିକୀ ରାମଚନ୍ଦ୍ରଙ୍କୁ ଦେବତା ଅପେକ୍ଷା ମାନବୀୟ ଗୁଣରେ ଭୂଷିତ କରିଥିଲାବେଳେ ବଳରାମ ଦାସ ରାମଚନ୍ଦ୍ରଙ୍କୁ ମାନବ ଅପେକ୍ଷା ଦେବତାର ଆସନ ପ୍ରଦାନ କରିଛନ୍ତି। ତେଣୁ ବଳରାମ ଦାସଙ୍କ ରାମାୟଣରେ ରାମଚନ୍ଦ୍ର ବିଷ୍ଣୁଙ୍କର ଅବତାର ରୂପରେ ପ୍ରକଟିତ। ବ୍ରହ୍ମାଙ୍କ ବଳରେ ବଳିୟାନ ରାବଣର ନିଧନ ପାଇଁ ବିଷ୍ଣୁ ରାମ ଅବତାରରେ ଆବିର୍ଭୂତ ହୋଇଛନ୍ତି। ରାମଚନ୍ଦ୍ର ଭଗବାନଙ୍କର ଏକ ଅବତାର ଏଥିରେ ସନ୍ଦେହର ଅବକାଶ ନାହିଁ। କିନ୍ତୁ ବିଭିନ୍ନ ସମାଲୋଚକଙ୍କ ଦୃଷ୍ଟିରେ ସେ ଭିନ୍ନ ରୂପ ଧାରଣ କରିଛନ୍ତି। ଏହି ଭିନ୍ନ ଭିତରେ ସେ ଅଭିନ୍ନ, ରୂପ ଭିତରେ ସେ ଅରୂପ। ଆକାର ଭିତରେ ନିରାକାର ଓ କାଳ ଭିତରେ ସେ କାଳାତୀତ।

ଶିଖରପୁର ଉପରସାହି, କଟକ,ଦୂରଭାଷ : ୮୨୮୦୯୬୩୨୮୩/ ୯୪୩୮୫୮୩୨୮୯

# ଜୀବନ ଯୁଦ୍ଧର ଲଢ଼େଇରେ ଦିବ୍ୟାଙ୍ଗ ପୁଷ୍ପଲତା

॥ ସୁଶାନ୍ତ ଭୂୟାଁ ॥

ଲିଙ୍କରୋଡ଼ର ଗଳିପୋଲରୁ ଖାନନଗର ମୁଖ୍ୟ ରାସ୍ତା ପୂର୍ବରୁ ରେଳପୋଲର କିଛି ଦୂରର ବାମ ପାର୍ଶ୍ୱରେ ନୂଆଁଣିଆ ଭଙ୍ଗା ଛପର ଘର ଭିତରେ ଦିବ୍ୟାଙ୍ଗ ପୁଷ୍ପଲତାଙ୍କ ଛୋଟିଆ ଦୋକାନଟିଏ। ଯେଉଁଥିରେ ପାଞ୍ଚ ପ୍ରାଣୀ କୁଟୁମ୍ବ ପ୍ରତିପୋଷଣ ହୁଅନ୍ତି। ପିଲାଟି ଦିନରୁ ମେଧାବୀ ଛାତ୍ରୀଟିଏ ହୋଇ ପରିବାରର ସୁଖ ଦୁଃଖରେ ସାଥି ହେବାସହ ସମାଜ ସେବା ପାଇଁ ତାଙ୍କର ବହୁତ ଇଚ୍ଛା ଥିଲା। ହେଲେ ଭାଗ୍ୟ ସାଥ ଦେଲାନାହିଁ। ପୋଲିଓର ଅଭାବନୀୟ ସ୍ୱାସ୍ଥ୍ୟ ଦୁଃଖ ତାଙ୍କ ଦୁଇ ପାଦକୁ ବାନ୍ଧିଦେଲା। ସ୍ୱର୍ଗତଃ ସୁଦର୍ଶନ ସାହୁ ଓ ମା'ବାସନ୍ତୀ ଦେବୀଙ୍କ ଝିଅ ହେଉଛନ୍ତି ପୁଷ୍ପଲତା। ତିନି ଭଉଣୀ ଓ ଗୋଟିଏ ଭାଇଙ୍କୁ ନେଇ ତାଙ୍କର ହସ ଖୁସିର ଦୁନିଆ ଭିତରେ ପୋଲିଓର ଯନ୍ତ୍ରଣାଦାୟକ ଚଡ଼କ ସମଗ୍ର ପରିବାକୁ ମ୍ରିୟମାଣ କରିଦେଲା। ସ୍ଥାନୀୟ କୁସୁମଦେବୀ ମହାବିଦ୍ୟାଳୟରୁ ଯୁକ୍ତ+୨ ପାଠପଢ଼ିଥିବା ପୁଷ୍ପଲତା ପରିବାରର ଦାନାପାଣିର ଝଡ଼କୁ ନିଜ ମୁଣ୍ଡ ଉପରକୁ ନେଇଗଲେ। ବାପାଙ୍କର ପଚାଶ ବର୍ଷର ଛୋଟିଆ ବିସ୍କୁଟ ଷ୍ଟେସନାରୀ ସହ ସରକାରୀ ସ୍ୱୀକୃତି ପ୍ରାପ୍ତ ଭାଙ୍ଗ ଦୋକାନର ଦାୟିତ୍ୱ ସେ ନେଲେ। ଇତିମଧ୍ୟରେ ଦଶ ବର୍ଷ ହେଲାଣି ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଦୋକାନରେ ସେ ଚଳତଶକ୍ତିହୀନ ହୋଇଥିବାରୁ ବସି ରହି ଦୋକାନ ଚଳାଉଛନ୍ତି। ଷୋଳବର୍ଷ ତଳୁ ରେଳବାଇର ଜାଗା ଉପରେ ତିଆରି ହୋଇଥିବା ତାଙ୍କ ଚାଳଛପର ମୁଣ୍ଡ ଗୁଞ୍ଜିବାର ଗୁଜୁରାଣର ସଂସ୍ଥାନଟି ଆଜି ଅନେକ ସମସ୍ୟା ଦେଇ ଗତି କରୁଛି। ସରକାରଙ୍କ କୌଣସି ସାହାଯ୍ୟ ସୁଯୋଗ ଏଯାବତ ସେ ପାଇନାହାଁନ୍ତି। ସରକାରୀ ଜାଗା ଉପରେ ଅସ୍ଥାୟୀ ଘରଟି କରିଥିବାରୁ ଚାଳଛପରର ଘରର ଭବିଷ୍ୟତକୁ ନେଇ ସେ ବଡ଼ ଚିନ୍ତାଗ୍ରସ୍ତ। ନିଜ ଅସୁସ୍ଥ ଓ ପରିଣତ ବୟସର ମାଆ ବାସନ୍ତୀ ଦେବୀ ଓ ତାଙ୍କର ଭଲ ମନ୍ଦ ତଥା ଦୈନନ୍ଦିନ କାର୍ଯ୍ୟ ତୁଲାଇବା ନିମିତ୍ତ ଭଉଣୀ ଲକ୍ଷ୍ମୀପ୍ରିୟା ଓ ଭିଣୋଇଙ୍କୁ ପାଖରେ ରଖିଛନ୍ତି।

ସରକାର ଦିବ୍ୟାଙ୍ଗ ମାନଙ୍କ ଥଇଥାନ ପାଇଁ ବିଶେଷକରି ମହିଳାମାନେ ଯେଉଁମାନଙ୍କ ଦାନା ପାଣିରେ ପରିବାର ପ୍ରତିପୋଷଣ ହେଉଛି ସେମାନଙ୍କ ଆର୍ଥିକ ଅଗ୍ରଗତି ଓ ଭରଣପୋଷଣ ପାଇଁ ଅନେକ ପର୍ଯ୍ୟାପ୍ତ ଯୋଜନା ରହିଛି। ବର୍ତ୍ତମାନର ରେଳବାଇର ଜାଗା ତାଙ୍କୁ ଲିଜ ସୂତ୍ରରେ ମିଳୁ ବୋଲି ତାଙ୍କର ଗୁହାରି ରହିଛି। ଭେଣ୍ଡିଂ ଜୋନଟିଏ ପାଇଲେ ନିରାପଦ ଭାବରେ ଦୁଇ ପଇସାର ଗୁଜୁରାଣ ଚଳାଇପାରିବେ। ତେବେ ତାଙ୍କର ସବୁଠାରୁ ବଡ଼ ଆବଶ୍ୟକତା ହେଉଛି ଗୋଟିଏ ତିନିଚକିଆ ଟ୍ରଲି। ସେ ଜଣେ ଚାଲିବା ପାଇଁ ଅକ୍ଷମ ହୋଇଥିବାବେଳେ ସର୍ବନିମ୍ନ ଯାତାୟତ ପାଇଁ ଟ୍ରଲି ଖଣ୍ଡେ ଅତ୍ୟନ୍ତ ପ୍ରୟୋଜନୀୟ ଓ ଗୁରୁତ୍ୱପୂର୍ଣ୍ଣ। ମେଧାବୀ ଛାତ୍ରୀଟି ହୋଇଥିବାରୁ ତାଙ୍କର ପାଠପଢ଼ା ପ୍ରତି ବହୁତ ଆଗ୍ରହ ତ ରହିଥିଲା ଯାହାର ଫଳସ୍ୱରୂପ ପ୍ରତିଦିନ ସେ ଚାରିପାଞ୍ଚଟି ଖବର କାଗଜ କିଣନ୍ତି। ଏହି ପ୍ରତିନିଧି ତାଙ୍କୁ ଭେଟିବାବେଳେ ତାଙ୍କ ପାଖରେ 'ପ୍ରଗତିବାଦୀ' ଠାରୁ ଅନ୍ୟ ଦୁଇ ତିନଟି ଖବର କାଗଜ ମଧ୍ୟ ଦେଖିବାକୁ ପାଇଥିଲେ। ଏଯାବତ କୌଣସି ସରକାରୀ ସହାୟତା ସେ ପାଇନାହାଁନ୍ତି ତାହା ହିଁ ବଡ଼ ଆଶ୍ଚର୍ଯ୍ୟର କଥା। ସ୍ଥାନୀୟ ସାଇ କମିଟି ଓ ଅଧିବାସୀ ବୃନ୍ଦଙ୍କର ତାଙ୍କ ଉପରେ ବହୁତ ଶ୍ରଦ୍ଧା ରହିଛି। ନିଜେ ଚଳତଶକ୍ତିହୀନ ହୋଇଥିଲେ ମଧ୍ୟ ନିଜ ସକ୍ଷମ ଅନୁଯାୟୀ ଯେତିକି ସମ୍ଭବ ଦାନଧର୍ମ କରନ୍ତି। ଦୋକାନକୁ ଆସୁଥିବା କୌଣସି ଗରିବ ଅସହାୟଙ୍କୁ ସେ ଯାହାବି ଟିକେ ହେଉ ଖାଲି ପେଟରେ ଫେରାନ୍ତି ନାହିଁ। ଦୋକାନର ପଛପଟେ ବୋହି ଯାଉଛି କାଠଯୋଡ଼ି ନଈ। ନଈର ଜଳଧାର ପ୍ରବାହିତ ପରି ଏପରି ଜଣେ ଚଳତଶକ୍ତିହୀନ ଅଥଚ ପରିବାର ଓ ସମାଜ ସେବାକୁ ବିନା ଦୁଃଖରେ ଆଗେଇ ନେଉଥିବା ମେହନତୀ ଝିଅଟିର ପ୍ରତିଜ୍ଞାବଦ୍ଧତା ଓ ସାଧୁ ସଚ୍ଚୋଟତା ପ୍ରଶଂସନୀୟ ନିଶ୍ଚୟ। ତାଙ୍କ ଦୋକାନରେ ଛାଡ଼ି ଯାଇଥିବା କିଛି ଅଜଣା ଲୋକଙ୍କ ମୂଲ୍ୟବାନ ସାମଗ୍ରୀ ସେ ଖୋଜିଲୋଡି ଫେରାଇଛନ୍ତି। ନାଁ ଚାହିଁଛନ୍ତି ପୁରସ୍କାର ନାଁ ପ୍ରଶଂସା। ଆଜିର ପ୍ରଚାର ସର୍ବସ୍ୱ ସମାଜ ସେବା ଯୁଗରେ ନିଜକୁ ବିଜ୍ଞପିତ କରିବା ପାଇଁ ସେ କେବେ ଚାହିଁନାହାଁନ୍ତି। ନିଜ ଆତ୍ମ ସମ୍ମାନ ଓ ସ୍ୱାଭିମାନକୁ ତଳେ ପକାଇ କାହା ପାଖରେ ହାତି ପାତି ନାହାଁନ୍ତି କି ମୁଣ୍ଡ ଝୁକାଇ ନାହାଁନ୍ତି। ପ୍ରଶାସନ ତାଙ୍କ ଅଭିଯୋଗକୁ ସହୃଦୟତାର ସହିତ ଶୁଣନ୍ତୁ। ତାଙ୍କ ନିଃସ୍ୱାର୍ଥପର ସେବା ଓ ଦିବ୍ୟାଙ୍ଗ ହୋଇ ମଧ୍ୟ ସ୍ୱାଭିମାନର ସହ ଜୀବନ ଯୁଦ୍ଧରେ ଲଢୁଥିବାର ପ୍ରତିଜ୍ଞାବଦ୍ଧତାକୁ ଶତ ସହସ୍ର ସଲାମ।



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ଜିଲ୍ଲା ଟ୍ରକ ମାଲିକ ସଙ୍ଘ ବିବାଦ : ସରକାରୀ କଳର ଅପବ୍ୟବହାର ଅଭିଯୋଗ ଭିତ୍ତିହୀନ: ମନ୍ତ୍ରୀ ସମ୍ପଦ ସ୍ୱାଇଁ

ଜଗତସିଂହପୁର/ପାରାଦୀପ, (ମହାଭାରତ) : ପାରାଦୀପରେ ଜଗତସିଂହପୁର ଜିଲ୍ଲା ଟ୍ରକ ମାଲିକ ସଂଘରେ ବିବାଦ ତୀବ୍ର ହେବାରେ ଲାଗିଛି । ସଂଘରେ ଦୀର୍ଘ ଦିନ ଧରି ଏକଚାଟିଆ ଭାବେ କାର୍ଯ୍ୟ ଚାଲିଥିବା ଅଭିଯୋଗ ହୋଇଥିବା ବେଳେ ଏହା ବିରୁଦ୍ଧରେ ପ୍ରତିବାଦ କରିଛନ୍ତି ସଂଘର ଅନେକ ସଦସ୍ୟ । ତେବେ ଏହି ପରିପ୍ରେକ୍ଷୀରେ ସଂଘର ବହୁ ସଭ୍ୟ ସ୍ଥାନୀୟ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀଙ୍କ ସହଯୋଗ ଲୋଡି ସଂଘରେ ଗଣତନ୍ତ୍ରଭ ପ୍ରତିଷ୍ଠା କରି ନିର୍ବାଚନ କରିବାକୁ ସହଯୋଗ ଲୋଡ଼ିଥିଲେ । ତେବେ ଶ୍ରମିକ ନେତା ପ୍ରକାଶଙ୍କ ସହଯୋଗରେ ଗାଡି ମାଲିକ ମାନେ ସଂଘର ନିର୍ବାଚନ ପାଇଁ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଥିଲେ । ଅଭିଯୋଗ କୁ ତର୍ଜମା କରି ଅତିରିକ୍ତ ଜିଲ୍ଲାପାଳ ସଂଘର କମିଟି କୁ ନିର୍ବାଚନ ପର୍ଯ୍ୟନ୍ତ ରଦ୍ଧ କରି ନିଜ ଅକ୍ତିଆର କୁ ନେଇଥିଲେ । ଯାହାକୁ ନେଇ ଗତ ବୁଧବାର ଦିନ ବଡ଼ପଡ଼ିଆ ମାର୍କେଟ ଦୁର୍ଗା ମଣ୍ଡପରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଟ୍ରକ




ମାଲିକ ସଂଘର ସଦସ୍ୟ ବିଜୟ ସାହୁ,ଦେବେନ୍ଦ୍ର ଦାସ, ସରୋଜ ସ୍ୱାଇଁ, କପିଳେନ୍ଦ୍ର ନାୟକ, ପ୍ରଶାନ୍ତ ସାହୁ, ପ୍ରଶାନ୍ତ ବେହେରା, ପୁରୁଷୋତ୍ତମ ନାଥ ପ୍ରମୁଖ ସ୍ପଷ୍ଟ କରିଥିଲେ କ୍ଷ ଅନ୍ୟପକ୍ଷରେ ସରକାରୀ କଳର ଅପବ୍ୟବହାର କରି ଜଗତସିଂହପୁର ଜିଲ୍ଲା ଟ୍ରକ୍ ମାଲିକ ସଂଘରେ ଅସ୍ଥିରତା ସୃଷ୍ଟି କରାଯାଉଥିବା ନେଇ ପାଲଟା ଅଭିଯୋଗ ଆଣିଛନ୍ତି ଜିଲ୍ଲା ଟ୍ରକ ସଂଘର ସମ୍ପ୍ରତି ସଭାପତି ସନ୍ତୋଷ ପଟ୍ଟନାୟକ । ଗୁରୁବାର ଦିନ ସଙ୍ଘ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଜଗତସିଂହପୁର ଜିଲ୍ଲା ଟ୍ରକ ମାଲିକ ସଂଘର ସଭାପତି ସନ୍ତୋଷ ପଟ୍ଟନାୟକ ଓ ଅନ୍ୟ କର୍ମକର୍ତ୍ତାମାନେ କହିଛନ୍ତି ଯେ ଗତ ୧୮ ବର୍ଷ ହେଲା ପ୍ରାୟ ୫ ଶହରୁ ଉର୍ଦ୍ଧ ଟ୍ରକ୍ ମାଲିକ ଶାନ୍ତି ଶୃଙ୍ଖଳାର ସହିତ ପାରାଦୀପ ବନ୍ଦରରୁ ପଣ୍ୟ ପରିବହନ କରୁଛନ୍ତି । ପାରାଦୀପରେ ଥିବା ତିନୋଟି ଟ୍ରକ୍ ମାଲିକ ସଂଘ ମଧ୍ୟରେ ଜଗତସିଂହପୁର ଜିଲ୍ଲା ଟ୍ରକ୍ ମାଲିକ ସଂଘ ମାତ୍ର ୧୫ ପ୍ରତିଶତ ପଣ୍ୟ ପରିବହନର ଅନୁମତି ପାଇଛି । କିନ୍ତୁ ଆଜି ପର୍ଯ୍ୟନ୍ତ କୌଣସି ବିଶୃଙ୍ଖଳା ସୃଷ୍ଟି ହୋଇନାହିଁ । ହେଲେ ସ୍ଥାନୀୟ ବିଧାୟକ ତଥା ଶିକ୍ଷ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଏହି ସଂଘରେ ଅସ୍ଥିରତା ସୃଷ୍ଟି କରିବାକୁ ଉଦ୍ୟମ କରୁଛନ୍ତି ବୋଲି ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି । ସଂଘର କିଛି ମାଲିକଙ୍କୁ ନେଇ ପ୍ରଶାସନ ଜରିଆରେ ସଂଘର ରେଜିଷ୍ଟ୍ରେସନ ଅବଧି ସରିଛି ଏବଂ ନିର୍ବାଚନ ହେଉନାହିଁ ବୋଲି ମିଥ୍ୟା ଅଭିଯୋଗ କରି ବିଶୃଙ୍ଖଳା କରିବାକୁ ଚେଷ୍ଟା କରାଯାଇ ସଂଘରେ ଭାଇଚାରା ନଷ୍ଟ କରିବାର ଅପଚେଷ୍ଟା କରାଯାଉଛି । ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସେମାନେ ମିଥ୍ୟା ଅଭିଯୋଗ କରି ୫ଶହରୁ ଅଧିକ ଟ୍ରକ୍ ମାଲିକଙ୍କ ପେଟକୁ ଲାତ ମାରିବାକୁ ଉଦ୍ୟମ କରାଯାଉଛି ବୋଲି ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ଯାହାର କଡ଼ା ଜବାବ ଦିଆଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି କ୍ଷ ଅନ୍ୟପକ୍ଷରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ରଖି କହିଛନ୍ତି ସଂଘ ବିବାଦ ସଂଘ ଭିତରେ । ମୋ ପାଖକୁ ଯେତେବେଳେ ଜିଲ୍ଲା ଟ୍ରକ ମାଲିକ ସଂଘର ଟ୍ରକ ମାଲିକ ମାନେ ଆସି ସଂଘରେ ଗଣତନ୍ତ୍ର ପ୍ରକ୍ରିୟାରେ ନିର୍ବାଚନ ପାଇଁ ଦାବି କରି ସହାୟତା ମାଗିଥିଲେ । ତେବେ ବର୍ତ୍ତମାନ ତାଙ୍କ ନାମରେ ଏବେ ଯେଉଁ ଅଭିଯୋଗ ଆସିଛି ତାହା ସେମାନଙ୍କର ବାଚାଳାମି ବୋଲି ମନ୍ତ୍ରୀ କହିଛନ୍ତି । ପାରାଦୀପରେ ଅନ୍ୟାୟ, ଦୁର୍ନୀତି, ଦାଦାଗିରି, ଭାଇଗିରି ଓ ମାଫିଆଗିରି ର ବିଲୋପ କରି ଏଠାରେ ଶାନ୍ତି ପ୍ରତିଷ୍ଠା ପାଇଁ ନିର୍ବାଚନରେ ଦିଆଯାଇଥିବା ପ୍ରତିଶୃତି କୁ ମୁଁ ପୂରଣ କରୁଛି । ଏଥିରେ ସେଇମାନେ ପ୍ରତିକ୍ରିୟାଶୀଳ ଯେଉଁମାନେ ଉପରୋକ୍ତ ଗୋଷ୍ଟିରେ ସମ୍ପୃକ୍ତ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ସ୍ପଷ୍ଟ କରିଛନ୍ତି ।

## ପୋଲିସ ଅଧିକାରୀଙ୍କ ବିରୁଦ୍ଧରେ ଅମାନୁସିକ ନିର୍ଯ୍ୟାତନା ଓ ଦୁର୍ବ୍ୟବହାର ଅଭିଯୋଗ



କେନ୍ଦୁଝର,(ମହାଭାରତ) : କେନ୍ଦୁଝର ଜିଲ୍ଲା ପାଟଣା ଥାନା କୁ ବିନା କାରଣରେ ଡକାଇ ଅମାନୁସିକ ନିର୍ଯ୍ୟାତନା ଓ ଦୁର୍ବ୍ୟବହାର କରାଯାଇଥିବା ନେଇ ଅଭିଯୋଗ ହୋଇଛି । ଏନେଇ ଆଜି ଖମୁଆ ଗ୍ରାମର ସରୋଜ କୁମାର ନାଏକ(୨୬) ଜିଲ୍ଲା ଆରୋକ୍ଷୀ ଅଧିକ୍ଷକ ନୀତିନ କୁଶଲ କର ଙ୍କୁ ଅଭିଯୋଗ କରିବା ପାଇଁ ଆସିଥିଲେ ହେଲେ ଉପ ମୁଖ୍ୟମନ୍ତ୍ରୀ ଙ୍କ କେନ୍ଦୁଝର ଗସ୍ତକୁ ନେଇ ଆରକ୍ଷୀ ଅଧିକ୍ଷକ ବ୍ୟସ୍ତ ଥିବାରୁ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଙ୍କୁ ତାଙ୍କର ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି । ଅଭିଯୋଗ ଅନୁଯାୟୀ,ଗତକାଲି ପାଟଣ ଥାନାର ଜନୈକ ଅଧିକାରୀ ଏକ ମିଥ୍ୟା ଅଭିଯୋଗରେ ଅପରାହ୍ନ ସାଢେ ୧୨ଟା ବେଳେ ସରୋଜ ଙ୍କୁ ଥାନାକୁ ଆସିବାକୁ କହିଥିଲେ ।ସେଠାରେ ତାଙ୍କୁ ଉକ୍ତ ଅଧିକାରୀ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ବୁର୍ବ୍ୟବହାର ପ୍ରଦର୍ଶନ କରିଥିବା ନେଇ ଅଭିଯୋଗ କରିଛନ୍ତି ସରୋଜ ।ସ୍ଥାନୀୟ ସରପଞ୍ଚ ଆସି ସରୋଜ ଙ୍କୁ ମୁକୁଳାଇଥିଲେ । ଏବଂ ଅଭିଯୋଗ ଅନୁଶାରେ ଉକ୍ତ ଅଧିକାରୀ ସବୁସମୟରେ ମଦ୍ୟପାନ କରି ଅସଞ୍ଜମ ସାବସ୍ଥାରେ ରହୁଥିବା ଦର୍ଶାଇବା ସହ ଘଟଗାଁ ରେ ଜନୈକ ଯାତ୍ରା ଅଭିନେତ୍ରୀ ଙ୍କୁ ଧରି ଅଭଦ୍ରାମି କରିଥିବାର ଭିଡେଓ ପ୍ରମାଣ ରହିଥିବା ଅଭିଯୋଗରେ ଦର୍ଶାଯାଇଛନ୍ତି । ଏହି ସବୁ ଘଟଣାର ସରଜମିନ ତଦନ୍ତ କରି ପାଟଣା ପୋଲିସ ଅଧିକାରୀ ଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସରୋଜ ତାଙ୍କ ପତ୍ରରେ ଦାବି କରିଛନ୍ତି । ଅତିରିକ ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଶ ମହାପାତ୍ର ଦାବି ପତ୍ର ରଖିବା ସହ ଏହାର ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାପାଇଁ ପ୍ରତିଶୃତି ଦେଇଛନ୍ତି । ଦାବି ପତ୍ର ପ୍ରଦାନ ସମୟରେ ସରୋଜଙ୍କ ସହ ଖମୁଆ ଗ୍ରାମର ପ୍ରାୟ ୧୦ ଜଣ ରୁ ଉର୍ଦ୍ଧ ଲୋକ ଉପସ୍ଥିତ ଥିଲେ ।

## ଶିକ୍ଷକଙ୍କ ମାଡ଼ରେ ଦୁଇ ଛାତ୍ର ଗୁରୁତର

ଦଶପଲ୍ଲା, (ମହାଭାରତ): ଦଶପଲ୍ଲା ଏନ ଏ ସି ଅନ୍ତର୍ଗତ ୧୨ନମ୍ବର ୱାର୍ଡ଼କୃଷ୍ଣଚନ୍ଦ୍ରପୁର ପାଟଣାରେ ଥିବା ସସକ୍ସେସ କୋଚିଙ୍ଗ ସେଣ୍ଟର ନାମରେ ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି । ଉକ୍ତ କୋଚିଙ୍ଗ ସେଣ୍ଟରରେ ଜଣେ ଶିକ୍ଷକ ଦ୍ୱାରା ଦୁଇଜଣ ଛାତ୍ରଙ୍କୁ ନିର୍ଦ୍ଦୟ ଭାବରେ ମାଡ଼ ମାରାଯାଇଥିବା ଖବର ମିଳିଛି । ଏହି ମାଡ଼ରେ ଦୁଇ ଛାତ୍ର ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି । ଘଟଣା ପରେ ଆହତ ଛାତ୍ରମାନଙ୍କୁ ତତ୍କ୍ଷଣାତ୍ ଦଶପଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ପରିବାରର ଲୋକ ଆଣିଥିବାବେଳେ, ସେମାନଙ୍କ ଶାରୀରିକ ଅବସ୍ଥାକୁ ଚିକିତ୍ସକମାନେ ଗୁରୁତର ବୋଲି କହିଛନ୍ତି । ଘଟଣା ସମ୍ପର୍କରେ ଛାତ୍ରମାନଙ୍କ ଅଭିଭାବକମାନେ କୋଚିଙ୍ଗ ସେଣ୍ଟର ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ସ୍ଥାନୀୟ ଲୋକଙ୍କ ମଧ୍ୟରେ ମଧ୍ୟ ଏହାକୁ ନେଇ ଅସନ୍ତୋଷ ଦେଖାଦେଇଛି । ପୋଲିସ ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ କରିଥିବାବେଳେ, ସେଣ୍ଟର ପକ୍ଷରୁ କୌଣସି ସ୍ପଷ୍ଟିକରଣ ମିଳିନାହିଁ । ଏହି ଘଟଣା ପରେ ଅଭିଭାବକମାନଙ୍କ ମଧ୍ୟରେ ଗୁରୁତର ଚିନ୍ତା ସୃଷ୍ଟି ହୋଇଛି । କୋଚିଙ୍ଗ ସେଣ୍ଟରରେ ଛାତ୍ରଙ୍କ ସୁରକ୍ଷା, ଶିକ୍ଷକଙ୍କ ବ୍ୟବହାର ଓ ପରିଚାଳନା ପ୍ରଣାଳୀ ପ୍ରତି ଗଭୀର ପ୍ରଶ୍ନ ଉଠିଛି ।

## ଚତୁର୍ଥ ରାଜ୍ୟସ୍ତରୀୟ ସିନି ଅର୍ ହକିରେ ଦେବଗଡ଼ ଜିଲ୍ଲା ଖେଳାଳି ଅଧିକାର କଲା ତୃତୀୟ ସ୍ଥାନ

ଦେବଗଡ, (ମହାଭାରତ) : ଚତୁର୍ଥ ରାଜ୍ୟ ସ୍ତରୀୟ ସିନିଅର ପୁରୁଷ ହକି ରେ ଦେବଗଡ ଜିଲ୍ଲାର ଟିମ୍ ମ୍ୟାନେଜର ପ୍ରେମ ଦୀପକ୍ ଏକା ଓ କୋଚ୍ ସୁଧୀର କୁମାର କୁଜୁର ଙ୍କ ତତ୍ତ୍ୱାବଧାନରେ ଦେବଗଡ଼ ଜିଲ୍ଲା ତୃତୀୟ ସ୍ଥାନ ଅଧିକାର କରିଛି । ତା ୬.୦୯.୨୦୨୫ ରୁ ଆରମ୍ଭ ହୋଇ ୧୧.୦୯.୨୦୨୫ ରେ ରାଉରକେଲା ଠାରେ ଉଦଯାପିତ ହୋଇଯାଇଛି । ମ୍ୟାଚ୍ ଦେବଗଡ ତାର ପ୍ରଥମ ମ୍ୟାଚ୍ ନୟାଗଡ଼ ସହିତ ଖେଳି ୫/୦ ଗୋଲ ରେ ବୀଜୟ ହୋଇ ଥିଲା ।୨ ୟ୍ ମ୍ୟାଚ୍ ରେ ପାରାଦ୍ୱୀପ ପୋର୍ଟ କୁ ୩/୦ ଗୋଲ ଦେଇ ଟୂର୍ନାମେଣ୍ଟ ର କ୍ୱାଟର ଫାଇନାଲ ଖେଳିବାର ସୁଯୋଗ ପାଇଥିଲା । ୩ ୟ ମ୍ୟାଚ୍ ରେ ଖୋର୍ଦ୍ଧା କୁ ୭/୧ ଗୋଲ ଦେଇ ସେମି ଫାଇନାଲ ଖେଳିବାର ସୁଯୋଗ ପାଇଥିଲା । ସେମି ଫାଇନାଲ ରେ ଗତ ବର୍ଷ ଚମ୍ପିଆନ୍ ସୁନ୍ଦରଗଡ ଦଳ ଠାରୁ ୨/୧ ଗୋଲ ରେ ହାରି



ଯାଇଥିଲା । ତୃତୀୟ ସ୍ଥାନ ପାଇଁ ଦେବଗଡ ଦଳ ଗାଙ୍ଗପୁର ହକି ସହିତ ଖେଳି ନିର୍ଧାରିତ ସମୟ ମଧ୍ୟରେ ୩/୩ ରେ ଡ୍ର ହୋଇ ଶେଷରେ ପେନାଲ୍ଟି ସୁଟ୍ ଆଉଟ୍ ଜରିଆରେ ୩/୨ ଗୋଲ ଦେଇ ତୃତୀୟ ସ୍ଥାନ ଅଧିକାର କରିଥିଲେ ।ଆଜି ଦେବଗଡ଼ ରେ ଦଳ ପହଞ୍ଚିବାପରେ ମାନ୍ୟବର ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ , ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ , ଅତିରିକ୍ତ ଜିଲ୍ଲାପାଳ ବେର୍‌ବ୍ବେକା ବିଲୁଙ୍ଗ, ଭାରପ୍ରାପ୍ତ ନଗରପାଳ ପ୍ରଜିତ୍ କୁମାର ଭୋଜ ,ଜିଲ୍ଲା କ୍ରୀଡ଼ା ଅଧିକାରୀ ତାପସ କୁମାର ମହନ୍ତ,ଜିଲ୍ଲା କ୍ରୀଡ଼ା ସାଧାରଣ ସମ୍ପାଦକ ଧୀରେନ୍ଦ୍ର ନାୟକ୍ ଓ ବହୁ କ୍ରୀଡ଼ା ପ୍ରେମୀ ସ୍ୱାଗତ ସମ୍ବର୍ଦ୍ଧନା କରିଥଲେ ।

## ଆଇନଜୀବୀ ପ୍ରଦୀପ୍ତ ମହାପାତ୍ରଙ୍କ ବିୟୋଗରେ ପାରାଦୀପ ବାର ଆସୋସିଏସନର ଶୋକସଭା



ପାରାଦୀପ, (ମହାଭାରତ) : ପାରାଦୀପ ବାର୍ ଆସୋସିଏସନ୍‌ର ସଦସ୍ୟ ତଥା ଆଇନଜୀବୀ ପ୍ରଦୀପ୍ତ ମହାପାତ୍ରଙ୍କ ବିୟୋଗରେ ଏକ ଶୋକସଭା ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ପାରାଦୀପ ପୋର୍ଟ କ୍ଲବ୍ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା କ୍ଷ ଆସୋସିଏସନ୍ ?ର ସଭାପତି ତଥା ଓଡିଶା ହାଇକୋର୍ଟର ଏଜିଏ ତପନ କୁମାର ଦାଶ ଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ସମ୍ପାଦକ ହେମନ୍ତ କୁମାର ସାହୁ, ବରିଷ୍ଠ ସଦସ୍ୟ ଦୂର୍ଯ୍ୟୋଧନ ରଣା, ଉପସଭାପତି କୈଳାସ ଚନ୍ଦ୍ର ସାହୁ, ରବିନ୍ଦ୍ର କୁମାର ଜେନା, ପ୍ରଶାନ୍ତ କୁମାର ଦାସ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ପ୍ରଦୀପ୍ତ ମହାପାତ୍ର ଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ କ୍ଷ ଏହି ସଭାରେ ଗୋପୀନାଥ ମଲ୍ଲ, ବରିଷ୍ଠ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ କୁମାର ମିଶ୍ର, ପ୍ରମୋଦ କୁମାର ମିଶ୍ର, ରବିନ୍ଦ୍ର ନାଥ ସ୍ୱାଇଁ, ସଞ୍ଜୀବ ଦେ, ପ୍ରିୟବ୍ରତ ଲେଙ୍କା, ଡ଼ମ୍ବରୁଧର ବିଶ୍ୱାଳ, ସଦାନନ୍ଦ ମଲ୍ଲିକ ପ୍ରମୁଖ ଯୋଗ ଦେଇ ଅମର ଆତ୍ମାର ସଦଗତି କାମନା କରିଥିଲେ ।

## ଚିଙ୍ଗୁଡ଼ିସର୍ ପଞ୍ଚାୟତର ମନରେଗା କାହାଣୀ ଯେତେ ଲେଖିଲେ ସରୁନି ଦାତାଙ୍କ ବାଣୀ

ଜୁନାଗଡ, (ମହାଭାରତ):ଜୁନାଗଡ଼ ଏକ ଜନ ବହୁଳ ବ୍ଲକ ଏହି ସୁନ୍ଦର ପଞ୍ଚାୟତ ସମିତି ଜୁନାଗଡ଼ ୩୪ ଗୋଟି ଗ୍ରାମ ପଞ୍ଚାୟତକୁ ନେଇ ଗଠିତ । ନିଜ ନିଜ କର୍ମ କ୍ଷେତ୍ରରେ ସକାଳୁ ସମସ୍ତେ ବ୍ୟସ୍ତ । ଏଠିକାର ଲୋକେ କିଏ ଚାକିରି କରୁଛନ୍ତି ତୋ କିଏ ଦୋକାନରେ କାମ କରନ୍ତି ଏବଂ କୁଲି ମଜୁରୀ କରି ପେଟ ପାଟଣା କରନ୍ତି । ୩୪ଟି ପଞ୍ଚାୟତ ମଧ୍ୟରୁ ଅନ୍ୟ ଏକ ଦୁର୍ଦ୍ଦାନ୍ତ ପଞ୍ଚାୟତ ହେଉଛି ଚିଙ୍ଗୁଡ଼ିସର ଗ୍ରାମ ପଞ୍ଚାୟତ । ଏହି ପଞ୍ଚାୟତରେ ଚିଙ୍ଗୁଡ଼ିସର, ପାଣି ଗାଁ, ପଡିଆଗଡ଼ା, ମୂର୍ଲାପଦର, ଝାରବନ୍ଦ, କେବେଟା ଗାଁ ଆଦି ୬ଟି ଗ୍ରାମରେ ୧୧ଟି ୱାର୍ଡକୁ ନେଇ ପୁରୁଷ ୨୨୨୭,ମହିଳା ୨୦୫୯ , ଜନ ସଂଖ୍ୟା ୪୨୮୮ ରହିଥିବା ବେଳେ ୫୦% ପ୍ରତିଶତ ପ୍ରାୟତଃ କୁଲି ମଜୁରୀ କରି ପେଟ ପାଟଣା କରୁଥିବା ଅନୁମାନ କରାଯାଏ । ସଂପୃକ୍ତ ଏହି ଗ୍ରାମ ପଞ୍ଚାୟତରେ ସାଧାରଣତଃ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓଡ଼ିଶା ବାଟ ମାରଣା ହେଉଥିବା ବାରମ୍ବାର ଅଭିଯୋଗ ହୁଏ । ଆର୍ଥିକ ବର୍ଷ ୨୦୨୪-୨୫ରେ ଶ୍ରମିକ ନାମରେ ଲେବର ଟଙ୍କା ୩୭୭୮୩୨ ଉଠିଥିବା ମନରେଗା ସାଇଟରୁ ଜଣା ପଡ଼ିଥିବା ବେଳେ, ମ୍ୟାଟେରିଆଲ ଖର୍ଚ୍ଚ ୨୨୧୩୦୦୦ ଟଙ୍କା ଓ ଆର୍ଥିକ ବର୍ଷ ୨୦୨୫-୨୬ ବର୍ଷ ଶ୍ରମିକ ବାବଦକୁ ଶ୍ରମିକ ବଦଳରେ ମେସିନ କାମ ଡିଫିକଲ୍ଟ ମାକରସୋଲା ପାଣି ଗାଁ ରାସ୍ତାର ଲେବର ଟଙ୍କା ୫୪୬୦ ଉଠିଲାଣି ଓ ମୂର୍ଲାପଦର ଠାରୁ ହାତୀନଦି ରାସ୍ତା ୧୬୬୫୩୦ ମଧ୍ୟ ଲେବର ଟଙ୍କା ଉଠିଛି । କାଗଜ କଲମ ଓ କମ୍ପ୍ୟୁଟରର ସ୍ଥଗିତ ଶ୍ରମିକଙ୍କ କାର୍ଯ୍ୟ । ପ୍ରାୟତଃ ଏହି ଅଞ୍ଚଳରେ ହେଇଥିବା ଓ ହେଉଥିବା ମାନରେଗା ଯୋଜନା ଶ୍ରମିକ କାମ କରିବାର ନିୟମ ରହିଥିବା ବେଳେ,୫୦% ପ୍ରତିଶତ ଜେଶିବୀ ମେସିନ ସାହାଯ୍ୟରେ କାର୍ଯ୍ୟ ହେଉଥିବା ଲୋକେ ଅଭିଯୋଗ କରନ୍ତି । ଆଉ କାମ ନ କରିଥିବା ଶ୍ରମିକ ନାମରେ ଟଙ୍କା ପୈଠ କରି ସ୍ଥାନୀୟ ପ୍ରଶାସନ ଗୋଟିଏ ବାଓମେଟିକ ମେସିନ ଦ୍ୱାରା ଘର ଘର ବୁଲି ଫିଙ୍ଗର ନେଇ ଜବ କାର୍ଡରେ ପକାଇଥିବା ଟଙ୍କା ନିଜ ଆକାଉଣ୍ଟକୁ ନିଅନ୍ତି,ଯାହା ଶ୍ରମିକ ଖାତା ବା ଜବ ଖାତା ଦିଆଯାଇଥାଏ, କାହାର ଜବ କାର୍ଡ ବା ବ୍ୟାଙ୍କ ଖାତାରେ ଟଙ୍କା ପୈଠ ହୋଇଥାଏ ତାହାର ଖାତାରେ ୨୦୦ ଟଙ୍କା ଛାଡ଼ି ଦେଇଥାନ୍ତି, ଆଉ କହନ୍ତି ଏଇଟା ତମ ଖର୍ଚ୍ଚ । ଠିକ ସେହିପରି ମନରେଗା ଯୋଜନାରେ ମ୍ୟାଟେରିଆଲ ଖର୍ଚ୍ଚ ବାବଦକୁ ପ୍ରକଳ୍ପ ଅନୁଯାୟୀ ନିର୍ଦ୍ଧାରିତ ହୋଇଥିବା ଟଙ୍କା ଟ୍ରାକ୍ଟର, ଯେସିବି,କାର୍ଯ୍ୟ ସାମଗ୍ରୀ ବାବଦକୁ କାମ ନ ହୋଇ ବିଲ କରୁଥିବା ମଧ୍ୟ ସ୍ପଷ୍ଟ ଚିତ୍ର ବାରି ହୁଏ । ସଂପ୍ରତି ଏହି ପଞ୍ଚାୟତରେ ଗତ କିଛି ଦିନ ତଳେ ଡିଫିକଲ୍ଟ ରାସ୍ତା ନିର୍ମାଣରେ ଦୁର୍ନୀତି ହେଉଥିବା ଦେଖା ଦେଇଥିଲା ଆଉ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା । ତାକୁ ନେଇ ସ୍ଥାନୀୟ ପ୍ରତିନିଧି ଦଳର ନିଦ ହଜିଥିଲା, ଖବର ପାଇ ବ୍ଲକ ପ୍ରଶାସନ ପଞ୍ଚାୟତ ପ୍ରତିନିଧିଙ୍କୁ ତାଗିଦ୍ କରିଥିଲା ।ହେଲେ କିଛି ଦିନର ବ୍ୟବଧାନ ପରେ ପୁଣି ନାରେଗା ଯୋଜନାକୁ ଖୁଲମ ଖୋଲା ନିୟମ ଉଲଂଘନ କରିଥିବା ଲୋକ ମାନଙ୍କ ମଧ୍ୟରେ ମତ ପ୍ରକାଶ ପାଇଛି । ଅନ୍ୟପକ୍ଷେ ସରକାରଙ୍କ ନିୟମ ଅନୁଯାୟୀ ଏହି ମନରେଗା ଯୋଜନା କାର୍ଯ୍ୟକୁ ପଞ୍ଚାୟତ ପ୍ରଶାସନ ଦ୍ୱାରା କାର୍ଯ୍ୟ କରିବାର ନିୟମ ରହିଥିଲେ ହେଁ, ସ୍ଥାନୀୟ ପ୍ରତିନିଧି ଠିକା ପ୍ରେମରେ ପଡ଼ି ଠିକାଦାରକୁ ଓ କାର୍ଯ୍ୟକୁ ଘଣ୍ଟ ଘୋଡାଉଥିବା ଲୋକେ କହନ୍ତି । ଏହି ଯୋଜନାର ଶିକ୍ଷକ ତଥା ଶ୍ରମିକଙ୍କ ମୁଖ୍ୟ ହେଉଛନ୍ତି ଗାଁ ସାଥୀ । ଏହି ମହାଶୟଙ୍କ ହାତରେ ରହିଥାଏ ମନରେଗାର ଶ୍ରମିକ ଉପସ୍ଥାପନା ପକାଇବା ଦାୟିତ୍ୱ ,ସରକାରଙ୍କ ମୋବାଇଲ ଆପ୍ ଯାହାର ନାମ ରହିଛି ଘଗଗଝ ଆପ୍ । ପାୟତଃ ଗାଁ ସାଥି ମହାଶୟ ବେଳେ ବେଳେ ଠିକାଦାର । ଯେମିତି ଉକ୍ତ ପଞ୍ଚାୟତର ନଦି ରାସ୍ତା ନିଜେ ଗାଁ ସାଥି ନିଜେ ଠିକାଦାର ସେଥିପାଇଁ କିଏ କହିବା ଲୋକ ନାହିଁ । 'ଟ୍ରାକ୍ଟରରେ ମୁରୁମ୍ ଆଣିଲେ ଜେସିବିରେ ବିଛାଇଲେ' ପରେ ଲୋକ ୧୦ ଜଣ ଡାକିଲେ ସାଇଜ କଲେ ହେଇଗଲା ରାସ୍ତା ପରେ ସକାଳୁ କେତେ ଜଣ ହାତ ଗଣତି ଶ୍ରମିକଙ୍କୁ ଡାକି ଶ୍ରମିକ ଉପସ୍ଥାପନା ପକାଇଲେ । କିଛି ଦିନ ପରେ ୱେଜ୍ ପେମେଣ୍ଟ ପଡ଼ିଲା ସରିଲା ମନରେଗା ରାସ୍ତା କାମ । ତେବେ ଏଠି ଜଣା ପଡୁଛି 'କିଏ କାମ କଲା କିଏ ଟଙ୍କା ପାଇଲା 'ରାସ୍ତା ନିର୍ମାଣ କେମିତି ହେଲା । ଠିକ୍ ଏହି ଭଳି ଡିଫିକଲ୍ଟ ରାସ୍ତା ଜେଷିବି ଓ ଟ୍ରାକ୍ଟରରେ ସାରିଲେ କାମ୍, ଏବେ ଗାଁ ସାଥି ମହାଶୟଙ୍କ ଚାଲିଛି ଫଟୋ ଉଠା ବା ଉପସ୍ଥାପନା ପକାଇବା ପ୍ରେମ । କାମ ଆରମ୍ଭ ପୂର୍ବରୁ ଓ ସରିବା ପର୍ଯ୍ୟନ୍ତ ଗ୍ରାମ ରୋଜଗାର ସେବକ ମୁଖ୍ୟ ଭୂମିକା କିନ୍ତୁ ଆମ (ଶକ୍ୱଶ୍ବ) ଆଜ୍ଞା ନୂଆଁ ବହୁ ଭଳି ଟିକେ ଲାଜୁଆ ପଞ୍ଚାୟତରେ ବସନ୍ତି କାର୍ଯ୍ୟ ସ୍ଥଳେ ପରିକ୍ରମା ଟିକେ କମ କରନ୍ତି,କାହା କଥାକୁ ଖାତିର କରନ୍ତି ନାହିଁ । ସ୍ଥାନୀୟ ପ୍ରତିନିଧି ଆମ କଳା ପ୍ରେମୀ ଭାଗ ବଣ୍ଟା କରିଲେ ହେଲା କାମ ହେଲେ କେତେ ନ ହେଲେ କେତେ ? ଯନ୍ତ୍ରୀ ପ୍ରଶାସନ କଥା ସମସ୍ତଙ୍କୁ ଜଣା ବାବୁ ଆମର ଫୁଲ (ଝସକ୍ତ) ବିଳମ୍ବରେ ବାହାରିବେ ଭ୍ରମଣରେ ଶିଘ୍ର ଫେରିବେ, ଆଉ ଗୋଟେ ଚାଞ୍ଚଲ୍ୟ କଥା ବାବୁ ଆମର ଫୋନ୍ କଲେ ଉଠାନ୍ତି ନାହିଁ । କାଗଜ କଲମ ଓ କମ୍ପ୍ୟୁଟର କାମ ଏହି ବାବୁ ମାନେ ଯଦି ବିଲ ନ କଲେ ପଇସା କେମିତି ମିଳିବ । କାର୍ଯ୍ୟ ଆରମ୍ଭ ପୂର୍ବରୁ ଯନ୍ତ୍ରୀ ଯାଇକି ଦେଖନ୍ତି ଓ କାମ କରିବାକୁ ନିର୍ଦ୍ଦେଶ ଦେବା ନିୟମ ଅଛି ହେଲେ, ବାବୁ ମହାଶୟ ଫଳକ ନିର୍ମାଣ କରି ସୂଚନା ଲେଖିବା କଥା କୁହନ୍ତି କି ନାହିଁ ସେଇଟା ବ୍ଲକକୁ ଜଣା । କାରଣ କାଳେ କିଏ ଜାଣିଯିବେ ଇଏ ବୋଧେ ମନରେଗା କାର୍ଯ୍ୟ ,ଯଦି ଲୋକ ଜାଣିବେ ତାହା ହେଲେ ଜେଶିବୀ ମେସିନ ଓ ଟ୍ରାକ୍ଟର ଲାଗି ପାରିବ ନାହିଁ । ସେହି ଭଳି ମେଟେରିଆଲ ବିଲ କଥା ନ କହିବା ଭଲ ଏହି ଯୋଜନାରେ କାମ କରୁଥିବା ଶ୍ରମିକ ମାନଙ୍କ ପାଇଁ ଛାଉଣୀ , ପିଇବା ପାଣି, ଫାଷ୍ଟ ଆଡ ଯୋଗେଇବା ବାବଦକୁ ଆଦି ଖର୍ଚ୍ଚ ମଧ୍ୟ ଟଙ୍କା ପୈଠ ନିମନ୍ତେ ବିଲ କରନ୍ତି । କିନ୍ତୁ ତାହା ଶ୍ରମିକ ମାନଙ୍କୁ କେତେ ପରିମାଣରେ ଦିଆଯାଉଛି ତାହା ବ୍ଲକ ଅଧିକାରୀ ମାନେ ଜାଣିଛନ୍ତି ନା,ନ ଜାଣିଲା ଭଳି ଚୁପ୍ ରହୁଛନ୍ତି ତାହା ସମୟ ଆସିଲେ ଜଣା ପଡ଼ିବ । ସରକାରଙ୍କ ଗରୀବ ନୀରିହ ଲୋକଙ୍କୁ ଅନେକ ଗୁଡ଼ିଏ ଯୋଜନାରେ ପେଟ ପାଟଣା ପାଇଁ ଯୋଜନା କରୁଛନ୍ତି । କିନ୍ତୁ କିଛି ଲୋକଙ୍କ ପାଇଁ ଠିକ୍ ବାଟରେ ଯୋଜନାର ଲାଭାର୍ଥି ହୋଇ ପାରୁନାହାନ୍ତି ଗରିବ ଲୋକ ଓ ପ୍ରକଳ୍ପ । ଏହିପରି ଉକ୍ତ ଗ୍ରାମ ପଞ୍ଚାୟତରେ ମନରେଗା କାର୍ଯ୍ୟକୁ ସ୍ଥାନୀୟ ପ୍ରତିନିଧି ଠିକା ପ୍ରେମରେ ପଡ଼ି ଠିକାଦାର ପ୍ରୀତିରେ ଶ୍ରମିକଙ୍କ ପେଟକୁ ଗୋଇଠା ମାରି ଆତ୍ମସାତ କରୁଥିବା ଏକ ପ୍ରଶ୍ନବାଚି ସୃଷ୍ଟି ହେଉଛି ? ତେଣୁ ସଂପୃକ୍ତ ଚିଙ୍ଗୁଡିସର୍ ଗ୍ରାମ ପଞ୍ଚାୟତକୁ ଜିଲ୍ଲା ପ୍ରଶାସନ, ପଞ୍ଚାୟତ ରାଜ ବିଭାଗ, ଜିଲ୍ଲା ମନରେଗା ସଂଯୋଜିକା, ଜିଲ୍ଲା ଶ୍ରମ ଅଧିକାରୀ ଏକ ସ୍ୱତନ୍ତ୍ର ତଦନ୍ତ କରି ପଦକ୍ଷେପ ନେବାକୁ ସର୍ବ ସାଧାରଣରେ ଦାବି ହେଉଛି ।

## ଦକ୍ଷିଣାଞ୍ଚଳ କ୍ରୀଡା ଚୟନ ପ୍ରତିଯୋଗିତା ଉଦଯାପିତ



ପାଟଣାଗଡ଼, (ମହାଭାରତ) : ପାଟଣାଗଡ ବ୍ଲକ ଅର୍ନ୍ତଗତ ମଣ୍ଡୋମହୁଲ ପଞ୍ଚାୟତ ମନାଇପାଦ ଆଦିବାସୀ ହାଇସ୍କୁଲ ଖେଳ ପଡିଆ ଠାରେ ବ୍ଲକ୍ ସ୍ତରୀୟ ଦକ୍ଷିଣାଞ୍ଚଳ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହେଇଥିଲା । ଏଥିରେ ମୁଖ୍ୟ ଅତିଥିଭାବେ ପାଟଣାଗଡ ରମେଇ ହାଇସ୍କୁଲ ନୋଡାଲ ପ୍ରଧାନ ଶିକ୍ଷକ- ଶ୍ୟାମ ସୁନ୍ଦର ବିଶ୍ୱାଳ ଯୋଗଦେଇଥିବା ବେଳେ ଏଥିରେ ସମ୍ମାନିତ ଅତିଥି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରି ରତନ ଧରୁଅ ଓ ଦକ୍ଷିଣାଞ୍ଚଳ ଯୋନ ସଭାପତି ଗରୁଡ଼ କୁମାର ସାମଲ, ଆଦିବାସୀ ହାଇସ୍କୁଲ ର ସ୍କୁଲ ପାରିଚାଳନା କମିଟି ସଭାପତି ପଙ୍କଜ ଭୋଇ, ପାଞ୍ଚଶାଖା ଶିଖାସେତୁ ସଭାପତି ସଙ୍କର ମେହେର, ପରମାନନ୍ଦ ହାଇସ୍କୁଲ ପ୍ରଧାନ ଶିକ୍ଷକ ସଞ୍ଜୀବ ହୋତା, ପାଟଣାଗଡ ବ୍ଲକ ଖେଳ ସମ୍ପାଦକ ଯୁବରାଜ ମେହେର ଓ ଦକ୍ଷିଣାଞ୍ଚଳ ଖେଳ ସମ୍ପାଦକ ମନୋଜ କୁମାର ମେହେର, ଖେଳ ଶିକ୍ଷକ ପଠ୍ୱନ କୁମାର ସାହୁ, ଶରୀରିକ ଶିକ୍ଷକ ପ୍ରତ୍ୟୁଲ କୁଦେଇ, , କୈଳାସ ମେହେର, ଶରତ ମେହେର, ଚୈତନ୍ୟ ସାହୁ, ଆନନ୍ଦିନୀ ବାଗ, ବ୍ରାହ୍ମଣୀ ଦୀପ, ରାଜିନ୍ଦ୍ର ସେଠ ପ୍ରମୁଖ ଯୋଗଦେଇଥିବାବେଳେ ଏଥିରେ ଦକ୍ଷିଣାଞ୍ଚଳ ର ୨୭ ଟି ବିଦ୍ୟାଳୟ ଓ ୩ ଟି ମହା ବିଦ୍ୟାଳର -୨୫୦ ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ମାନେ ବିଭିନ୍ନ ବିଭାଗ ଭାଗ ନେଇଥିବା ବେଳେ ଏଥିରେ ମୁଖ୍ୟତ କବାଡି, ଖୋଖୋ ଏବଂ ଫୁଟବଲ ଖେଳକୁ ପ୍ରଧନ୍ୟ ଦେଇଥିବା ବେଳେ ଅଭିଭାଷଣ ରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରି କ୍ରୀଡା ପ୍ରତି ଆଗ୍ର ପ୍ରକାଶ ପାଇଁ ଛାତ୍ର ଛାତ୍ରୀ ମାନଙ୍କୁ ଉପଦେଶ ଦେଇଥିଲେ । । ସମୁଦାୟ ଦସ ଟି ଦଳ ପାଇଁ ଖେଳାଳି ଚୟନ କରାଯାଇ ବ୍ଲକ ସ୍ତର ପାଇଁ ପ୍ରସ୍ତୁତ କରିବାକୁ ଖେଳ ସମ୍ପାଦକଙ୍କୁ ଅନୁରୋଧର କରାଯାଉଛି । ଏଥିରେ ଖେଳ ସଂଯୋଜକ ଦେବାଶିଷ ମେହେର ମଞ୍ଚ ପରିଚାଳନା କରିଥିଲେ । ମୂଖ୍ୟ ବକ୍ତାଭାବେ ଇନ୍ଦ୍ରାବାଳିକା ବିଦ୍ୟାଳୟର ଭଇଁଷା ପ୍ରଧାନ ଶିକ୍ଷୟିତ୍ରୀ ନିମାଇ ଚରଣ ମିଶ୍ର ଯୋଗଦେଇଥିବା ବେଳେ । । ଆନନ୍ଦିନୀ ବାଗ ଧନ୍ୟବାଦ୍ ଅର୍ପଣ କରିଥିଲେ ଏବଂ ଆଦିବାସୀ ହାଇସ୍କୁଲ ଅଶ୍ୱିନୀ କୁମାର ସାହୁ, ଓମକାର ମିଶ୍ର, ଭେଙ୍କଟେଶ୍ୱର୍ ଦାସ, ମନ୍ମତନାଥ ପଟେଲ । ପ୍ରଦୀପ କୁମାର ଦତ୍ୟ, ପ୍ରଦିପ ଭୋଇ, କାର୍ତ୍ତିକ ମାଝୀ, ରମଣୀ ରଞ୍ଜନ ଦାସ ପ୍ରମୁଖ ସହଯୋଗ କରିଥିଲେ । ପରିଶେଷରେ ସନ୍ଧ୍ୟା ସମୟରେ ସଂକୃତିକ କାର୍ଯକ୍ରମ ଅନୁଷ୍ଠିତ ହେଇଥିଲା । କ୍ରୀଡା ପତାକା ଅବତରଣ କରିଥିଲେ କାର୍ଯ୍ୟକ୍ରମ ସମାପନ ହେଇଥିଲା ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## ମୌଳିକ ସୁବିଧାରୁ ବଞ୍ଚିତ ବୋରମୁଣ୍ଡା ପଡ଼ାବାସୀ

ଖଡ଼ିଆଲ(ମହାଭାରତ) ସ୍ୱାଧୀନତାର ୭୯ ବର୍ଷ ପରେ ମଧ ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି ବୋରମୁଣ୍ଡାପଡ଼ା ବାସୀ । ଏହି ପଡ଼ାରେ ନା ଭଲ ଘର ଟିଏ ଅଛି, ନା ଭଲ ରାସ୍ତା ଟିଏ ଅଛି, ନା ଅଛି ବିଦ୍ୟାଳୟ ନା ଅଛି ଅଙ୍ଗନୱାଡ଼ି କେନ୍ଦ୍ର କାହିଁ ଆଦିମ କାଳରୁ ବସବାସ କରି ଆସୁଛନ୍ତି ଆଦିବାସୀ ସାମ୍ପ୍ରଦାୟର ଲୋକେ। ଏହି ସମ୍ପ୍ରଦାୟର ଲୋକେ ଅତି ସରଳ ବିଶ୍ୱାସୀ । ଅନେକ ଥର ସରପ□ ଏବଂ ବ୍ଲକ ପ୍ରଶାସନ କୁ ଗୁହାରି କରିଥିଲେ ମଧ କେହି କର୍ଣ୍ଣପାତ କରୁନଥିବା ଅଭିଯୋଗ କରିଛନ୍ତି ପଡା ବାସି । ରାଜ୍ୟ ଓ କେନ୍ଦ୍ର ସରକାର ପଲ୍ଲୀରୁ ଦିଲ୍ଲୀ ଯାଏ ପକ୍କା ରାସ୍ତା ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସମସ୍ତଙ୍କ ପାଇଁ ପକ୍କା ଘର ଦେବାର ଡିଣ୍ଡିମ ପିଟୁଥିବା ବେଳେ ବାସ୍ତବରେ ଏହାର ଓଲଟା ଦେଖିବାକୁ ମିଳିଛି ନୂଆପଡା ଜିଲ୍ଲା ବୋଡ଼େନ ବ୍ଲକ ଅନ୍ତର୍ଗତ କରଲାକୋଟ ଗ୍ରାମପଞ୍ଚାୟତ ର ବୋରମୁଣ୍ଡା ପଡ଼ାରେ। ସେମାନଙ୍କ କହିବା ଅନୁସାରେ ତାଙ୍କ ପୂର୍ବ ପୁରୁଷ ଦିନରୁ ପନ୍ଦର ରୁ କୋଡ଼ିଏ ପରିବାର ବସବାସ କରିଆସୁଛନ୍ତି। ପଡ଼ାରେ ଷାଠିଏ ଗୋଟି ଭୋଟର ଥିବାବେଳେ ତାଙ୍କ ସମୁଦାୟ ଜନସଂଖ୍ୟା ଶହେରୁ ଉର୍ଦ୍ଧ ହେବ ହେଲେ ସେମାନଙ୍କ ପାଇଁ ସାତ ସପନ ପାଲଟିଛି ଭଲ ରାସ୍ତା ଟିଏ ଏବଂ ପକ୍କା ଘର ଖଣ୍ଡିଏ । ନଦେଖିଲା ଯାଏଁ ବିଶ୍ୱାସ କରିହେବନି ଦେଖିଲେ ଆଖିରୁ ଲୁହ ଝରିବ ଏଭଳି ଦୟନୀୟ ସ୍ଥିରେ ରହିଛନ୍ତି । ଚାଳ ଛପରର ମାଟି ଘର ବର୍ଷା ହେଲେ ଘର ଭିତରେ ଆଣ୍ଠୁଏ ପାଣି ସାଙ୍ଗକୁ କାଦୁଅ ପଚପଚ। ଯାହାଦ୍ୱାରା ଶାନ୍ତିରେ ମୁଠାଏ ଖାଇ ପାରୁନାହାନ୍ତି କି ସୋଇ ପାରୁନାହାନ୍ତି ଲୋକେ । ଏଭଳି ସମସ୍ୟାରେ ରହି ଲୋକେ ଦିନକାଟୁଥିବା ବେଳେ ଅନେକ ଥର ସ୍ଥାନୀୟ ସରପଞ୍ଚ ଓ ବ୍ଲକ ପ୍ରଶାସନ କୁ ଗୁହାରି କରୁଥିଲେ ହେ ତାଙ୍କ ଦୁଃଖ ବୁଝିବାକୁ ନାରାଜ ।କଞ୍ଚା ରାସ୍ତା ଟିଏ ଅଛି ହେଲେ ବର୍ଷା ଦିନରେ ଆଣ୍ଠୁଏ କାଦୁଅ ହେବାରୁ ଚାରି ଚକିଆ ଜାନ ତାଙ୍କ ପଡ଼ାକୁ ଯାଇପାରେନାହିଁ ଯାହାଦ୍ୱାରା କୌଣସି ରୋଗୀଙ୍କୁ । ଗର୍ଭବତୀ ମହିଳାଙ୍କୁ ଡାକ୍ତରଖାନା ନେବାକୁ ହେଲେ ଦୁଇ କିମି ଯାଏ ଖଟିଆରେ ବୋହି ନେଲାପରେ କୌଣସି ଗାଡ଼ିରେ ଧରି ନେଇଥାନ୍ତି । ଏଭଳି ପରିସ୍ଥିତି ରେ ରହୁଥିବା କହିଛନ୍ତି ସେଠିକାର ଲୋକେ । ଆଉ ରହିଲା ଶିକ୍ଷା ଭଳି ଏକ ମୌଳିକ ଅଧିକାର ରୁ ବଞ୍ଚିତ ରହୁଛନ୍ତି ସେହି ପଡ଼ାର କୋମଳମତି ଛାତ୍ରଛାତ୍ରୀ ଯେଉଁମାନେ କି ଆମ ଦେଶର ଭବିଷ୍ୟତ ନାଗରିକ



।ତାଙ୍କ ପଡ଼ାରୁ ନାଳ ରାସ୍ତା ଦେଇ ଗଲେ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ର କୁ ଦୁଇ କିମି ପଡିଥାଏ ଏବଂ ଅନ୍ୟ ରାସ୍ତାରେ ବୁଲିକି ଗଲେ ସାତ ରୁ ଆଠ କିମି ପଡିଥାଏ । ହେଲେ ବର୍ଷା ଋତୁରେ ନାଳ ରେ ପାଣି ଭରିଯିବାରୁ ଛାତ୍ରଛାତ୍ରୀ ମାନଙ୍କୁ ଯିବା ଆସିବାରେ ଅସୁବିଧା ହୋଇଥାଏ ଯାହା ଫଳରେ ଛାତ୍ରଛାତ୍ରୀ ମାନେ ତିନିଚାରୀ ମାସ ଶିକ୍ଷାରୁ ବ□ିତ ହୋଇଥାନ୍ତି । ଛାତ୍ରଛାତ୍ରୀ ମାନଙ୍କ ପଢ଼ିବାର ଇଛାଶକ୍ତି ଥିଲେହେ ବାଧା ସାଜୁଛି ରାସ୍ତା ଏବଂ ନାଳ ପାଣି । ସେମାନଙ୍କ ପାଠ ପଢ଼ିବାର ଇଛା ଏତେଯେ ନାଳର ଅଣ୍ଟାଏ ପାଣିକୁ ଡେଇଁ ବିଦ୍ୟାଳୟ କୁ ଯାଇଥାନ୍ତି । ହେଲେ ଅଧିକ ବର୍ଷା ହେଲେ ନାଳରେ ବେଶି ପାଣି ଆସିଲେ ପାଠପଢା ତାଙ୍କ ବନ୍ଦ ହୋଇଯାଏ । ସରକାର ବିଭିନ୍ନ ଯୋଜନାର ବହସ୍କଟ ମାରୁଥିବାବେଳେ ଲୋକେ କେତେ ସମସ୍ୟାରେ ଜୀବନ ଯାପନ କରୁଛନ୍ତି ତାହା ସରକାରଙ୍କୁ ଅଗୋଚର ହୋଇରାହିଛି । ଏମାନଙ୍କ ଦୀର୍ଘ ଦିନର ସମସ୍ୟାକୁ ବୁଝି ଭଲ ରାସ୍ତା ଟିଏ ଓ ନାଳରେ ଛୋଟ ପୋଲ ଟିଏ ତିଆରି କରିଦେବା ପାଇଁ ଜିଲ୍ଲା ପ୍ରଶାସନ କୁ ଅନୁରୋଧ କରୁଥିବା ବେଳେ ଏ ବୋରମୁଣ୍ଡା ପଡା ବାସୀଙ୍କ ଉପରେ କେବେ ଜିଲ୍ଲା ପ୍ରଶାସନ ର ଦୃଷ୍ଟି ପଡୁଛି ଓ ତାଙ୍କ ସମସ୍ୟାର ସମାଧାନ ହେଉଛି ତାହା ଦେଖିବାକୁ ବାକି ରହିଲା ।

## ବିପର୍ଯ୍ୟୟ ପରିଚାଳନା କ୍ଷମତା ନିର୍ମାଣ ପ୍ରଶିକ୍ଷଣ ଶିବିର



ମାଲକାନଗିରି, (ମହାଭାରତ):ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଆନୁକୁଲ୍ୟ ରେ ଜିଲ୍ଲା ଜରୁରୀକାଳୀନ ବିଭାଗ ଦ୍ୱାରା କାଲିମେଳା, ମାଥିଲି ଓ କୋରକୁଣ୍ଡା ବ୍ଲକ୍ ର ପଞ୍ଚାୟତ ନିର୍ବାହୀ ଅଧିକାରୀ ( ପିଇଓ) ଙ୍କ ପାଇଁ ଦୁଇ ଦିନିଆ ବିପର୍ଯ୍ୟୟ ପରିଚାଳନା ତଥା କ୍ଷମତା ନିର୍ମାଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ର ଠାରେ ଅନୁଷ୍ଠିତ ହୋଇଯାଇଛି। ଏଠାରେ ତୃଣମୂଳ ସ୍ତରରେ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ନେଇ ତାଲିମ ପ୍ରଦାନ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଙ୍କ ଅଧ୍ୟକ୍ଷତାରେ ଏହି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପରିବର୍ତ୍ତନ ସ୍ୱେଚ୍ଛାସେବୀ ସଂଗଠନ ର ପ୍ରଶିକ୍ଷକ ମାନେ ସମସ୍ତ ବ୍ଲକ୍ ର ପିଇଓ ମାନଙ୍କୁ ତାଲିମ ପ୍ରଦାନ କରିଛନ୍ତି। ବିପର୍ଯ୍ୟୟ ପରିଚାଳନା ଏବଂ ଏଥିପାଇଁ ଆବଶ୍ୟକ ଜ୍ଞାନ କୌଶଳ ଉପରେ ଏହି ଶିବିର ରେ ଆଲୋଚନା କରାଯାଇଛି। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଜରୁରକାଳୀନ ଅଧିକାରୀ ଉପସ୍ଥିତ ଥିଲେ। ଜରୁରୀକାଳୀନ ବିଭାଗ ବରିଷ୍ଠ ରାଜସ୍ୱ ସହାୟକ କୁନା ନାୟକ ଶିବିର ଆୟୋଜନ କରିବାରେ ସହଯୋଗ କରିଥିଲେ।

## ରେଳ ସାଇଡିଂରେ ହେଉଛି ମେସିନରେ କାର୍ଯ୍ୟ କାର୍ଯ୍ୟ ହରା ଗ୍ରାମବାସୀ ହେଲେ ଥାନାର ଦ୍ୱାରସ୍ଥ



ଯୋଡ଼ା,(ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ୍ ବିରିକଳୟ ଗ୍ରାମ ପଞ୍ଚାୟତ ର କାଳିଆ ବେଡା, ଲହଣ୍ଡା ଓ ଭାଗଲ ପୁର୍ ଗ୍ରାମ ବାସୀ ରେଳ ସାଇ ଡିଁ ରେ ମେସିନ ରେ କାର୍ଯ୍ୟ ହେଉଥିବାରୁ କାର୍ଯ୍ୟ ହରା ହୋଇ କାର୍ଯ୍ୟ ନିମନ୍ତେ ଥାନାର ଦ୍ୱାରସ୍ଥ ହୋଇଛନ୍ତି ।ଗ୍ରାମବାସୀ ମାନେ ଯୋଡା ଥାନା ଆଇ ଆଇ ସି ଙ୍କୁ ଏ ନେଇ ଲିଖିତ ଭାବେ ଜଣାଇଛନ୍ତି ।ସେମାନେ ଦର୍ଶାଇଛନ୍ତି ଯେ,ପୂର୍ବ ରୁ ସେମାନେ ଇପି ଟାଟା କମ୍ପାନୀ ଥିବା ବେଳେ ରେଳ ସାଇଡିଙ୍ଗ ରେ ସ୍ୱଞ୍ଜ ବ୍ୟାଗ୍ ମ୍ୟାଟେରିଆଲ ଲୋଡ଼ିଂ ଓ ଷ୍ଟାକିଂ କାର୍ଯ୍ୟ ଦୀର୍ଘ ବର୍ଷ ହେଲା କରି ଆସୁ ଥିଲେ ।ବର୍ତ୍ତମାନ ଏହି କମ୍ପାନୀ ଟାଟା ଷ୍ଟିଲ ନାମରେ ପରିଚିତ ହୋଇଛି ଏବଂ ରେଳ ସାଇଡିଙ୍ଗ ରେ ଉକ୍ତ କାର୍ଯ୍ୟ କୁ ମେସିନ ଯୋଗେ କରାଯାଉଛି ।ଯାହାଦ୍ୱାରା କାର୍ଯ୍ୟ କରି ଆସୁଥିବା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ କାରଖାନା ମଧ୍ୟରୁ ରେଳ ସାଇଡି ଙ୍ଗ କୁ ଲୁହାପଥର ଗୁଣ୍ଡ ଓ ସ୍ୱଞ୍ଜ ବ୍ୟାଗ୍ ପରିବହନରେ ନିୟୋଜିତ ହେଉଥିବା ଟ୍ରକ୍ କୁ ଗ୍ରାମବାସୀ ଙ୍କ ଅଧୀନରେ କରାଯିବାକୁ ଗ୍ରାମବାସୀ ଥାନା ଅଧିକାରୀଙ୍କୁ ନିବେଦନ କରି ଥିବା ଗ୍ରାମର ସଞ୍ଜୀବ କୁମାର ଜାମୁଦା,ପୁରେନ୍ ମହାରଣା,ଅଷ୍ଟମୀ ମହାରଣା,ନିତ୍ୟାନନ୍ଦ ମୁଣ୍ଡା ପ୍ରମୁଖ କହିଛନ୍ତି।

## ଅଭିଯୋଗର କାର୍ଯ୍ୟାନୁଷ୍ଠନ ଶୂନ,ଏସପିଙ୍କ ଦ୍ୱାରସ୍ତ ହେଲେ ଯୁବତୀ

କେନ୍ଦୁଝର,(ମହାଭାରତ):କେନ୍ଦୁଝର ଜିଲ୍ଲା ପାଟଣା ଥାନା ପୋଲିସ ଜଣେ ଯୁବତୀ ଅଭିଯୋଗ କୁ ନ୍ୟାୟ ପ୍ରଦାନ କରିପାରୁନଥିବା ଅଭିଯୋଗରେ ଆଜି ଏସପି ଙ୍କ ଦ୍ୱାରସ୍ତ ହୋଇଛନ୍ତି।ଅଗଷ୍ଟ ମାସ ୨୪ ତାରିଖ ସିଲପଦା ପାତ୍ରସାହିର ମାନସୀ ପାତ୍ର(୨୧) ଙ୍କ ଘର ପାଚେରୀ ଭାଙ୍ଗି ଗାଁର ରୁନୁ ପାତ୍ର,ଦିନେଶ ପାତ୍ର,ରିତେଶ ପାତ୍ର,ରାମ ପାତ୍ର,କୁସୁମୀ ପାତ୍ର,ଦିଲ୍ଲିପ ପାତ୍ର,ସରୋଜିନୀ ପାତ୍ର ନଅ ଜଣ ଘର ଭିତରକୁ ପ୍ରବେଶ କରୁଥିବାରୁ ମାନସୀ ବାରଣ କରିବାରୁ ଗୋଷ୍ଠୀ ହୋଇ ତାଙ୍କର ଚୁଟି ଟଣା ଓଟରା କରି ମାଡ ମାରିଥିଲେ।ଭାଇ ମାନସ ପାତ୍ର ବିରୋଧ କରିବା ଯୋଗୁଁ ତାଙ୍କୁମଧ ଆକ୍ରମଣ କରିଥିଲେ।ଏହାଛଡା ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହିତ ପେଟ୍ରଲ ଢାଳି ପରିବାର କୁ ପୋଡି ଦେବାକୁ କହିଥିଲେ।ମାନସୀ ଙ୍କ ବାପା ଡାକିବା ପରେ ସମସ୍ତେ ଚାଲିଯାଇଥିଲେ।ଋତୁସ୍ରାବ ହେଉଥିଲେହେଁ ଦିନେଶ ପାତ୍ର ମାନସୀ ଙ୍କ ତଳିପେଟକୁ ଗୋଇଠା ମାରିବା ଯୋଗୁଁ ସେ ତଳେ ପଡିଯାଇଥିଲେ।ପରେ ମେଡିକାଲରେ ସେ ଚିକିତ୍ସିତ ହୋଇଥିଲେ।ତେବେ ଏହି ଘଟଣାରେ ରାସ୍ତା ଉପରେ ତାଙ୍କର ପୋଷାକ ଚିରି ଉଲଗ୍ନ କରାକୁ ଉଦ୍ୟମ କରିଥା ଅଭିଯୋଗ କରିଛନ୍ତି ମାନସୀ।ପାଟଣା ଥାନାର ଦ୍ୱାରସ୍ତ ହୋଇଥିଲେ ସୁଧା ପୋଲିସ ନ୍ୟାୟପ୍ରଦାନ କରିନାହିଁ।କେନ୍ଦୁଝର ଅଭିଯୋଗ ଶୁଣାଣିରେ ଅଭିଯୋଗ ପରେ ଘଟଗାଁ ଏସଡିପିଓ ଙ୍କୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ନିର୍ଦ୍ଦେଶ ହୋଇଥିଲେହେଁ କୌଣସି ପଦକ୍ଷେପ ନିଆଯାଇନଥିବାରୁ ମାନସୀ ଙ୍କ ଜୀବନ ପ୍ରତି ବିପଦ ରହିଥିବା ଜଣାପଡିଛି।ତୁରନ୍ତ ଅଭିଯୁକ୍ତ ମାନଙ୍କୁ ଗିରଫ କରି ଦଣ୍ଡବିଧାନ ପ୍ରଦାନ କରିବାକୁ ଦାବି ହୋଇଛି।

## ଭାରସାମ୍ୟ ହରାଇ ମା ଭଣ୍ଡାରଶୁଣୀ ମୁଖଶାଳାରେ ଚଢ଼ିଗଲା ଟ୍ରକ

କରଞ୍ଜିଆ,(ମହାଭାରତ): ମହୁଲଡିହା ଥାନା ଠାକୁରମୁଣ୍ଡା ଆନନ୍ଦପୁର ୫୩ ନମ୍ବର ରାଜ୍ୟ ରାଜପଥ ଗୋଡ଼ଭଙ୍ଗା ମାଁ ଭଣ୍ଡାରଶୁଣୀ ବନଦୁର୍ଗା ଠାକୁରାଣୀ ଘାଟି ବାଙ୍କରେ ଭାରସାମ୍ୟ ହରାଇ ବାରମ୍ବାର ରାସ୍ତାର ଉଭୟ ପାର୍ଶ୍ୱରେ ଦୁର୍ଘଟଣା ଘଟୁଛି। ୧୧ ତାରିଖ ସନ୍ଧ୍ୟା ପ୍ରାୟ ସାଢ଼େ ସାତଟାରେ ଏକ ପଥରଗୁଣ୍ଡ ମିଶା ସିମେ□ ବୋଝେଇ ଟାଟା ବିଏସ ୪ (ଓଡି ୦୪ କେ ୧୪୧୧)ଟ୍ରକ ଟାଟାରୁ ଢେଙ୍କାନାଳ ପ୍ଲାଣ୍ଟକୁ ଯାଉଥିଲା। ଟ୍ରକ ଡ୍ରାଇଭର ବାସୁଦେବ ପାଣିଗ୍ରାହୀଙ୍କ କହିବା ଅନୁଯାୟୀ ଗାଡ଼ିର ବ୍ରେକ ଫେଲ ଥିବାରୁ ହେଣ୍ଡ ବ୍ରେକ ଦେବାରୁ ମୁଖଶାଳାରେ ପିଟି ହୋଇଗଲା। ସନ୍ଧ୍ୟା ହେଲେ ମାଁ ଭଣ୍ଡାରଶୁଣୀଙ୍କ ପୂଜକ ବେଣୁଧର ଦେହୁରୀ ଗାଁକୁ ଯାଇଆନ୍ତି। ଦୁର୍ଘଟଣା ଦିନବେଳେ ଘଟିଥିଲେ ପୂଜକ ବେଣୁଧର ନିଶ୍ଚିତ ଦୁର୍ଘଟଣାଗ୍ରସ୍ତ ହୋଇଥାନ୍ତେ।

## ଇଫକୋ ପାରାଦୀପ ୟୁନିଟକୁ ପୂର୍ବାଞ୍ଚଳ ଉତ୍କର୍ଷ ସୁରକ୍ଷା ସ୍ୱାସ୍ଥ୍ୟ ଏବଂ ପରିବେଶ ପୁରସ୍କାର

ପାରାଦୀପ(ମହାଭାରତ): ପାରାଦୀପ ସ୍ଥିତ ବିଶ୍ୱର ବୃହତ ସାର କାରଖାନା ଭାରତୀୟ କୃଷକ ସାର ସମବାୟ ସଂସ୍ଥା (ଇଫକୋ) ପାରାଦୀପ ୟୁନିଟକୁ ଭାରତୀୟ ଶିଳ୍ପ ମହାସଂଘ ଦ୍ୱାରା ୨କ୍ସ୨୪-୨୫ ବର୍ଷ ପାଇଁ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ବୃହତ ଉତ୍ପାଦନ କ୍ଷେତ୍ର ବର୍ଗରେ ସମ୍ମାନଜନକ ସିଆଇଆଇ ପୂର୍ବାଞ୍ଚଳ ଉତ୍କର୍ଷ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶ ପୁରସ୍କାର ରେ ସମ୍ମାନିତ କରାଯାଇଛି ।ଚଳିତ ସେପ୍ଟେମ୍ବର ମାସ ୧୧-୧୨ ତାରିଖରେ କୋଲକାତା ର ଆଇଟିସି ସୋନାରଠାରେ ଅନୁଷ୍ଠିତ ୧୯ତମ ସୁରକ୍ଷା ଆଲୋଚନାଚକ୍ର ଏବଂ ପ୍ରଦର୍ଶନୀ ଅବସରରେ ରଞ୍ଜିତ କୁମାର ସ୍ୱାଇଁ, ଯୁଗ୍ମ ସାଧାରଣ




ପରିଚାଳକ (ଅଗ୍ନି ଏବଂ ସୁରକ୍ଷା) ଓ ଆଦିଲ ଓ୍ୱାକର, ଡେପୁଟି ମ୍ୟାନେଜର (ଅଗ୍ନି ଏବଂ ସୁରକ୍ଷା), ସହ-ଚେୟାରମ୍ୟାନ୍,ସିଆଇଆଇ ପୂର୍ବାଞ୍ଚଳ ସୁରକ୍ଷା ସବ କମିଟି ଏବଂ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଜେନେରେସନ୍) ସିଇଏସସି ଲିମିଟେଡ୍ ସ୍ନେହାସିସ୍ ସମାଦରଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ।ବିଶ୍ୱର ସର୍ବବୃହତ ଫସଫେଟିକ୍ ସାର କାରଖାନା - ଭାରତୀୟ କୃଷକ ସାର ସମବାୟ ଲିମିଟେଡ୍ (ଇଫକୋ), ପାରାଦୀପ ୟୁନିଟ୍ର କାର୍ଯ୍ୟଦକ୍ଷତା ବର୍ଷ ପାଇଁ ସିଆଇଆଇ ପୂର୍ବା□ଳ ଉତ୍କର୍ଷତା ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶ ପୁରସ୍କାର ହାସଲ କରି ପୁଣି ଥରେ ଶିଳ୍ପ ଉତ୍କର୍ଷତାରେ ଏକ ମାନଦଣ୍ଡ ସ୍ଥାପନ କରିଛି ।ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ) ଦ୍ୱାରା ପ୍ରଦାନ କରାଯାଇଥିବା ଏହି ପୁରସ୍କାର, ବୃହତ-ମାନ ଉତ୍ପାଦନ ବର୍ଗରେ ସୁରକ୍ଷା, ସ୍ୱାସ୍ଥ୍ୟ ଏବଂ ପରିବେଶଗତ ସ୍ଥିରତା ସୁନିଶ୍ଚିତ କରିବାରେ ଇଫକୋ ପାରାଦୀପ ୟୁନିଟର ଉତ୍କୃଷ୍ଟ ପ୍ରଦର୍ଶନକୁ ସୂଚିତ କରେ।

## ଅସ୍ତରଙ୍ଗରେ ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ



ଅସ୍ତରଙ୍ଗ(ମହାଭାରତ): ଶୁକ୍ରବାର ଦିବା ୧୦ ଘଟିକା ରେ ଅସ୍ତରଙ୍ଗ ବ୍ଲକ ପରିସରରେ ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ରାଜ୍ୟ ସରକାର ଙ୍କ ଭିନ୍ନକ୍ଷମ ମାନଙ୍କ ପାଇଁ ଥିବା ସମସ୍ତ ସରକାରୀ ବ୍ୟବସ୍ଥା କୁ ନିକଟରେ ଆଉ ସୁଲୋଭ ରୂପେ ପହଞ୍ଚେଇବା କୁ ଏକ ନିଆରା କାର୍ଯ୍ୟକ୍ରମ, ଅନେକ ଭିନ୍ନକ୍ଷମ ବ୍ୟକ୍ତି ଯିଏକି ସରକାରୀ ସୁବିଧା ରୁ ବଞ୍ଚିତ ଅଛନ୍ତି। ଏହି ଶିବିର ରେ ଯୋଗ ଦେଇ ଅଭିଜ୍ଞ ଡାକ୍ତରୀ ବିଶେଷଜ୍ଞ ଙ୍କୁ ସାକ୍ଷାତ କରି ତାଙ୍କର ସମସ୍ତ ସୁବିଧା ଉପଲବ୍ଧି କରିଛନ୍ତି, ଆଜିର ଏହି କାର୍ଯ୍ୟକ୍ରମ ରେ ଅସ୍ତରଙ୍ଗ ରୁ ବିଭିନ୍ନ ପଞ୍ଚାୟତ ରୁ ଅସ୍ଥିସଲ୍ୟ, ଭେଷଜ, ଚକ୍ଷୁ, ନାସା ଗଳା କାନ, ଓ ଶିଶୁ ବିଭାଗ ର ସର୍ବମୋଟ ୩୭୭ ଜଣ ଭିନ୍ନକ୍ଷମ ନିଜର ଡାକ୍ତରୀ ପରୀକ୍ଷା କରିବା ସହ ସରକାରୀ ସୁବିଧା ପାଇବାକୁ ଆବେଦନ କରିଛନ୍ତି। ଏହି କାର୍ଯ୍ୟକ୍ରମ ରେ ଅସ୍ତରଙ୍ଗ ବ୍ଲକ ଅଧକ୍ଷା ଆରତୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଶିବିର ର ଉଦ୍ଘାଟନ କରିଥିବା ବେଳେ ମଣ୍ଡଳ ଉନ୍ନୟନ ଅଧିକାରୀ ସସ୍ମିତା ବେହେରା, ଉପାଧ୍ୟକ୍ଷ ଦୁର୍ଜ୍ଜୟ ମିଶ୍ର, ବ୍ଲକ ର ଅନ୍ୟ ଅଧିକାରୀ ମାନେ ଯୋଗ ଦେଇଥିଲେ। ଉପସ୍ଥିତ ଅତିଥି ବୃନ୍ଦ ସମସ୍ତ ବିଭାଗ ରେ କାର୍ଯ୍ୟକ୍ରମ କୁ ତଦାରଖ କରିଥିଲେ। ଅସ୍ଥିସଲ୍ୟ ବିଭାଗ ରୁ ଦୁଇ ଜଣ ବିଶେଷଜ୍ଞ ଡ଼ଃ ସୁଶୀଲ ନାୟକ, ଡ଼ଃ ଚନ୍ଦ୍ରଶେଖର ମହାପାତ୍ର, ଚକ୍ଷୁ ବିଭାଗ ର ବିଶେଷଜ୍ଞ ଡ଼ଃ ଜ୍ୟୋସ୍ନାରାଣୀ ତ୍ରିପାଠୀ, ନାସାକାନଗଳା ବିଭାଗ ର ଡ଼ଃ ରବୀନ୍ଦ୍ର ଘଡ଼ାଇ, ଭେଷଜ ଡ଼ଃ ଗିରିଶ ବେହେରା, ମାନସିକ ବିଭାଗ ର ଡ଼ଃ ପ୍ରଫେସର ସମ୍ପିତ ପାତ୍ର, ଶିଶୁ ରୋଗ ବିଶେଷଜ୍ଞ ଡ଼ଃ ସୁବ୍ରତ ମହାପାତ୍ର ଉପସ୍ଥିତ ରହି ଆସିଥିବା ରୋଗୀ ମାନଙ୍କ ର ସଫଳ ପରୀକ୍ଷଣ କରାଇଛନ୍ତି। ପୁରୀ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦନ କୁମାର ବାରିକ ଶିବିର ର କାର୍ଯ୍ୟକ୍ରମ କୁ ତଦାରଖ କରିଥିବା ବେଳେ ଏହାର ପରିଚାଳନା ଅସ୍ତରଙ୍ଗ ବ୍ଲକ ସାଂସଦ ଙ୍କ ପ୍ରତିନିଧି ଦିବାକର ଛାଟୋଇ କରିଛନ୍ତି, ଏହା ସହ ବିଭିନ୍ନ ପଞ୍ଚାୟତ ର ସରପଞ୍ଚ ଓ ଲୋକ ପ୍ରତିନିଧି ମାନେ ଉପସ୍ଥିତ ରହି ସେମାନଙ୍କ ପଞ୍ଚାୟତ ରୋଗୀ ମାନଙ୍କ ର ସମସ୍ତ ଦାୟିତ୍ୱ ତୁଲାଇ ଥିଲେ, ଏହି ସମସ୍ତ କାର୍ଯ୍ୟ ଅସ୍ତରଙ୍ଗ ବ୍ଲକ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ର ପ୍ରୋଗ୍ରାମ ଆସିଷ୍ଟା□ ରାଜକିଶୋର ରାଉତ ଙ୍କ ତତ୍ତ୍ୱାବୋଧନ ରେ ପରିଚାଳନା ହୋଇଛି।

## ରାସ୍ତା ଚିହ୍ନଟ ପାଇଁ ତହସିଲଦାରଙ୍କୁ ଫେରାଦ ହେଲେ ଗ୍ରାମବାସୀ

କେନ୍ଦୁଝର(ମହାଭାରତ):କେନ୍ଦୁଝର ସଦର ତହସିଲ ଅନ୍ତର୍ଗତ କାଉଁରୀକଳା ଗ୍ରାମର ଖେଳପଡିଆ, ଗୋ ଗଠ ସମେତ ପଞ୍ଚାୟତ ପରିସର ଓ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ପରିସର ଜମିକୁ କେତେକ ବ୍ୟକ୍ତି ଜବର ଦଖଲ କରି ଜମିରେ ହଳକରି କୋଳଥ ବୁଣିଥିବାରୁ ସାଧାରଣ ଯାତାୟାତରେ ସମସ୍ୟା ହେଉଥିବା ଅଭିଯୋଗ ନେଇ ଶୁକ୍ରବାର ଗ୍ରାମବାସୀ ରାସ୍ତା ଚିହ୍ନଟ ପାଇଁ କେନ୍ଦୁଝର ଉପଜିଲାପାଳଙ୍କୁ ଫେରାଦ ହୋଇଥିଲେ। ସୂଚନା ଅନୁସାରେ, ଗାଁର ଦୈତାରୀ ମହାନ୍ତ, ବୈଷ୍ଣବ ମହାନ୍ତ, ଲକ୍ଷ୍ମଣ ମହାନ୍ତ, ଦେବାଶିଷ ମହାନ୍ତ, କେଶବ ଚନ୍ଦ୍ର ମହାନ୍ତ, ଯୋଗେନ୍ଦ୍ର ମହାନ୍ତ,ଉମାକାନ୍ତ ମହାନ୍ତ,ତନ୍ମୟ ମହାନ୍ତ,ଟୁକୁ ମହାନ୍ତ,ଯୁଧିଷ୍ଠିର ମହାନ୍ତ,ଚମ୍ପାବତୀ ମହାନ୍ତ ଜବରଦସ୍ତି




ଗ୍ରାମର ପିଲାଙ୍କ ନିମି□ ଥିବା ଖେଳପଡ଼ିଆକୁ ହଳ କରି କୋଳଥ ବୁଣିଥିବା ଅଭିଯୋଗ ହୋଇଛି। ତେବେ ଗ୍ରାମବାସୀ ଏମାନଙ୍କୁ ବାରଣ କରିବା ଯୋଗୁଁ ହାଣିବା ମାରିବା, ପିଟିବା, ଘରୁ ଉଠେଇନେବା ଭଳି ଧମକ ଦେଉଥିବା ଅଭିଯୋଗରେ ଦର୍ଶାଯାଇଛି। ଏହି ଖେଳପଡ଼ିଆ ଓ ସାଧାରଣ ଯାତାୟାତ ରାସ୍ତାରେ ଚାଷ କରିବା ଫଳରେ ସେଠାରେ ଥିବା ପ୍ରାଥମିକ ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର, ଆୟୁଷ୍ମାନ ମନ୍ଦିର ଏବଂ ୱାର୍ଡ ନଂ ୪ କୁ ଯିବା ଆସିବା ପାଇଁ ରାସ୍ତା ସଂମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଆମ୍ବୁଲାନ୍ସ , ବିଦ୍ୟାଳୟ ଖାଦ୍ୟ ଗାଡି ମଧ ଆସି ପାରୁନାହିଁ ।ଏହି ଜମି ପ୍ଲଟନମ୍ବର ୯୯୪, ୯୭୫,୯୭୬,୧୩୩୮ ସହିତ ସରକାରୀ ସ୍ତରରେ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଥିବା ସ୍ଥାନଟିକୁ ମଧ ଚିହ୍ନଟ କରି ରାସ୍ତା ଓ ଖେଳପଡିଆ ପାଇଁ ଜାଗା ନିର୍ଦ୍ଧାରଣ କରାଯିବାକୁ ଦାବି ହୋଇଛି ।ଏହାଯୋଗୁଁ ଗ୍ରାମରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡିଛି ।ଏହି ପ୍ଲଟ ର ସୀମା ଚିହ୍ନଟ କରାଯାଇ ସ୍ୱାସ୍ଥ୍ୟ କେନ୍ଦ୍ରକୁ, ଅଙ୍ଗନବାଡି ଓ ପାତ୍ର ସାହିକୁ ରାସ୍ତା କରିବା ପାଇଁ ଅନୁମତି ପ୍ରଦାନ ନିମନ୍ତେ ଦାବି କରିଛନ୍ତି। କାଉଁରୀକଳା ସରପ□ ଭାରତୀ ମୁଣ୍ଡା, ୪ନଂ ୱାର୍ଡ ମେମ୍ବର ଯଶୋବନ୍ତ ପାତ୍ର,ଜିତେନ୍ଦ୍ର କୁମାର ମହାନ୍ତ,ଶୁଶାନ୍ତ ପାତ୍ର,ଜିତେନ୍ଦ୍ର ମୁଣ୍ଡା,ମନମୋହନ ମହାନ୍ତ,ବାବୁଲା ମୁଣ୍ଡା ସମେତ ଗ୍ରାମବାସୀ କେନ୍ଦୁଝର ତହସିଲଦାର ଓ ଉପଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରି ଏହି ଜାଗାକୁ ଜବରଦଖଲ ମୁକ୍ତ କରିବା ପାଇଁ ଦାବି କରିଛନ୍ତି।

## ତାରିଣୀ କ୍ଲବ ଫୁଟବଲ ଟୁର୍ନାମେଣ୍ଟର ଉଦଯାପନୀ ଖେଳରେ ଯୋଗଦେଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା




କେନ୍ଦୁଝର(ମହାଭାରତ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ କରଞ୍ଜିଆପଡା ଠାରେ ମା' ତାରିଣୀ କ୍ଲବ ଫୁଟବଲ ଟୁର୍ନାମେଣ୍ଟର ଉଦଯାପନୀ ଖେଳରେ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ ହିତ କରିଥିଲେ ଓଡିଶା ସରକାରଙ୍କ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ମା' ତାରିଣୀ କ୍ଲବ ୧୯ ବର୍ଷ ଧରି କୋଣଅନୁକୋଣ ରେ ଥିବା ପ୍ରତିଭା ମାନଙ୍କୁ ସୁଯୋଗ ଦେବା ସହିତ ସମ୍ମାନିତ କରିଆସୁଛି ।ଆଜି କେନ୍ଦୁଝର ଗସ୍ତ ଅବସରରେ ପ୍ରଥମେ ଘଟଗାଁ ମା' ତାରିଣୀ ଙ୍କ ଦର୍ଶନ ସହିତ ଆଶୀର୍ବାଦ ନେଇ ମା' ତାରିଣୀ କ୍ଲବ ଫୁଟବଲ ଟୁର୍ନାମେଣ୍ଟର ଉଦଯାପନୀ ଖେଳରେ ଯୋଗଦେଇଥିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ରାଜ୍ୟ ସରକାର କ୍ରୀଡା ଏବଂ ତତସଂଲଗ୍ନ ବିଭିନ୍ନ ବିଷୟ ସମ୍ପର୍କରେ ଚିନ୍ତା ପ୍ରକଟ କରି ପ୍ରତେକ ବ୍ଲକରେ ଏକ ଭବ୍ୟ ଷ୍ଟାଡିଅମ ନିର୍ମାଣ ସହିତ ପ୍ରତେକ ପଞ୍ଚାୟତରେ ମଧ ମିନି ଷ୍ଟାଡିଅମ ନିର୍ମାଣ କରାଯିବ ସହିତ ଆଗାମି ଅଲମ୍ପିକ କ୍ରୀଡାରେ କିପରି ଓଡିଶା ର ଖେଳାଳି ମାନେ ଭାରତର ନେତୃତ୍ୱ ନେବେ ସେନେଇ ଉଚ୍ଚ ମାନର ପ୍ରଶିକ୍ଷଣ ଦିଆଯିବାକୁ ବ୍ୟବସ୍ଥା କରାଯାଉଛି। ମୁଖ୍ୟମନ୍ତ୍ରୀ ଙ୍କ ଜନ୍ମ ମାଟିରେ ଆସିବାର ସୁଯୋଗ ପାଇ ଖୁସି ପ୍ରକଟ କରିଥିଲେ ଉପମୁଖ୍ୟମନ୍ତ୍ରୀ। ଏହି ଉଦଯାପନୀ ଖେଳରେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡା. ଫକୀର ମୋହନ ନାଏକ, ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ, ସାଂସଦ ପ୍ରତିନିଧି ନୀଳମଣି ମହାନ୍ତ, ବିଜେପି ଜିଲ୍ଲା ଉପସଭାପତି ଗଣେଶ୍ୱର ମହାନ୍ତ, ସଦର ନିର୍ବାଚନ ମଣ୍ଡଳୀ ସଂଯୋଜକ ବିବେକାନନ୍ଦ ମହାନ୍ତ ଏବଂ ମା' ତାରିଣୀ କ୍ଲବ ର ସଭାପତି ବଳଭଦ୍ର ମହାନ୍ତ ମଞ୍ଚାସିନ ହୋଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ବିଜୟୀ ଦଳ ତ୍ରିଶୂଳ ଏକ୍ସଆଇ ଠାକୁରାଣୀ କୁ ଏକ ଲକ୍ଷ ପଚାଶ ହଜାର ଟଙ୍କା ର ଚେକ ପ୍ରଦାନ କରିଥିଲେ ଉପମୁଖ୍ୟମନ୍ତ୍ରୀ। ସେହିଭଳି ରନର୍ସଅପ ଦଳ ବିଜୟ ଇଲେଭେନ ଝାରଖଣ୍ଡ କୁ ଏକ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ୪୮ଟି ଦଳ ଏହି ଖେଳରେ ଭଗନେଇଥିଲେ ।ମା' ତାରିଣୀ କ୍ଲବ ର ସମ୍ପାଦକ କେଶବଚନ୍ଦ୍ର ମହାନ୍ତ, କୋଷାଧକ୍ଷ ରମେଶଚନ୍ଦ୍ର ମହାନ୍ତ, ସଦସ୍ୟ ରବିନାରାୟଣ ମହାନ୍ତ, ସୁରେନ୍ଦ୍ର ମହାନ୍ତ, ନରହାରୀ ମହାନ୍ତ, ନିରାକାର ମହାନ୍ତ, ହେମନ୍ତ ମହାନ୍ତ, ସୁନୀଲ ରାଉତ ତଥା କ୍ଲବ ର ସମସ୍ତ ସଦସ୍ୟ ମାନେ ପାଞ୍ଚ ଦିନ ଧରି ପରିଚାଳନା କରିବା ସହିତ ଏହି ଟୁର୍ନାମେଣ୍ଟକୁ ସଫଳ କରିଥିଲେ।

## ଜିଲ୍ଲା ସ୍ତରୀୟ ମାସିକ ରାଜସ୍ୱ ସମୀକ୍ଷା ବୈଠକ

ଦେବଗଡ଼ (ମହାଭାରତ): ଜିଲ୍ଲାପାଳ ଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ଅଗଷ୍ଟ ମାସ ରେ ଧାର୍ଯ୍ୟଥିବା ରାଜସ୍ୱ, ବ୍ଲକ୍ ସ୍ତରରେ ଶିଳ୍ପ ପାର୍କ ସ୍ଥାପନ ପାଇଁ ଜମି ଚିହ୍ନଟ ,ନବ ନିର୍ମିଉ କୋଠା ମରାମତି ଓ କାର୍ଯ୍ୟାଳୟକୁ ହସ୍ତାନ୍ତର,ନୂତନ ନିର୍ମିତ କୋଠା କୁ ଜଳ ଯୋଗାଣ ଓ ସଂଯୋଗ,ଜିଲ୍ଲା ଓ ବ୍ଲକ ସ୍ତରରେ ବସ୍ ଷ୍ଟାଣ୍ଡ ର ସ୍ତିତି, ସମସ୍ତ ଅନ୍ୟାନ ରାଜସ୍ୱ ଆଦାୟ କରିବାକୁ ଥିବା ରାଜସ୍ୱ ଜିଲ୍ଲାର ର ତହସିଲଦାର, ଅତିରିକ୍ତ ତହସିଲଦାର ଓ ଡେପୁଟୀ କଲେକ୍ଟର( ରାଜସ୍ୱ) ଓ ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କୁ ବକେୟା ଥିବା ବିଭିଉ ବିଭାଗ ମଧ ରେ ସମନ୍ୟରେ ରାଜସ୍ୱ ଆଦାୟ କରିବା ପାଇଁ ନିର୍ଦ୍ଧାରିତ ସମୟରେ ରାଜସ୍ୱ ଆଦାୟ କରିବା କୁ ଗୁରୁ।ରୋପ କରିଥିଲେ ।ବୈଠକ ରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଉପ ଜିଲ୍ଲାପଳ ପରକ୍ଷୀତ ସାହୁ, ଡେପୁଟୀ କଲେକ୍ଟର ( ରାଜସ୍ୱ ) ଲକ୍ଷ୍ମଣ ଓମାତ, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର ,ସହକାରୀ ଜିଲ୍ଲାପାଳ ତାପସ ମହନ୍ତ, ଆ□ଳିକ ପରିବହନ ଅଧିକାରୀ କେଶବ ନାଏକ ଓ ତହସିଲଦାର କର୍ଣ୍ଣ ମଳିକ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# କଙ୍ଗୋରେ ବୋଟ ଓଲଟି ୮୬ ଜଣଙ୍କର ମୃତ୍ୟୁ

କିନଶାସା: କଙ୍ଗୋର ଉତ୍ତର-ପଶ୍ଚିମ ଅଂଚଳରେ ଏକ ଦୁଃଖଦ ଦୁର୍ଘଟଣା ଘଟିଛି। ଏଠାରେ ଏକ ମୋଟର ଡଙ୍ଗା ଓଲଟିଯିବା ଯୋଗୁଁ ଅତି କମରେ ୮୬ ଜଣଙ୍କର ମୃତ୍ୟୁ ହୋଇଛି। ସରକାରୀ ଗଣମାଧ୍ୟମ ଶୁକ୍ରବାର ଏହି ଦୁର୍ଘଟଣା ବିଷୟରେ ସୂଚନା ଦେଇଛି। ସରକାରୀ ଖବର ସଂସ୍ଥା ରିପୋର୍ଟ କରିଛି ଯେ ଏହି ଦୁର୍ଘଟଣା ବାସାନକୁସୁ ଅଞ୍ଚଳରେ ଘଟିଛି, ମୃତ୍ୟୁବରଣ



କରିଥିବା ଅଧିକାଂଶ ଛାତ୍ର ଥିଲେ। ବର୍ତ୍ତମାନ, ଦୁର୍ଘଟଣାର କାରଣ କ'ଣ ତାହା ସ୍ପଷ୍ଟ ହୋଇନାହିଁ। ତଥାପି, ସରକାରୀ ଗଣମାଧ୍ୟମ ଏଥିପାଇଁ 'ଡଙ୍ଗାରେ ଅତ୍ୟଧିକ ଭିଡ଼ ଏବଂ ରାତିରେ ନୌଚାଳନା'କୁ ଦାୟୀ କରିଛି।

କଙ୍ଗୋରେ ପୂର୍ବରୁ ମଧ୍ୟ ଦୁଃଖଦ ଦୁର୍ଘଟଣା ଘଟିଛି। ସମ୍ପ୍ରତି ଏଠାରେ ଅଗ୍ନିକାଣ୍ଡ ପରେ ଏକ ଡଙ୍ଗା ଓଲଟି ପଡ଼ିଥିଲା। ଏହି ଦୁର୍ଘଟଣାରେ ୫୦ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ଶହ ଶହ ଲୋକ ନିଖୋଜ ହୋଇଯାଇଥିଲେ। ଏହି ଦୁର୍ଘଟଣା କଙ୍ଗୋ ନଦୀରେ ଘଟିଥିଲା। ଡଙ୍ଗାରେ ନିଆଁ ଲାଗିବା ଯୋଗୁଁ ଅନେକ ଲୋକ ଗୁରୁତର ଭାବରେ ପୋଡ଼ି ଯାଇଥିଲେ। ଦୁର୍ଘଟଣା ସମୟରେ ଅନେକ ଲୋକଙ୍କୁ ଉଦ୍ଧାର ମଧ୍ୟ କରାଯାଇଥିଲା।

କଙ୍ଗୋରେ କ୍ଷମତାଠାରୁ ଅଧିକ ଲୋକ ଡଙ୍ଗାରେ ଚଢୁଥିବାରୁ ଏପରି ଦୁର୍ଘଟଣା ପ୍ରାୟତଃ ଘଟେ। ଏପର୍ଯ୍ୟନ୍ତ ଏହାକୁ ରୋକିବା ପାଇଁ ଠୋସ୍ ପଦକ୍ଷେପ ନିଆଯାଇନାହିଁ। କଙ୍ଗୋରେ ଅନେକ ସ୍ଥାନ ଅଛି ଯେଉଁଠାରେ ଲୋକମାନେ ଯାତାୟାତ ପାଇଁ ଡଙ୍ଗା ବ୍ୟବହାର କରନ୍ତି। ଏଠାକାର ରାସ୍ତାଗୁଡ଼ିକ ଖରାପ ଅବସ୍ଥାରେ ଅଛି।

# 'ସାରା ଦେଶରେ ବାଣ ନିଷେଧ ହେଉ'

ନୂଆଦିଲ୍ଲୀ: ଶୁକ୍ରବାର ସୁପ୍ରିମ୍‌କୋର୍ଟ ପ୍ରଶ୍ନ କରିଛନ୍ତି ଯେ ବାଣ ନିଷେଧ କାହିଁକି କେବଳ ଦିଲ୍ଲୀ-ଏନ୍‌ସିଆର୍ ପାଇଁ ଲାଗୁ ହେବ ଏବଂ ପ୍ରଦୂଷଣର ସମ୍ମୁଖୀନ ହେଉଥିବା ଅନ୍ୟ ସହରଗୁଡ଼ିକ ପାଇଁ କାହିଁକି ଲାଗୁ ନ ହେବ? ପ୍ରଧାନ ବିଚାରପତି ଜଷ୍ଟିସ୍ ? ବିଆର୍ ଗଓ୍ୱାଇ କହିଛନ୍ତି, ଯଦି ଏନ୍‌ସିଆର୍‌ର



ନାଗରିକମାନେ ସ୍ୱଚ୍ଛ ବାୟୁ ପାଇବାକୁ ହକଦାର, ତେବେ ଅନ୍ୟ ସହରର ଲୋକମାନେ କାହିଁକି ପାଇବେ ନାହିଁ? ସେ କହିଛନ୍ତି, ଆମେ କେବଳ ଦିଲ୍ଲୀ ପାଇଁ ଗୋଟିଏ ନୀତି କରିପାରିବୁ ନାହିଁ। କାରଣ ସେମାନେ ଦେଶର ସମ୍ଭ୍ରାନ୍ତ ନାଗରିକ। ମୁଁ ଗତ ଶ ୀ ତ ଦ ି େ ନ ଅମୃତସରରେ ଥିଲି ଏବଂ ସେଠାରେ ପ୍ରଦୂଷଣ ଦିଲ୍ଲୀ ଅପେକ୍ଷା ଅଧିକ ଖରାପ ଥିଲା। ଯଦି ବାଣ ନିଷେଧ କରିବାକୁ ହୁଏ, ତେବେ ଏହାକୁ ସାରା ଦେଶରେ ନିଷେଧ କରାଯିବା ଉଚିତ ବୋଲି ପ୍ରଧାନ ବିଚାରପତି କହିଛନ୍ତି।

ବରିଷ୍ଠ ଆଡଭୋକେଟ୍‌ଅ ପରାଜିତା ସିଂହ ଏହି ଯୁକ୍ତିକୁ ସମର୍ଥନ କରି ମନ୍ତବ୍ୟ ଦେଇଛନ୍ତି ଯେ, ଆଭିଜାତ୍ୟ ଲୋକମାନେ ନିଜର ଯତ୍ନ ନିଅନ୍ତି। ଯେତେବେଳେ ପ୍ରଦୂଷଣ ହୁଏ ସେମାନେ ଦିଲ୍ଲୀ ବାହାରକୁ ଚାଲିଯାଆନ୍ତି। ବାଣ ଉପରେ ଦେଶବ୍ୟାପୀ ନିଷେଧାଦେଶ ଦାବି କରି ହୋଇଥିବା ଆବେଦନ ଉପରେ ଖଣ୍ଡପୀଠ ବାୟୁ ଗୁଣବତ୍ତା ପରିଚାଳନା ଆୟୋଗ (ସିଏକ୍ୟୁଏମ୍)କୁ ନୋଟିସ୍ ଜାରି କରିଛନ୍ତି। ଦୀପାବଳି ପୂର୍ବରୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏହି ପର୍ଯ୍ୟବେକ୍ଷଣ ଆସିଛି, ଯେତେବେଳେ ଆତସବାଜି ଓ ନଡ଼ା ପୋଡ଼ିବା କାରଣରୁ ଉତ୍ତର ଭାରତର ଅଧିକାଂଶ ଭାଗରେ ବାୟୁର ଗୁଣବତ୍ତା ଖରାପ ହୋଇଯାଏ। ଦିଲ୍ଲୀ ଓ ସମ୍ପ୍ରସାରିତ ଅଞ୍ଚଳରେ ସମ୍ପୂର୍ଣ୍ଣ ନିଷେଧାଜ୍ଞା, କେତେକ ଏନ୍ ?ସିଆର ଉପକଣ୍ଠରେ ସୀମିତ ଅନୁମତି ସହିତ ବିକ୍ରୟ ଓ ସଂରକ୍ଷଣ ଉପରେ କଠୋର ନିୟମ ଏବଂ ଦୀପାବଳି ପୂର୍ବରୁ କର୍ତ୍ତୃପକ୍ଷ ବାଣ ଉପରେ କଟକଣା ଜାରି କରିଥାନ୍ତି। ଯଦି ସର୍ବୋଚ୍ଚ ନ୍ୟାୟାଳୟ ଦେଶବ୍ୟାପୀ ନିଷେଧାଦେଶ ପାଇଁ ଆବେଦନକୁ ଗ୍ରହଣ କରନ୍ତି, ତେବେ ଏନ୍ ?ସିଆର ଭଳି ବାଣ ଉପରେ ପ୍ରତିବନ୍ଧକ ଲଗାଇବାକୁ ସାରା ଭାରତର ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇପାରେ। ପରିବେଶ ସୁରକ୍ଷା ଆଇନ ଅନୁଯାୟୀ ବାଣ ପ୍ରସ୍ତୁତି, ବିକ୍ରୟ, ସଂରକ୍ଷଣ ଓ ବାଣ ଫୁଟାଇବା ପାଇଁ ଜରିମାନା ହୋଇପାରେ।

# ବନ୍ୟା ପାଣିରୁ ଉଦ୍ଧାର ବେଳେ ଓଲଟିଲା ବୋଟ୍: ୧୦ ମୃତ

ପଞ୍ଜାବ: ପାକିସ୍ତାନରେ ବନ୍ୟା । ପାଣିର ପ୍ରଳୟ ଭିତରେ ପାକିସ୍ତାନ ଗତି କରୁଥିବା ବେଳେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି ପାକିସ୍ତାନର ପଞ୍ଜାବ ପ୍ରଦେଶ । ବନ୍ୟାପାଣିରୁ ଲୋକଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଜାରି ରହିଥିବା ବେଳେ ଏକ ଭୟଙ୍କର ଅଘଟଣ ଘଟିଛି । ଉଦ୍ଧାର ଉଦ୍ୟମ ଚାଲିଥିବା ବେଳେ ଓଲଟିଲା ଡଙ୍ଗା । ୩ଟି ବୋଟ୍ ଉଦ୍ଧାର କାମରେ ଲାଗିଥିବା ବେଳେ ଓଲଟିପଡିଛି । ବୋଟ୍ ଓଲଟିବା ଫଳରେ ୧୦ ଜଣ ବନ୍ୟା ପ୍ରଭାବିତଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ କିଛି ପିଲା ବି ଅଛନ୍ତି ।

ତେବେ ମୁଲତାନ, ବାହାୱ୍ୱଲନଗରରେ ଏହି ଉଦ୍ଧାର ଉଦ୍ୟମ ଚାଲୁଥିବା ବେଳେ ଏପରି ଅଘଟଣ ଘଟିଛି । ଦକ୍ଷିଣ ପଞ୍ଜାବ ବନ୍ୟାରେ ପ୍ରଭାବିତ ହୋଇଥିବା ବେଳେ ବୋଟ୍ ଓଲଟିବା ପରେ ୪୦ରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇଛି ।

ସତଲେଜ, ରାବି ଏବଂ ଚେନାବ ନଦୀର ଜଳସ୍ତର ବଢିବା ଫଳରେ ପାକିସ୍ତାନ ପଞ୍ଜାବ ବୁଡିଛି । ଅନେକ ଅଞ୍ଚଳ ଜଳମଗ୍ନ ହୋଇଛି । ୪୫୦୦ରୁ ଅଧିକ ଗାଁ ପାଣି ଘେରରେ ରହିଥିବା ବେଳେ ୪୦ ଲକ୍ଷ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି । ୨୦ ଲକ୍ଷ ଲୋକ ବେଘର ହୋଇଛନ୍ତି । ୧୦ ଲକ୍ଷରୁ ଅଧିକ ପଶୁଙ୍କୁ ବନ୍ୟା ପାଣିରୁ ସୁରକ୍ଷିତ ଉଦ୍ଧାର କରି ସ୍ଥାନାନ୍ତରିତ କରାଯାଇଛି ।

## ସୁଶୀଳା କାର୍କି, ବଲେନ ଶାହ ଓହରିଲେ

# କୁଲମାନ୍‌ଙ୍କୁ ନେତା ବାଛିଲା ଜେନ୍-ଜେଡ୍



କାଠମାଣ୍ଡୁ: ଉଭୟ କାଠମାଣ୍ଡୁ ମେୟର ବଲେନ ଶାହ ଓ ପୂର୍ବତନ ପ୍ରଧାନ ବିଚାରପତି ସୁଶୀଳା କାର୍କି ନେପାଳର ମଧ୍ୟବର୍ତ୍ତିକାଳୀନ ସରକାରର ନେତୃତ୍ୱ ନେବା ପାଇଁ ମନା କରିବାରୁ ବିକ୍ଷୋଭକାରୀ ଜେନ୍-ଜେଡ୍ ନେପାଳ ବିଦ୍ୟୁତ୍ ପ୍ରାଧିକରଣର ଖ୍ୟାତନାମା ମୁଖ୍ୟ ଇଞ୍ଜିନିୟର କୁଲମାନ୍ ଘିସିଂଙ୍କୁ ମନୋନୀତ କରିଛି। ଦେଶବ୍ୟାପୀ ଲୋଡ୍ ସେଡିଂକୁ ସମାପ୍ତ କରିବାର ଶ୍ରେୟ ପାଇଥିବା ଘିସିଂଙ୍କୁ ଜଣେ ସ୍ୱଚ୍ଛ ଭାବମୂର୍ତ୍ତି ଓ ପ୍ରମାଣିତ ଜାତୀୟ ବ୍ୟକ୍ତିତ୍ୱ ଭାବରେ ବିବେଚନା କରାଯାଏ, ଯିଏ ବର୍ତ୍ତମାନ ନୂତନ ନିର୍ବାଚନ ନ ହେବା ପର୍ଯ୍ୟନ୍ତ ଦେଶକୁ ପରିଚାଳନା କରିବେ। ନେପାଳର ଦୁର୍ନୀତି-ବିରୋଧୀ ଆନ୍ଦୋଳନର ସଫଳତାକୁ ପ୍ରଶଂସା କରି ଏହାର ନେତୃତ୍ୱ ନେଇଥିବା ଜେନ୍-ଜେଡ୍ ଏହି ଘୋଷଣା କରିଛି।

ମେଟ୍ରୋପଲିଟାନ୍ ସିଟି ମେୟର ବଲେନ୍ଦ୍ର ଶାହ 'ବଲେନ୍' ପ୍ରଥମେ ଅସ୍ଥାୟୀ ସରକାରର ମୁଖ୍ୟ ହେବା ପାଇଁ ସବୁଠାରୁ ଗ୍ରହଣୀୟ ପ୍ରାର୍ଥୀ ଭାବରେ ଦେଖାଯାଉଥିଲେ, କିନ୍ତୁ ସେ ସର୍ବସାଧାରଣରେ ଏହି ଦାୟିତ୍ୱ ନେବାକୁ ମନା କରିଦେଇଥିଲେ। ତା'ପରେ ଜେନ୍-ଜେଡ୍ ବିକ୍ଷୋଭର ନେତାମାନେ ନେପାଳର ପୂର୍ବତନ ପ୍ରଧାନ ବିଚାରପତି ସୁଶୀଳା କାର୍କିଙ୍କୁ ମଧ୍ୟବର୍ତ୍ତିକାଳୀନ ପ୍ରଧାନମନ୍ତ୍ରୀ ପଦ ପାଇଁ ଚୟନ କରିଥିଲେ। କିନ୍ତୁ ତାଙ୍କ ନାମକୁ ନେଇ ଜେନ୍-ଜେଡ୍‌ରେ ସହମତି ହୋଇପାରି ନଥିଲା ଏବଂ ଗୋଟିଏ ଗୋଷ୍ଠୀ ଏହାର ବିରୋଧ କରିଥିଲେ। ଏହାପରେ ସାମ୍ବିଧାନିକ ଓ ଆଇନଗତ ପ୍ରତିବନ୍ଧକ ତଥା ନିଜର ଅନିଚ୍ଛା ଦର୍ଶାଇ ସୁଶୀଳା ମଧ୍ୟ ତାଙ୍କର ପ୍ରାର୍ଥିତ୍ୱକୁ ପ୍ରତ୍ୟାହାର କରିନେଇଥିଲେ। ୭୦ ବର୍ଷରୁ ଅଧିକ ବୟସରେ ସେ ନେତୃତ୍ୱ ନେବାରେ ଅସମର୍ଥ ବୋଲି ମଧ୍ୟ ପ୍ରକାଶ କରିଥିଲେ।

ନେପାଳୀ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ଜେନ-ଜେଡ୍ ଯୁବକମାନଙ୍କର ଏକ ଦଳ ସେନା ମୁଖ୍ୟାଳୟରେ ପହଞ୍ଚି ମଧ୍ୟବର୍ତ୍ତୀକାଳୀନ ସରକାର ଗଠନ ପାଇଁ ଚାଲିଥିବା ଆଲୋଚନାରେ ସେମାନଙ୍କୁ ଅନ୍ତର୍ଭୁକ୍ତ କରିବାକୁ ଅନୁରୋଧ କରିଛନ୍ତି। ତେବେ ଜେନ୍-ଜେଡ୍ ନେତା ଦିବାକର ଦଙ୍ଗଲ ସ୍ୱୀକାର କରିଛନ୍ତି ଯେ ଆନ୍ଦୋଳନର ନେତୃତ୍ୱ ନେଇଥିବା ଯୁବକମାନେ ଏପର୍ଯ୍ୟନ୍ତ ଦେଶର ନେତୃତ୍ୱ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି। ସେମାନଙ୍କୁ ଯଥେଷ୍ଟ ପରିପକ୍ୱ ହେବାକୁ ସମୟ ଲାଗିବ। ବର୍ତ୍ତମାନ ପାଇଁ ସେନା ୩୦ ନିୟୁତ ଜନସଂଖ୍ୟା ବିଶିଷ୍ଟ ଦେଶର ଦାୟିତ୍ୱ ଗ୍ରହଣ କରିଛି।

କାଠମାଣ୍ଡୁ ଉପତ୍ୟକାରେ ଚାଲିଥିବା ଜେନ୍-ଜେଡ୍ ବିକ୍ଷୋଭରେ ମୃତକଙ୍କ ସଂଖ୍ୟା ୩୪କୁ ବୃଦ୍ଧି ପାଇଛି ବୋଲି ତ୍ରିଭୁବନ ୟୁନିଭର୍ସିଟି ଟିଚିଂ ହସ୍ପିଟାଲର ଫୋରେନସିକ୍ ମେଡିସିନ୍ ବିଭାଗର ଅଧିକାରୀଙ୍କ ଉଦ୍ଧୃତି ଦେଇ କାଠମାଣ୍ଡୁ ପୋଷ୍ଟ ରିପୋର୍ଟ କରିଛି। ଏପର୍ଯ୍ୟନ୍ତ ୨୫ ଜଣ ପୀଡିତଙ୍କ ପରିଚୟ ପ୍ରାଥମିକ ଭାବରେ ନିଶ୍ଚିତ ହୋଇଛି। ଅବଶିଷ୍ଟଙ୍କୁ ଏପର୍ଯ୍ୟନ୍ତ ଚିହ୍ନଟ କରାଯାଇ ନାହିଁ। ବିଭାଗୀୟ ମୁଖ୍ୟ ଡାକ୍ତର ଗୋପାଳ କୁମାର ଚୌଧୁରୀ କହିଛନ୍ତି, ଆମେ ଅନ୍ତର୍ଜାତୀୟ ପ୍ରୋଟୋକଲ ଅନୁସରଣ କରି ପୋଷ୍ଟମର୍ଟମ୍ କରିଛୁ। ଆମକୁ ମୃତଦେହ ସଂରକ୍ଷଣ କରିବାକୁ କୁହାଯାଇଛି; ଆମେ ମୃତକଙ୍କ ସବିଶେଷ ତଥ୍ୟ ପ୍ରକାଶ କରିପାରିବୁ ନାହିଁ। କର୍ତ୍ତୃପକ୍ଷ କହିଛନ୍ତି ଯେ ଅଧିକାଂଶ ପରିଚୟ ବିକ୍ଷୋଭ ସ୍ଥଳରୁ ମିଳିଥିବା ଦସ୍ତାବିଜ ମାଧ୍ୟମରେ କିମ୍ବା ପରିବାର ସଦସ୍ୟଙ୍କ ଚିହ୍ନିବା ଦ୍ୱାରା ନିଶ୍ଚିତ କରାଯାଇଥିଲା। ଏହି ବିକ୍ଷୋଭରେ ୧୦୦୦ରୁ ଅଧିକ ଲୋକ ମଧ୍ୟ ଆହତ ହୋଇଛନ୍ତି।

ଅନ୍ୟପକ୍ଷରେ ନେପାଳର ପୂର୍ବତନ ପ୍ରଧାନମନ୍ତ୍ରୀ ଝାଲାନାଥ ଖାନାଲଙ୍କ ପତ୍ନୀ ରବି ଲକ୍ଷ୍ମୀ ଚିତ୍ରକରଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି ବୋଲି କାଠମାଣ୍ଡୁ ପୋଷ୍ଟ ରିପୋର୍ଟ କରିଛି। ପୂର୍ବରୁ ଅଗ୍ନିକାଣ୍ଡରେ ତାଙ୍କର ମୃତ୍ୟୁ ହୋଇଥିବା ନେଇ ଖବର ପ୍ରକାଶ ପାଇଥିଲା। କାଠମାଣ୍ଡୁ ପୋଷ୍ଟ ଅନୁଯାୟୀ, ମଙ୍ଗଳବାର କାଠମାଣ୍ଡୁର ଡାଲ୍ଲୁ ଅଞ୍ଚଳରେ ଥିବା ତାଙ୍କ ବାସଭବନରେ ବିକ୍ଷୋଭକାରୀମାନେ ନିଆଁ ଲଗାଇ ଦେବା ପରେ ତାଙ୍କୁ ଗୁରୁତର ଆହତ ଅବସ୍ଥାରେ କୀର୍ତ୍ତିପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହିମାଳୟ ପୋଷ୍ଟର ରିପୋର୍ଟ ଅନୁସାରେ, ଚାଲିଥିବା ଅଶାନ୍ତି ମଧ୍ୟରେ ଏକ ମଧ୍ୟବର୍ତ୍ତିକାଳୀନ ସରକାରର ନେତୃତ୍ୱ ସ୍ଥିର କରିବା ପାଇଁ ନେପାଳ ସେନା, ନେପାଳର ରାଷ୍ଟ୍ରପତି ରାମଚନ୍ଦ୍ର ପାଉଡେଲ ଓ ଜେନ୍-ଜେଡ୍‌ର ପ୍ରତିନିଧିଙ୍କ ମଧ୍ୟରେ ଆଲୋଚନା ଚାଲିଛି। ଜେନ୍-ଜେଡ୍ ବିକ୍ଷୋଭର ନେତାମାନେ ନେପାଳର ପୂର୍ବତନ ପ୍ରଧାନ ବିଚାରପତି ସୁଶୀଳା କାର୍କିଙ୍କୁ ମଧ୍ୟବର୍ତ୍ତିକାଳୀନ ପ୍ରଧାନମନ୍ତ୍ରୀ ପଦ ପାଇଁ ପ୍ରଥମେ ଚୟନ କରିଥିବାରୁ ଆଜି ସେ ସେନାମୁଖ୍ୟଙ୍କୁ ଭେଟିଥିଲେ। ତେବେ ପରବର୍ତ୍ତୀ ସମୟରେ ସ୍ଥିତି ବଦଳି ଯାଇଥିଲା ଏବଂ ସହମତି ଅଭାବରୁ ସୁଶୀଳା ଏହି ପ୍ରକ୍ରିୟାରୁ ଓହରି ଯିବାକୁ ଘୋଷଣା କରିଥିଲେ। ଏହାପରେ ପ୍ରସ୍ତାବିତ ଅନ୍ୟ ନେତାମାନେ ମଧ୍ୟ ସେନାମୁଖ୍ୟଙ୍କୁ ଭେଟିଥିବା ଜଣାପଡ଼ିଛି। ତେବେ ଏ ନେଇ ଆଧିକାରୀକ ଭାବେ କେ ?ଣସି ସୂଚନା ଜାରି ହୋଇନାହିଁ। ଖ୍ୟାତନାମା ଇଂଜିନିୟର କୁଲମାନ୍ ଘିସିଂଙ୍କ ନାମକୁ ନେଇ ବିଭିନ୍ନ ଗୋଷ୍ଠୀ ମଧ୍ୟରେ ସହମତି ପ୍ରକାଶ ପାଇବା ପରେ ନାଗରିକ ସମାଜର ବିଭିନ୍ନ କାର୍ଯ୍ୟକର୍ତ୍ତା ତାଙ୍କୁ ଭେଟୁଛନ୍ତି। ବିକ୍ଷୋଭକାରୀମାନେ ଶାସନରେ 'ଦୁର୍ନୀତି ଓ ପକ୍ଷପାତିତା' ସମାପ୍ତ କରିବାକୁ ଦାବି କରିଛନ୍ତି।

# ଭାରତ ଆଗକୁ ବଢ଼ିଯିବ ଭାବି ଶୁଳ୍କ ଲଗାଯାଉଛି: ମୋହନ ଭାଗବତ



ନୂଆଦିଲ୍ଲୀ: ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ) ମୁଖ୍ୟ ମୋହନ ଭାଗବତ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଭାରତ ଉପରେ ଲଗାଯାଇଥିବା ଶୁଳ୍କ ବୋମା ଉପରେ ନିଜର ପ୍ରତିକ୍ରିୟା ଦେଇଛନ୍ତି। ନାଗପୁରରେ ଏକ କାର୍ଯ୍ୟକ୍ରମରେ ମୋହନ ଭାଗବତ ଆମେରିକାର ନାମ ନ ନେଇ କହିଛନ୍ତି ଯେ, ଭାରତ ଉପରେ ଭାରୀ ଶୁଳ୍କ ଲଗାଯାଇଛି କାରଣ ଆମ ଦେଶର ପ୍ରଭାବ ବୃଦ୍ଧି ପାଇବାରେ ଲାଗିଛି। ଏହା ଦେଖି ସେମାନେ ଭୟ କରୁଛନ୍ତି। ଆମେ ଆଗକୁ ବଢ଼ିଗଲେ ସେମାନଙ୍କର କ'ଣ ହେବ ବୋଲି ଭାବି ଏଭଳି ପଦକ୍ଷେପ ନେଉଛନ୍ତି।

ଶୁକ୍ରବାର ଦିନ ମୋହନ ଭାଗବତ କହିଛନ୍ତି ଯେ, 'ମଣିଷ ଏବଂ ଦେଶମାନେ ସେମାନଙ୍କର ପ୍ରକୃତ ସ୍ୱରୂପକୁ ନ ବୁଝିବା ପର୍ଯ୍ୟନ୍ତ ସମସ୍ୟାର ସମ୍ମୁଖୀନ ହେବେ। 'ନାଗପୁରରେ ବ୍ରହ୍ମା କୁମାରୀ ବିଶ୍ୱ ଶାନ୍ତି ସରୋବରର ୭ମ ପ୍ରତିଷ୍ଠା ଦିବସରେ ଭାଷଣ ଦେଇ ଭାଗବତ କହିଛନ୍ତି ଯେ, 'ମହିଳାମାନଙ୍କ ନେତୃତ୍ୱାଧୀନ ବ୍ରହ୍ମା କୁମାରୀମାନଙ୍କ ପରି, ଆରଏସଏସ ମଧ୍ୟ ଆନ୍ତରିକ ଚେତନା ଜାଗ୍ରତ କରିବା ପାଇଁ କାମ କରେ। ଯେପର୍ଯ୍ୟନ୍ତ ମଣିଷ ଏବଂ ଦେଶମାନେ ସେମାନଙ୍କର ପ୍ରକୃତ ସ୍ୱରୂପକୁ ନ ବୁଝିବେ, ସେପର୍ଯ୍ୟନ୍ତ ସେମାନେ ସମସ୍ୟାର ସମ୍ମୁଖୀନ ହେବେ। ଯଦି ଆମେ କରୁଣା ଦେଖାଇବା ଏବଂ ଭୟକୁ ଦୂର କରିବା ତେବେ ଆମର କୌଣସି ଶତ୍ରୁ ରହିବେ ନାହିଁ। 'ସେ ଆହୁରି କହିଛନ୍ତି, 'ବିଶ୍ୱରେ ଲୋକମାନେ ଭୟ କରୁଛନ୍ତି ଯେ, ଯଦି ଭାରତ ଆଗକୁ ବଢ଼ିଯାଏ ତେବେ ସେମାନଙ୍କର ସ୍ଥାନ ହ୍ରାସ ପାଇବ। ତୁମେମାନେ ଆମଠାରୁ ସାତ ସମୁଦ୍ର ଦୂରରେ। ?ସେଭଳି କିଛି ସଂଯୋଗ ନାହିଁ। ତଥାପି ତୁମମାନଙ୍କ ମନରେ ଏତେ ଭୟ ରହିଛି।'

# ଖସିପଡ଼ିଲା ସ୍ପାଇସଜେଟ ବିମାନର ଚକ, ପାଇଲଟଙ୍କ ଯୋଗୁଁ ବଞ୍ଚିଗଲା ୭୫ ଯାତ୍ରୀଙ୍କ ଜୀବନ

ଗୁଜରାଟ : ଗୁଜରାଟ କାଣ୍ଡଲାରୁ ମୁମ୍ବାଇ ଯାଉଥିବା ସ୍ପାଇସଜେଟ ବିମାନ ବଡ଼ ଦୁର୍ଘଟଣାରୁ ବର୍ତ୍ତିଯାଇଛି । ବିମାନଟି ଉଡ଼ାଣ ଭରିବା ମାତ୍ରେ ଗୋଟିଏ ଚକ ଖସିପଡିଥିଲା । ବିମାନରେ ୭୫ ଜଣ ଯାତ୍ରୀ ରହିଥିଲେ । ତେବେ ବିମାନଟି ସୁରକ୍ଷିତ ଭାବେ ଅବତରଣ କରିଥିଲା ।

ଖବର ମୁତାବକ, ଗୁଜରାଟ କାଣ୍ଡଲାରୁ ମୁମ୍ବାଇ ଯାଉଥିବା ସ୍ପାଇସଜେଟ ବିମାନ ଛ୪୦୦ ଉଡ଼ାଣ ଭରିବା ପରେ ଏକ ଚକ ରନୱ୍ୱେରେ ପଡିଥିବା ମିଳିଥିଲା । କିନ୍ତୁ ବିମାନଟି ମୁମ୍ବାଇକୁ ଉଡ଼ାଣ ଭରିଥିଲା । ପାଇଲଟ ଜଣକ ଉପସ୍ଥିତ ବୁଦ୍ଧି ଖଟାଇ ବିମାନକୁ ମୁମ୍ବାଇ ଏୟାରପୋର୍ଟରେ ଅବତରଣ କରାଇଥିଲେ । ବିମାନରେ ୭୫ ଜଣ ଯାତ୍ରୀ ରହିଥିଲେ ।

ବିମାନର ଏକ ଚକ ନଥିବା ସତ୍ତ୍ୱେ ପାଇଲଟ ବୁଦ୍ଧିମତ୍ତାର କାମ କରି ବିମାନକୁ



ମୁମ୍ବାଇ ବିମାନବନ୍ଦରରେ ସୁରକ୍ଷିତ ଅବତରଣ କରାଇଥିଲେ । ଏହି ଘଟଣା ଜଣାପଡିବା ପରେ ମୁମ୍ବାଇ ଏୟାରପୋର୍ଟରେ ଆତଙ୍କ ଖେଳିଯାଇଥିଲା ଏବଂ ସନ୍ଧ୍ୟା ୫ ଯାଏଁ ଏମରଜେନ୍ସୀ ଘୋଷଣା କରାଯାଇଥିଲା ।

ସ୍ପାଇସଜେଟର ପ୍ରବକ୍ତା କହିଛନ୍ତି, ୧୨ ସେପଟ୍ମେ୍ବରରେ କାଣ୍ଡଲାରୁ ମୁମ୍ବାଇ ଯାଉଥିବା ସ୍ପାଇସଜେଟ ବିମାନ ଛ୪୦୦ର ଚକ ଉଡ଼ାଣ ଭରିବା ସମୟରେ ରନୱ୍ୱେରେ ପଡିଥିଲା । ବିମାନଟି ମୁମ୍ବାଇ ପାଇଁ ଯାତ୍ରା ଜାରି ରଖି ସୁରକ୍ଷିତ ଭାବେ ଅବତରଣ କରାଯାଇଥିଲା । ବିମାନକୁ ସୂଚାରୁରରୂପେ ଅବତରଣ କରିବା ପରେ ଟର୍ମିନାଲକୁ ନିଆଯାଇ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଓହ୍ଲାଇ ଦିଆଯାଇଥିଲା ।

# ଦିଲ୍ଲୀ ପରେ ବମ୍ବେ ହାଇକୋର୍ଟକୁ ବୋମାରେ ଉଡ଼ାଇବାକୁ ଧମକ, ଖାଲି କରାଗଲା କୋର୍ଟ ପରିସର



ବମ୍ବେ: ଦିଲ୍ଲୀ ହାଇକୋର୍ଟ ପରେ ବମ୍ବେ ହାଇକୋର୍ଟକୁ ବୋମା ଧମକ ମିଳିଛି। ଯାହା ଉଭୟ ହାଇକୋର୍ଟରେ ହଇଚଇ ସୃଷ୍ଟି କରିଛି । ଧମକପୂର୍ଣ୍ଣ ମେଲ୍ ପାଇବା ପରେ ପୋଲିସକୁ ହାଇକୋର୍ଟ ପରିସର ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଛି । କୋର୍ଟ ପରିସରକୁ ଖାଲି କରାଯାଇ ସର୍ଚ୍ଚ ଅପରେସନ କରାଯାଉଛି । କିନ୍ତୁ ପୋଲିସ ଏବଂ ସୁରକ୍ଷାକର୍ମୀଙ୍କୁ ଏଯାଏଁ କୌଣସି ସନ୍ଦିଗ୍ଧ ଜିନିଷ ମିଳିନାହିଁ ।

ଦିଲ୍ଲୀ ହାଇକୋର୍ଟକୁ ଏକ ଧମକପୂର୍ଣ୍ଣ ମେଲ୍ ମିଳିଥିଲା ଯେଉଁଥିରେ କୁହାଯାଇଥିଲା ଯେ, କୋର୍ଟ ପରିସରରେ ତିନୋଟି ବୋମା ରଖାଯାଇଛି, ଯାହା ପରେ ଶୀଘ୍ର ପରିସର ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବିଚାରପତିଙ୍କ ସହିତ ଓକିଲମାନଙ୍କୁ ମଧ୍ୟ ଖାଲି କରାଯାଇଥିଲା । ପୋଲିସ ସୁରକ୍ଷା ପ୍ରୋଟୋକଲ୍ କାର୍ଯ୍ୟକାରୀ କରି ସମସ୍ତ ବିଚାରପତିଙ୍କୁ ସେମାନଙ୍କ ଚାମ୍ବରରୁ ବାହାର କରିଦେଇଥିଲା ଏବଂ ସେଠାରେ ଉପସ୍ଥିତ କର୍ମଚାରୀ ଏବଂ ଅନ୍ୟ ଲୋକମାନଙ୍କୁ ମଧ୍ୟ ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ।

ତେବେ ଏହାର କିଛି ସମୟ ପରେ ବମ୍ବେ ହାଇକୋର୍ଟକୁ ମଧ୍ୟ ଏକ ଧମକପୂର୍ଣ୍ଣ ମେଲ୍ ମିଳିଛି । ଏହା ପରେ ବୋମା ନିଷ୍କ୍ରିୟକାରୀ ଦଳ ଏବଂ ମୁମ୍ବାଇ ପୋଲିସ ୟୁନିଟ୍ ପରିସରରେ ମୁତୟନ କରାଯାଇଛି । କୋର୍ଟ ପରିସରରେ ଏକ ସର୍ଚ୍ଚ ଅପରେସନ୍ ଚାଲିଛି ଏବଂ ପୋଲିସ ଆଖପାଖ ଅଞ୍ଚଳଗୁଡ଼ିକୁ ମଧ୍ୟ ସିଲ୍ କରିଦେଇଛି ।।

ତେବେ ଦିଲ୍ଲୀ ହାଇକୋର୍ଟ ଭଳି ବମ୍ବେ ହାଇକୋର୍ଟକୁ ବୋମା ଦମକ ମିଥ୍ୟା ଗୁଜବ ବୋଲି ପୋଲିସ କହିଛି ।। ତଥାପି ବୋମା ଧମକକୁ ନେଇ ପୋଲିସ ଅଧିକ ଯାଞ୍ଚ କରୁଛି ।

# ସିକ୍କିମରେ ପ୍ରବଳ ବର୍ଷା ପରେ ଭୂସ୍ଖଳନ, ୪ ମୃତ, ୩ ଜଣ ନିଖୋଜ

ସିକ୍କିମ: ପଶ୍ଚିମ ସିକ୍କିମର ଯାଙ୍ଗଥାଙ୍ଗ ଅଞ୍ଚଳରେ ଭୂସ୍ଖଳନ ହୋଇଛି । ଘଟଣାରେ ୪ ଜଣଙ୍କ ମୃତ୍ୟୁ, ୩ ଜଣ ନିଖୋଜ ହୋଇଛନ୍ତି । ହୁମି ନଦୀରେ ବନ୍ୟା ଆସି ଭୂସ୍ଖଳନ ହୋଇଛି । ଭୂସ୍ଖଳନ ଯୋଗୁଁ ଘଟଣା ସ୍ଥଳରେ ତିନି ଜଣଙ୍କ ମୃତ୍ୟୁ ଘଟିଥିଲା । ପରେ ଆଉ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ତାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଯାଇଥିଲା । ସ୍ଥାନୀୟ ଲୋକଙ୍କ ସହାୟତରେ ଦୁଇ ଜଣ ମହିଳାଙ୍କୁ ଉଦ୍ଧାର କରିଥିଲା ପୋଲିସ । ବର୍ତ୍ତମାନ ସୁଦ୍ଧା ଆଉ ୩ ଜଣ ନିଖୋଜ ଅଛନ୍ତି । ସେମାନଙ୍କ ଉଦ୍ଧାର ପାଇଁ ଉଦ୍ୟମ ଜାରି ରହିଛି । ପଶ୍ଚିମ ସିକିମର ଯାଙ୍ଗଥାଙ୍ଗ ଅଞ୍ଚଳର ଉପର ରିମ୍ବି ଅଞ୍ଚଳରେ ଘଟିଛି। ଯେଉଁଠାରେ ମଧ୍ୟରାତ୍ରିରେ ଭୂସ୍ଖଳନ ହୋଇଥିଲା । ଭୂସ୍ଖଳନରେ ଫସି ରହିବା ପରେ ତିନି ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ଭୂସ୍ଖଳନର ସୂଚନା ପାଇ ପୋଲିସ ଏବଂ ଏସଏସବି କର୍ମଚାରୀମାନେ ତୁରନ୍ତ ସ୍ଥାନୀୟ ଲୋକଙ୍କ ସହିତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ ।



ଉଦ୍ଧାରକାରୀ ଦଳ ଏକ ଗଛ ସାହାଯ୍ୟରେ ଏକ ଅସ୍ଥାୟୀ ସେତୁ ନିର୍ମାଣ କରି ଦୁଇ ମହିଳାଙ୍କୁ ଉଦ୍ଧାର କରିଥିଲେ । ଉଭୟଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ସିକ୍କିମରେ ପ୍ରବଳ ବର୍ଷା ହେବା କାରଣରୁ ସଂପୂର୍ଣ୍ଣ ଅଞ୍ଚଳରେ ଭୂସ୍ଖଳନ ଭଳି ସ୍ଥିତି ଦେଖାଦେଇଛି ।

# ନେପାଳ ହିଂସାରେ ପ୍ରାଣ ହରାଇଲେ ଭାରତୀୟ ମହିଳା

ନୂଆଦିଲ୍ଲୀ: ତୀର୍ଥଯାତ୍ରା ପାଲଟିଥିଲା ଶେଷଯାତ୍ରା। ପଶୁପତିନାଥଙ୍କ ଦର୍ଶନ କରିବାକୁ ଯାଇ ଜୀବିତ ଫେରିଲେନି ମହିଳା। ସ୍ୱାମୀଙ୍କ ସହ ନେପାଳରେ ଥିବା ଲୋକପ୍ରିୟ ପଶୁପତିନାଥ ମନ୍ଦିର ଦର୍ଶନ ପାଇଁ ଯାଇଥିଲେ ମହିଳା। ହେଲେ ହଠାତ୍ ଏଭଳି ନେପାଳରେ ହିଂସା ହେବ ଏବଂ ସବୁଦିନ ପାଇଁ ନିଜ ପରିବାରଠୁ ସେ ଦୂରେଇ ଯିବେ ବୋଲି କେବେ ଭାବିନଥିଲେ। ସୋମବାର ନେପାଳରେ ଜେନ୍-ଜିମାନେ ବିରୋଧ ପ୍ରଦର୍ଶନ ଆରମ୍ଭ କରିଥିଲେ। ସରକାର ସୋସିଆଲ ମିଡିଆ ବ୍ୟାନ୍ କରିବା ପରେ ରାସ୍ତାକୁ ଓହ୍ଲାଇଥିଲେ ନେପାଳ ଯୁବପିଢ଼ି। ମଙ୍ଗଳବାର ଏହି ବିରୋଧ ପ୍ରଦର୍ଶନ ଗମ୍ଭୀର ହୋଇଥିବା ବେଳେ ବିଭିନ୍ନ ନେତାଙ୍କ ସରକାରୀ ବାସଭବନ ଓ ବଡ଼ ବଡ଼ ହୋଟେଲ ଜାଳି ଦେଇଥିଲେ ବିକ୍ଷୋଭକାରୀ, ଯାହାର ଶିକାର ହୋଇଥିଲେ ଗାଜିଆବାଦର ରାଜେଶ ଗୋଲା।



ସୂଚନା ମୁତାବକ, ରାମବୀର ସିଂହ ଗୋଲା (୫୮) ଏବଂ ତାଙ୍କ ପତ୍ନୀ ରାଜେଶ ଗୋଲା ସେପଟ୍ମେ୍ବର ୭ ତାରିଖରେ ପଶୁପତିନାଥ ମନ୍ଦିର ଦର୍ଶନ ପାଇଁ କାଠମାଣ୍ଡୁ ଯାଇଥିଲେ। କିନ୍ତୁ ସେପଟ୍ମେ୍ବର ୯ତାରିଖ ରାତିରେ ହିଂସାତ୍ମକ ପ୍ରତିବାଦ ସମୟରେ ସେମାନଙ୍କର ପଞ୍ଚତାରକା ହୋଟେଲରେ ନିଆଁ ଲଗାଇ ଦିଆଯାଇଥିଲା। ଭୟଭୀତ ହୋଇ ରାମବୀର ଝରକାର ପରଦା ବ୍ୟବହାର କରି ତାଙ୍କ ସ୍ତ୍ରୀଙ୍କୁ ତଳକୁ ନେବାକୁ ଚେଷ୍ଟା କରୁଥିଲେ। କିନ୍ତୁ ରାଜେଶଙ୍କ ହାତ ଖସି ଯିବାରୁ ?ସେ ତଳେ ପଡ଼ିଯାଇଥିଲେ। ଅଧିକ ଉଚ୍ଚରୁ ପଡ଼ିବାରୁ ରାଜେଶ ଗୁରୁତର ଆହତ ହୋଇଥିଲେ ଏବଂ ଅତ୍ୟଧିକ ରକ୍ତସ୍ରାବ ଯୋଗୁଁ ହସ୍ପିଟାଲ ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ଶୁକ୍ରବାର ସକାଳ ପ୍ରାୟ ସାଢ଼େ ୧୦ଟାରେ ପରିବାର ସଦସ୍ୟମାନେ ତାଙ୍କ ମୃତଦେହକୁ ଗାଜିଆବାଦ ଆଣିଥିବା ଜଣାଯାଇଛି।

ରାଜେଶଙ୍କ ବଡ଼ ପୁଅ ବିଶାଲଙ୍କ କହିବା ମୁତାବକ, 'ନେଟ୍ ?ୱାର୍କ ନଥିବାରୁ ଦୁଇ ଦିନ ପର୍ଯ୍ୟନ୍ତ ଆମେ ପିତାମାତାଙ୍କ ଠିକଣା ବିଷୟରେ କୌଣସି ସୂଚନା ପାଇପାରିଲୁ ନାହିଁ। ଶେଷରେ, ମୋ ବାପା ଏକ ରିଲିଫ୍ ଶିବିରରେ ଥିବା ସୂଚନା ମିଳିଲା। କିନ୍ତୁ ସେତବେଳକୁ ମୋ ମାଆଙ୍କ ମୃତ୍ୟୁ ହୋଇସାରିଥିଲା।'

# ଉତ୍ତରାଖଣ୍ଡ କ୍ରିକେଟ୍ ଆସୋସିଏସନର ସଂଘରେ ଅର୍ଥ ହେର୍‌ଫେର୍



## ୧୨ କୋଟି ଟଙ୍କାର ହେର୍‌ଫେର୍, କଦଳୀ କିଣାରେ ୩୫ ଲକ୍ଷ

ନୂଆଦିଲ୍ଲୀ, ୧୨।୯: କ୍ରିକେଟ ବୋର୍ଡରେ କୋଟି କୋଟି ଟଙ୍କାର ଏକ ହେର୍‌ଫେର୍ ସାମ୍ନାକୁ ଆସିଛି। ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ ଅର୍ଥାତ ବିସିସିଆଇ ମଧ ଏହି ସମ୍ପୂର୍ଣ୍ଣ ମାମଲାରେ ଏକ ନୋଟିସ ପାଇଛି। ଆଶ୍ଚର୍ଯ୍ୟଜନକ କଥା ହେଉଛି ଯେ ଏହି ହେର୍‌ଫେର୍‌ରେ କଦଳୀ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା।

ଏଠାରେ ଯେଉଁ ହେର୍‌ଫେର୍ ବିଷୟରେ କଥା ହେଉଛି ତାହା ଉତ୍ତରାଖଣ୍ଡ କ୍ରିକେଟ୍ ଆସୋସିଏସନର ସଂଘରେ। ୧୨ କୋଟି ଟଙ୍କାର ହେର୍‌ଫେର୍‌ର ମାମଲା ହାଇକୋର୍ଟରେ ପହଞ୍ଚିଛି। ଡେରାଡୁନର ବାସିନ୍ଦା ସଞ୍ଜୟ ରାଓ୍ୱତ ଏକ ଆବେଦନ ଦାଖଲ କରିଛନ୍ତି, ଯାହାର ଶୁଣାଣି ହୋଇଥିଲା ନୈନିତାଲ ହାଇକୋର୍ଟ କୋଟି କୋଟି ଟଙ୍କାର ଏହି କଥିତ ହେର୍‌ଫେର୍ ଉପରେ କଠୋର ମତ ରଖିଛନ୍ତି ଏବଂ ବିସିସିଆଇକୁ ନୋଟିସ ପଠାଇଛନ୍ତି ଏବେ ଏହି ମାମଲାର ଶୁଣାଣି ଆସନ୍ତା ଶୁକ୍ରବାର ହେବ।

ସଞ୍ଜୟ ରାଓ୍ୱତ ନାମକ ଜଣେ ବ୍ୟକ୍ତିଙ୍କ ଦ୍ୱାରା ଦାୟର ଆବେଦନରେ ଅଭିଯୋଗ କରାଯାଇଛି ଯେ ଉତ୍ତରାଖଣ୍ଡ କ୍ରିକେଟ ଆସୋସିଏସନ ନିୟମ ଅନୁଯାୟୀ କାମ କରୁନାହିଁ। ପାଣ୍ଠିର ଅପବ୍ୟବହାର କରାଯାଉଛି। ରାଓ୍ୱତ କହିଛନ୍ତି ଯେ ସଂଘ ଖେଳାଳିଙ୍କ ବିକାଶ ଏବଂ କ୍ରିକେଟ ଆୟୋଜନ ପାଇଁ ପାଇଥିବା ୧୨ କୋଟି ଟଙ୍କାର ସରକାରୀ ପାଣ୍ଠିର ଅପବ୍ୟବହାର କରିଛି ଖେଳାଳିମାନେ କୌଣସି ସୁବିଧା ପାଉନାହାଁନ୍ତି।

ଦାୟର ଆବେଦନରେ ସଞ୍ଜୟ ରାଓ୍ୱତ ଦାବି କରିଛନ୍ତି ଯେ ସଂଘ ଏହାର ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ନୁହେଁ ବରଂ ଜଣେ ବାହାର ସିଏଙ୍କ ଦ୍ୱାରା ପାଣ୍ଠିର ଅଡିଟ୍ କରାଇଛି, ଯାହା ଦ୍ୱାରା ଅନିୟମିତତାକୁ ଏଡାଯାଇପାରିବ। ବର୍ତ୍ତମାନ ଏହି ମାମଲାରେ, ରାଓ ସ୍ୱୟଂକୁ ସାମ୍ନାକୁ ଆଣିବା ପାଇଁ ନିରପେକ୍ଷ ତଦନ୍ତ ଦାବି କରିଛନ୍ତି ବିଚାରପତି ମନୋଜ କୁମାର ତିଓ୍ୱାରୀଙ୍କ ଏକକ ଖଣ୍ଡପୀଠ ମଙ୍ଗଳବାର ସମ୍ପୂର୍ଣ୍ଣ ମାମଲାର ଶୁଣାଣି କରି ବିସିସିଆଇଠାରୁ ଏହି ସମ୍ପୂର୍ଣ୍ଣ ମାମଲାରେ ଉତ୍ତର ମାଗିଛନ୍ତି।

ଏହି ସମ୍ପୂର୍ଣ୍ଣ ମାମଲାରେ ଏକ ଆଶ୍ଚର୍ଯ୍ୟଜନକ କଥା ସାମ୍ନାକୁ ଆସିଛି, ଯେଉଁଥିରେ ଆବେଦନକାରୀ ସିଏଜିର ଅଡିଟ୍ ରିପୋର୍ଟକୁ ଉଦ୍ଧୃତ କରି କହିଛନ୍ତି ଯେ ଖେଳାଳିମାନଙ୍କୁ ୩୫ ଲକ୍ଷ ଟଙ୍କାର କଦଳୀ ଖାଇବାକୁ ଦିଆଯାଇଛି। ଖାଦ୍ୟ ଏବଂ ଶିବିର ନାମରେ ଅନେକ କୋଟି ଟଙ୍କାର ଖର୍ଚ୍ଚ ଦର୍ଶାଯାଇଛି। ଏବେ ଯଦି ଏହି ସମ୍ପୂର୍ଣ୍ଣ ମାମଲାରେ ଅଭିଯୋଗ ସତ୍ୟ ହୁଏ, ତେବେ ଉତ୍ତରାଖଣ୍ଡ କ୍ରିକେଟ୍ ଆସୋସିଏସନ୍ ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ।

## ସଡ଼କ ଦୁର୍ଘଟଣାରେ କ୍ରିକେଟରଙ୍କ ପରଲୋକ

ନୂଆଦିଲ୍ଲୀ, ୧୨।୯: ଭାରତୀୟ କ୍ରିକେଟ ଦଳ ବର୍ତ୍ତମାନ ଏସିଆ କପ ୨୦୨୫ରେ ଖେଳୁଛି, ଦଳର ପରବର୍ତ୍ତୀ ମ୍ୟାଚ୍ ରବିବାର ପାକିସ୍ତାନ ସହିତ ଅଛି। ସେହିପରି ମହିଳା କ୍ରିକେଟ ଦଳ ବିଶ୍ୱକପ ପୂର୍ବରୁ ଅଷ୍ଟ୍ରେଲିଆ ବିପକ୍ଷରେ ଏକ ଦିନିକିଆ ସିରିଜ ଖେଳିବାକୁ ଯାଉଛି, ପ୍ରଥମ ମ୍ୟାଚ୍ ରବିବାର ଖେଳାଯିବ। ଏହି ସମୟରେ ଜମ୍ମୁ ଏବଂ କଶ୍ମୀରରୁ ଏକ ଦୁଃଖଦ ଖବର ଆସିଛି। କ୍ରିକେଟର୍ କାଞ୍ଚନ କୁମାରୀଙ୍କ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି।

କଶ୍ମୀର ସଂଯୋଜକଙ୍କ ଅନୁଯାୟୀ, କାଞ୍ଚନ କୁମାରୀ ଜଣେ କ୍ରିକେଟର୍ ହେବା ସହିତ ଜଣେ ଶାରୀରିକ ଶିକ୍ଷୟିତ୍ରୀ ଥିଲେ। ତାଙ୍କର ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ଯୁବ ସେବା ଏବଂ କ୍ରୀଡ଼ା ନିର୍ଦ୍ଦେଶାଳୟ (ଶଝଝ) ତାଙ୍କ ମୃତ୍ୟୁ ପାଇଁ ଶୋକ ପ୍ରକାଶ କରିଛି। ଶଝଝ ମହାନିର୍ଦ୍ଦେଶକ ଅନୁରାଧା ଗୁପ୍ତା ଶୋକ ପ୍ରକାଶ କରିଛନ୍ତି ଏବଂ କାଞ୍ଚନଙ୍କୁ ଜଣେ ଉତ୍ସର୍ଗୀକୃତ ଖେଳାଳି ଏବଂ ଗତିଶୀଳ ଖେଳାଳି ଭାବରେ ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି, ଜମ୍ମୁ ଏବଂ କଶ୍ମୀରରେ କ୍ରିକେଟ ଏବଂ କ୍ରୀଡ଼ାର ବିକାଶରେ କାଞ୍ଚନର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି।

# ଟିମ୍ ଇଣ୍ଡିଆ ହାତ ଛାଡ଼ିଲେ ୱାଶିଂଟନ ସୁନ୍ଦର



ନୂଆଦିଲ୍ଲୀ, ୧୨।୯: ଏସିଆ କପ ୨୦୨୫ରେ ଟିମ ଇଣ୍ଡିଆର ଆରମ୍ଭ ଭଲ ରହିଛି। ପ୍ରଥମ ମ୍ୟାଚ୍‌ରେ ଭାରତ ୯ ଉଇକେଟରେ ଟଇର କୁ ପରାସ୍ତ କରିଛି। ଏବେ ଭାରତ ରବିବାର ପାକିସ୍ତାନ ବିପକ୍ଷରେ ଏକ ହାଇ-ଭୋଲଟେଜ ମ୍ୟାଚ୍ ଖେଳିବାକୁ ଯାଉଛି, କିନ୍ତୁ ଏହି ସମୟ ମଧ୍ୟରେ ଏକ ବଡ଼ ଖବର ଆସିଛି, ଦଳର ଅଲରାଉଣ୍ଡର ୱାଶିଂଟନ ସୁନ୍ଦର ହଠାତ୍ ଏସିଆ କପ ଦଳ ଛାଡି ଇଂଲଣ୍ଡ ଚାଲିଯାଇଛନ୍ତି।

ୱାଶିଂଟନ ସୁନ୍ଦରଙ୍କୁ ଏହି ଟୁର୍ନାମେଣ୍ଟ ପାଇଁ ରିଜର୍ଭ ଖେଳାଳି ଭାବରେ ଦଳରେ ସାମିଲ କରାଯାଇଥିଲା। ଏହି ଟୁର୍ନାମେଣ୍ଟରେ ତାଙ୍କର ଗୋଟିଏ ବି ମ୍ୟାଚ୍ ଖେଳିବାର ସମ୍ଭାବନା ବହୁତ କମ ଥିଲା। ଏହି ମଧ୍ୟରେ, ତାଙ୍କୁ ଇଂରାଜୀ କାଉଣ୍ଟି ଦଳ ହାମ୍ପଶାୟାରରୁ ଖେଳିବା ପାଇଁ ପ୍ରସ୍ତାବ ମିଳିଥିଲା, ଯାହାକୁ ସେ ଗ୍ରହଣ କରିଥିଲେ। ସୁନ୍ଦର ଏବେ କାଉଣ୍ଟି ଚାମ୍ପିଅନସିପରେ ଦୁଇଟି ମ୍ୟାଚ୍ ପାଇଁ ହାମ୍ପଶାୟାରର ଅଂଶ ହୋଇଛନ୍ତି।

ହାମ୍ପଶାୟାର କ୍ରିକେଟ କ୍ଲବ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏ ବିଷୟରେ ସୂଚନା ଦେଇ ସୁନ୍ଦରଙ୍କୁ ସ୍ୱାଗତ କରିଛି ଏବଂ ଲେଖିଛନ୍ତି, ସ୍ଆମେ ସୁନ୍ଦରଙ୍କୁ ଦଳରେ ସାମିଲ କରିବା ବିଷୟରେ ଆତ୍ମବିଶ୍ୱାସୀ ଥିଲୁ। ସ୍ୱାଗତ ୱାସି! ଭାରତୀୟ ଅଲରାଉଣ୍ଡର ୱାଶିଂଟନ ସୁନ୍ଦର ରୋଜ ଏବଂ କ୍ରାଉନ ବିପକ୍ଷରେ ଶେଷ ଦୁଇଟି ମ୍ୟାଚ୍ ପାଇଁ ହାମ୍ପଶାୟାର ପକ୍ଷରୁ ଖେଳିବେ।

ୱାଶିଂଟନ ସୁନ୍ଦରଙ୍କ ସାମ୍ପ୍ରତିକ ଇଂଲଣ୍ଡ ଗସ୍ତ ସ୍ମରଣୀୟ ଥିଲା। ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରେ, ସେ ବ୍ୟାଟ ଏବଂ ବଲ ଉଭୟରେ ଚମତ୍କାର ପ୍ରଦର୍ଶନ ଦେଖାଇଥିଲେ। ସେ ବ୍ୟାଟିଂରେ ୨୮୪ ରନ କରିଥିଲେ ଏବଂ ଏହି ସମୟରେ ତାଙ୍କର ହାର ୪୭ ଥିଲା। ଏହି ସିରିଜରେ, ସୁନ୍ଦର ଓଲ୍ଡ ଟ୍ରାଫୋର୍ଡରେ ଏକ ଚମତ୍କାର ଶତକ ମଧ କରିଥିଲେ। ସୁନ୍ଦର ବୋଲିଂରେ ମଧ ଜବରଦସ୍ତ ଫର୍ମ ଦେଖାଇଥିଲେ। ସେ ୩୮.୫୭ ହାରରେ ୭ ଉଇକେଟ ନେଇଥିଲେ। ଏହି ଫର୍ମକୁ ଦେଖି, ହାମ୍ପଶାୟାର ତାଙ୍କୁ କାଉଣ୍ଟି ସିଜିନର ଶେଷ ଭାଗ ପାଇଁ ଚୟନ କରିଛି।ସୁନ୍ଦରଙ୍କ ପ୍ରସ୍ଥାନ ଏସିଆ କପ ପାଇଁ ଟିମ ଇଣ୍ଡିଆର ପ୍ରସ୍ତୁତି ଉପରେ କୌଣସି ବଡ଼ ପ୍ରଭାବ ପକାଇବ ନାହିଁ। କାରଣ ସେ ରିଜର୍ଭ ଦଳରେ ଥିଲେ ଏବଂ ତାଙ୍କୁ ମ୍ୟାଚ୍ ଖେଳିବାର ସୁଯୋଗ ମିଳି ନ ଥାନ୍ତା।

## ରୋହିତଙ୍କ ପ୍ରସ୍ତୁତ

ନୂଆଦିଲ୍ଲୀ : ଟିମ ଇଣ୍ଡିଆ ଆସନ୍ତା ମାସରେ ଅଷ୍ଟ୍ରେଲିଆ ଗସ୍ତ କରିବାକୁ ଯାଉଛି। ଏଠାରେ ଏକ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ ଖେଳାଯିବ, ଏଥିପାଇଁ ରୋହିତ ଶର୍ମା ଏବେଠାରୁ ତାଙ୍କର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଏଥିରେ ସେ ନେଟ୍‌ସରେ ବ୍ୟାଟିଂ ଅଭ୍ୟାସ କରୁଥିବା ତାଙ୍କର ଭିଡିଓ ପୋଷ୍ଟ କରିଛନ୍ତି। ଏହି ଭିଡିଓ ପୋଷ୍ଟ କରିବା ସମୟରେ, ରୋହିତ କ୍ୟାପସନରେ ଲେଖିଛନ୍ତି, ମୁଁ ପୁଣି ଏଠାରେ ଆସିଛି, ଏହା ପ୍ରକୃତରେ ଭଲ ଲାଗୁଛି। ଭାରତୀୟ ଦଳକୁ ୧୯ ଅକ୍ଟୋବରରେ ଅଷ୍ଟ୍ରେଲିଆ ବିପକ୍ଷରେ ଦିନିକିଆ ସିରିଜର ପ୍ରଥମ ମ୍ୟାଚ୍ ଖେଳିବାକୁ ପଡିବ। ରୋହିତ ଶର୍ମାଙ୍କ ଏହି ସିରିଜରେ ଖେଳିବା ନିଶ୍ଚିତ ବୋଲି ବିବେଚନା କରାଯାଇପାରେ। ଏଥିରେ ସେ ଅଧିନାୟକତ୍ୱ ଦାୟିତ୍ୱ ତୁଲାଉଥିବାର ଦେଖାଯିବେ।

# ଅଷ୍ଟ୍ରେଲିଆରେ ଶତକ ଅପେକ୍ଷାରେ ରୁଟ୍



ନୂଆଦିଲ୍ଲୀ, ୧୨।୯: ଆଗକୁ ଅଷ୍ଟ୍ରେଲିଆ ଏବଂ ଇଂଲଣ୍ଡ ମଧ୍ୟରେ ଆଶେସ ସିରିଜୁ ଖେଳାଯିବାକୁ ଅଛି। ନଭେମ୍ବରରେ ଇଂଲଣ୍ଡ ଅଷ୍ଟ୍ରେଲିଆ ଗସ୍ତ କରିବ। ଏଠାରେ ୨୧ରୁ ଆଶେସ ସିରିଜ ଆରମ୍ଭ ହେବ। ଏହି ସିରିଜ ପୂର୍ବରୁ ପୂର୍ବତନ ଅଷ୍ଟ୍ରେଲିଆ କ୍ରିକେଟର ମାଥ୍ୟୁ ହେଡେନ ଏକ ବଡ଼ ଘୋଷଣା କରିଛନ୍ତି। ହେଡେନ କହିଛନ୍ତି, ଯଦି ଇଂଲଣ୍ଡର ଡ୍ୟାସିଂ ବ୍ୟାଟ୍ସମ୍ୟାନ ଜୋ ରୁଟ ଶତକ ନ କରନ୍ତି ତେବେ ସେ ପୋଷାକ ବିନା ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ବୁଲିବେ। ଏକ ପୋଡକାଷ୍ଟ ସମୟରେ ସେ ଏହା କହିଛନ୍ତି। ଜୋ ରୁଟ ଏପର୍ଯ୍ୟନ୍ତ ୩୯ ଟେଷ୍ଟ ଶତକ ମାରିଛନ୍ତି। କିନ୍ତୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଯେ, ସେ ଏପର୍ଯ୍ୟନ୍ତ ଅଷ୍ଟ୍ରେଲିଆରେ ଗୋଟିଏ ବି ଟେଷ୍ଟ ଶତକ ମାରି ନାହାଁନ୍ତି।

ଏଥର ମନେ ହେଉଛି ଯେ, ଜୋ ରୁଟ ନିଶ୍ଚିତ ଭାବରେ ଅଷ୍ଟ୍ରେଲିଆରେ ଶତକ ମାରିବେ। ରୁଟ୍ ଏବେ ଚମତ୍କାର ଫର୍ମରେ ଅଛନ୍ତି। ଏହି ଡାହାଣହାତୀ ବ୍ୟାଟ୍ସମ୍ୟାନ ୨୦୨୧ ପରଠାରୁ ୬୧ ଟେଷ୍ଟରେ ୫୬ରୁ ଅଧିକ ହାରରେ ୫୭୨୦ ରନ କରିଛନ୍ତି। ଏଥିରେ ତାଙ୍କ ବ୍ୟାଟରୁ ୨୨ ଶତକ ଏବଂ ୧୭ ଅର୍ଦ୍ଧଶତକ ଆସିଛି।

ଜୋ ରୁଟ ଅଷ୍ଟ୍ରେଲିଆରେ ୧୪ଟି ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି। ଏଥିରେ ସେ ୩୫.୬୮ ହାରରେ ୮୯୨ ରନ କରିଛନ୍ତି। ସେ ଅଷ୍ଟ୍ରେଲିଆରେ ୯ଟି ଅର୍ଦ୍ଧଶତକ ହାସଲ କରିବାରେ ସଫଳ ହୋଇଛନ୍ତି। କିନ୍ତୁ ଏପର୍ଯ୍ୟନ୍ତ ଗୋଟିଏ ଶତକ ହାସଲ କରିନାହାଁନ୍ତି। ତଥାପି, ରୁଟ ଅଷ୍ଟ୍ରେଲିଆ ବିପକ୍ଷରେ ଟେଷ୍ଟରେ ୪ଟି ଶତକ ହାସଲ କରିଛନ୍ତି ଏବଂ ସେ ଏହି ୪ଟି ଶତକ ଅଷ୍ଟ୍ରେଲିଆରେ ହିଁ କରିଛନ୍ତି।

ଜୋ ରୁଟ ଇଂଲଣ୍ଡ ମାଟିରେ ସର୍ବାଧିକ ୨୪ ଶତକ ହାସଲ କରିଛନ୍ତି। ତାଙ୍କର ଭାରତ ଏବଂ ନ୍ୟୁଜିଲାଣ୍ଡରେ ୩ଟି ଶତକ ଅଛି। ସେ ପାକିସ୍ତାନ ଏବଂ ଦକ୍ଷିଣ ଆଫ୍ରିକାରେ ଗୋଟିଏ ଶତକ ହାସଲ କରିଛନ୍ତି। ସେ ଶ୍ରୀଲଙ୍କାରେ ୩ଟି ଶତକ ମଧ କରିଛନ୍ତି। ସେ ୱେଷ୍ଟଇଣ୍ଡିଜରେ ୪ଟି ଶତକ ହାସଲ କରିଛନ୍ତି। ଅଷ୍ଟ୍ରେଲିଆ, ବାଂଲାଦେଶ ଏବଂ ଟଇର ହେଉଛି ଏକମାତ୍ର ସ୍ଥାନ, ଯେଉଁଠାରେ ରୁଟ ଟେଷ୍ଟ ଶତକ ହାସଲ କରିନାହାଁନ୍ତି।

# ୫ ୱିକେଟ ସଫଳତା ପାଇଲେ ଅର୍ଜୁନ



ମୁମ୍ବାଇ, ୧୨।୯: ଚମକିଛନ୍ତି କିମ୍ବଦନ୍ତୀ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ପୁଅ ଅର୍ଜୁନ। ଦୀର୍ଘ ୭ ମାସ ପରେ ପ୍ରତିଯୋଗିତା ମୂଳକ କ୍ରିକେଟକୁ ଫେରିଥିବା ଅର୍ଜୁନ ନିଜର ଜଲୱା ଦେଖାଇଛନ୍ତି। ଅନେକ ବର୍ଷ ହେଲା କ୍ରିକେଟ ଖେଳୁଥିଲେ ହେଁ ଅର୍ଜୁନଙ୍କୁ ସେମିତି ଆଖି ଦୃଶିଆ ସଫଳତା ମିଳି ନଥିଲା।

ନିକଟରେ ତାଙ୍କର ନିର୍ବନ୍ଧ ମୁମ୍ବାଇର ପ୍ରତିଷ୍ଠିତ ବ୍ୟବସାୟୀ ରବି ଘାଇଙ୍କ ନାତୁଣୀ ସାନିଆ ଚଣ୍ଡୋକଙ୍କ ସହ ହୋଇଥିଲା। ନିର୍ବନ୍ଧ ପରେ କ୍ରିକେଟ ପଡିଆକୁ ଫେରିଥିବା ଅର୍ଜୁନ ନିଜର ଘାତକ ବୋଲିଂ ଦ୍ୱାରା ସମସ୍ତଙ୍କୁ ଘାଇଲା କରିଛନ୍ତି। ଡ(କ୍ୟାପ୍‌ଟେନ) କେ ଥିମ୍ମାପିଆ ସ୍ମାରକୀ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ରାଉଣ୍ଡ ମଙ୍ଗଳବାର ଆରମ୍ଭ ହୋଇଥିବା ବେଳେ ଅର୍ଜୁନ ଏଥିରେ ନଜର ଆସିଛନ୍ତି। କର୍ଣ୍ଣାଟକା ରାଜ୍ୟ କ୍ରିକେଟ ଆସୋସିଏସନ ଏହି ଟୁର୍ଣ୍ଣାମେଣ୍ଟର ଆୟୋଜନ କରୁଛି। ଏଥିରେ ଅର୍ଜୁନ ଗୋଆ ପାଇଁ ଖେଳୁଛନ୍ତି।

ଗୋଆର ମ୍ୟାଚ୍ ମହାରାଷ୍ଟ୍ର ସହ ଚାଲିଥିବା ବେଳେ ପ୍ରଥମ ଇନିଂସେ ବାମହାତୀ ଦ୍ରୁତ ବୋଲର ଅର୍ଜୁନ ନିଜ ଦଳ ପାଇଁ ଦମଦାର ପ୍ରଦର୍ଶନ କରିଛନ୍ତି। ସେ ଇନିଂସର ପ୍ରଥମ ବଲରେ ୱିକେଟ ପାଇବା ସହ ନିଜର ଅଭିଯାନ ୫ ୱିକେଟ ସଫଳତା ସହ ଶେଷ କରିଛନ୍ତି।

ଇନିଂସର ପ୍ରଥମ ବଲରେ ସେ ମହାରାଷ୍ଟ୍ରର ଅନିରୁଦ୍ଧ ସାବାଲେଙ୍କୁ ଆଉଟ କରିଥିଲେ। ପରବର୍ତ୍ତୀ ଅବସ୍ଥାରେ ସେ ଅନିରୁଦ୍ଧଙ୍କ ଓପନିଂ ପାର୍ଟନର ମହେଶ ମହାସ୍କଙ୍କୁ ଏଲବିଡବ୍ଲ୍ୟୁ କରିଥିଲେ। ଅର୍ଜୁନଙ୍କ ଯୋଗୁ ଗୋଆର ଅନ୍ୟ ଖେଳାଳିଙ୍କ ଭିତରେ ବି ବିଶ୍ୱାସ ଓ ଉତ୍ସାହ ଦେଖିବାକୁ ମିଳିଥିଲା। ଅର୍ଜୁନଙ୍କ ସାଥୀ ଖେଳାଳି ଲଖମେଶ ପାୱାନେ ମଧ ୟାଶ କେ ସାଗରଙ୍କୁ ଆଉଟ କରିଥିଲେ। ଦିଗବିଜୟ ପାଟିଲଙ୍କୁ ପ୍ୟାଭିଲିୟନ ପଠାଇ ଅର୍ଜୁନ ମହାରାଷ୍ଟ୍ର ବିପକ୍ଷରେ ତୃତୀୟ ସଫଳତା ହାସଲ କରିଥିଲେ। ମହାରାଷ୍ଟ୍ର ମଧ ୧୫ ରନରେ ୪ ୱିକେଟ ହରାଇ ସଂଘର୍ଷ ଆରମ୍ଭ କରିଥିଲା।

ଏହାପରେ ଦଳ ସ୍ଥିତି ସମ୍ଭାଳିବାକୁ ଚେଷ୍ଟା କରିଥିଲା। ମେହୁଲ ପଟେଲ ଏହାର ମଙ୍ଗ ଧରିଥିଲେ। କିନ୍ତୁ ଅନ୍ୟ ପଟେ ଆଉ କୌଣସି ବ୍ୟାଟର ତାଙ୍କୁ ସାଥ ଦେଇ ନଥିଲେ। ଇନିଂସର ୩୯ତମ ଓଭରରେ ଅର୍ଜୁନ ପୁଣି ବୋଲିଂ କରିବାକୁ ଆସିଥିଲେ। ସେ ମେହୁଲଙ୍କୁ ଆଉଟ କରି ମହାରାଷ୍ଟ୍ରକୁ ୯ମ ଝଟକା ଦେଇଥିଲେ। ଦଳର ୧୧ ନମ୍ବର ବ୍ୟାଟର ନଦୀମ ଶେଖଙ୍କୁ ଆଉଟ କରି ସେ ନିଜର ୫ମ ସଫଳତା ହାସଲ କରିଥିଲେ। ମହାରାଷ୍ଟ୍ର ୧୩୬ ରନରେ ଅଲଆଉଟ ହୋଇଯାଇଥିଲା।

ଏହାର ଜବାବରେ ଗୋଆ ତା'ର ପ୍ରଥମ ଇନିଂସରେ ୩୩୩ ରନ କରି ନେଇଥିଲା। ଅର୍ଜୁନ ୯ ନମ୍ବରରେ ବ୍ୟାଟିଂ କରିବାକୁ ଆସି ୪୪ ବଲରେ ୩୬ ରନର ଇନିଂସ ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭିନବ ତେଜରାନା ୭୭, ଦର୍ଶନ ମିସାଲ ୬୧ ଓ ମୋହିତ ରେଦକର ୫୮ ରନ କରିଥିଲେ।

ଏକଦା ଅର୍ଜୁନ ମହାରାଷ୍ଟ୍ର ପାଇଁ ଘରୋଇ କ୍ରିକେଟ ଖେଳୁଥିଲେ। ଏପରିକି ସୟଦ ମୁସ୍ତାକ ଅଲୀ ଟି-୨୦ ଟୁର୍ଣ୍ଣାମେଣ୍ଟର ୨ଟି ସଂସ୍କରଣରେ ମଧ ସେ ମହାରାଷ୍ଟ୍ର ପକ୍ଷରୁ ନଜର ଆସିଥିଲେ। କିନ୍ତୁ ୨୦୨୨ରୁ ସେ ଗୋଆ ପାଇଁ ଘରୋଇ କ୍ରିକେଟ ଖେଳୁଛନ୍ତି।

# ବିସିସିଆଇ ଅଧ୍ୟକ୍ଷ ହେବେ ସଚିନ !



ନୂଆଦିଲ୍ଲୀ, ୧୧।୯: ଭାରତୀୟ କ୍ରିକେଟର ମହାନ ବ୍ୟାଟ୍ସମ୍ୟାନ ତଥା ପୂର୍ବତନ ଅଧିନାୟକ ସଚିନ ତେନ୍ଦୁଲକର ଗୁରୁବାର ଦିନ ସେହି ସମସ୍ତ ଅଟକଳକୁ ଖଣ୍ଡନ କରିଛନ୍ତି, ଯେଉଁଥିରେ କୁହାଯାଉଥିଲା ଯେ ସେ ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ)ର ପରବର୍ତ୍ତୀ ଅଧ୍ୟକ୍ଷ ହୋଇପାରନ୍ତି। ତେନ୍ଦୁଲକରଙ୍କ ପ୍ରବନ୍ଧନ ଫାର୍ମ ଏ ସମ୍ବନ୍ଧରେ ଏକ ଆଧିକାରିକ ବିବୃତ୍ତି ଜାରି କରି ଏହି ଖବରଗୁଡ଼ିକୁ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି କହିଛି।

ସଚିନ ତେନ୍ଦୁଲକରଙ୍କ ପ୍ରବନ୍ଧନ କମ୍ପାନୀ ପକ୍ଷରୁ ଜାରି ବିବୃତିରେ ସ୍ପଷ୍ଟ କୁହାଯାଇଛି ଯେ ସଚିନ ତେନ୍ଦୁଲକରଙ୍କ ନାମରେ ବିସିସିଆଇ ଅଧ୍ୟକ୍ଷ ପଦ ପାଇଁ ବିଚାର କରାଯାଉଛି ବା ନାମାଙ୍କିତ କରାଯାଉଛି ବୋଲି କିଛି ଖବର ଏବଂ ଗୁଜବ ସୋସିଆଲ ମିଡିଆରେ ପ୍ରସାରିତ ହେଉଛି। ଆମେ ସ୍ପଷ୍ଟ ଭାବେ କହିବାକୁ ଚାହୁଁଛୁ ଯେ ଏପରି କିଛି ହେଉନାହିଁ। ସମସ୍ତଙ୍କୁ ଅନୁରୋଧ କରାଯାଉଛି ଯେ ଏହି ଭିତ୍ତିହୀନ ଅଟକଳଗୁଡ଼ିକୁ ଧ୍ୟାନ ନ ଦିଅନ୍ତୁ।

ବର୍ତ୍ତମାନର ବିସିସିଆଇ ଅଧ୍ୟକ୍ଷ ରୋଜର ବିନ୍ନୀଙ୍କ କାର୍ଯ୍ୟକାଳ ଜୁଲାଇ ମାସରେ ତାଙ୍କୁ ୭୦ ବର୍ଷ ହେବା ପରେ ସମାପ୍ତ ହୋଇଛି। ବୋର୍ଡର ସମ୍ବିଧାନ ଅନୁସାରେ ଅଧ୍ୟକ୍ଷ ପଦ ପାଇଁ ବୟସ ସୀମା ୭୦ ବର୍ଷ ନିର୍ଦ୍ଧାରିତ ହୋଇଛି। ବିନ୍ନୀଙ୍କୁ ଅକ୍ଟୋବର ୨୦୨୨ରେ ବିସିସିଆଇର ଅଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଥିଲା। ଏପରି ପରିସ୍ଥିତିରେ ନୂଆ ଅଧ୍ୟକ୍ଷଙ୍କୁ ନେଇ ଚର୍ଚ୍ଚା ଜୋର୍ ଧରିଥିଲା। ଏହି ସମୟରେ ତେନ୍ଦୁଲକରଙ୍କ ନାମ ଚର୍ଚ୍ଚାରେ ଆସିଥିଲା। ବିସିସିଆଇର ବାର୍ଷିକ ସାଧାରଣ ସଭା(ଏଜିଏମ୍) ୨୮ ସେପ୍ଟେମ୍ବରରେ ଆୟୋଜିତ ହେବ। ଏହି ସଭା ସମୟରେ ନୂଆ ଅଧ୍ୟକ୍ଷଙ୍କ ନିର୍ବାଚନ କରାଯିବ। ଏହା ବ୍ୟତୀତ, ବିସିସିଆଇ ଲୋକପାଳ ଏବଂ ଆଚରଣ ଅଧିକାରୀଙ୍କ ନିଯୁକ୍ତି ମଧ ଏହି ସଭାରେ ହେବ। ସେହିପରି ଆନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ରେ ଭାରତର ପ୍ରତିନିଧି ନିଯୁକ୍ତିର ନିଷ୍ପତ୍ତି ମଧ ନିଆଯିବ।

## ଓଡ଼ିଶା ପୋଲିସକୁ ସଫଳତା

ଭୁବନେଶ୍ୱର, ୧୨।୯: ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହୋଇଥିବା ୧୪ ତମ ଜାତୀୟ ଭୋଭିନାମ ମାର୍ସଲ ଆର୍ଟ ଚମ୍ପିୟାନସିପ ୨୦୨୫ରେ ଓଡ଼ିଶା ପୋଲିସର ୩ ଜଣ ଯୁବ କ୍ରୀଡ଼ାବିତ (୨ଟି ସ୍ୱର୍ଣ୍ଣ ଓ ୩ଟି ରୌପ୍ୟ ପଦକ) ବିଜୟୀ ହୋଇ ରାଜ୍ୟ ପୋଲିସକୁ ଗୌରବାନ୍ୱିତ କରିଛନ୍ତି। ଓଆଇଏସଏଫ, ଭୁବନେଶ୍ୱରରରେ କାର୍ଯ୍ୟରତ କନଷ୍ଟେବଳ ବର୍ଷା ନାଥ ଭୋଭିନାମ ମାର୍ସଲ ଆର୍ଟ ବିଭାଗରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ସେହିପରି କନଷ୍ଟେବଳ ବିଶ୍ୱଜିତ ରାଉତ ୮୧ କେଜି ବର୍ଗରୁ ଅଧିକ ଜାତୀୟ ଭୋଭିନାମ ମାର୍ସଲ ଆର୍ଟ ବରିଷ୍ଠ ବିଭାଗରେ ୧ଟି ସ୍ୱର୍ଣ୍ଣ ଏବଂ ଅସି ଚାଳନା ବିଭାଗରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। କନଷ୍ଟେବଳ ଦିବ୍ୟରଞ୍ଜନ ଦଳାଇ ୯୫ କେଜି ରୁ ଅଧିକ ବର୍ଗ ଭୋଭିନାମ ମାର୍ସଲ ଆର୍ଟ ସିନିଅର ବିଭାଗରେ ୧ଟି ରୌପ୍ୟ ଏବଂ କାଟା (କରାଟେ)ରେ ୧ଟି ରୌପ୍ୟ ପଦକ ହାସଲ କରି ଏକ ନୂତନ ମାଇଲ ଖୁଣ୍ଟି ସ୍ଥାପନ କରିଛନ୍ତି।

# ମହିଳା ହକି : ଚୀନଠୁ ହାରିଲା ଭାରତ

ହାଙ୍ଗଝୁ, ୧୨।୮: ଚଳିତ ଏସିଆ କପ୍ ମହିଳା ହକି ପ୍ରତିଯୋଗିତାର ସୁପର-୪ ପର୍ଯ୍ୟାୟରେ ଭାରତ ଆୟୋଜକ ଚୀନଠାରୁ ଶୋଚନୀୟ ଭାବେ ୧-୪ ଗୋଲ୍‌ରେ ପରାଜିତ ହୋଇଛି। ପ୍ରତିଯୋଗିତାରେ ଏପର୍ଯ୍ୟନ୍ତ ଅପରାଜିତ ଥିବା ଭାରତ ନିଜ ପ୍ରଥମ ସୁପର-୪ ମ୍ୟାଚ୍‌ରେ ଦକ୍ଷିଣ କୋରିଆକୁ ୪-୨ରେ ପରାସ୍ତ କରିଥିଲା। ତେବେ ଗୁରୁବାର ସେହି ସଫଳତା ଦୋହରାଇ ପାରି ନଥିଲା। ଚତୁର୍ଥ ମିନିଟ୍‌ରେ ପ୍ରଥମ ଗୋଲ୍ ଦେଇଥିବା ଚୀନ ପୂରା ମ୍ୟାଚ୍‌କୁ ଶେଷ ପର୍ଯ୍ୟନ୍ତ ନିଜ ନିୟନ୍ତ୍ରଣରେ ରଖିଥିଲା। ଭାରତ ପକ୍ଷରୁ ଏକମାତ୍ର ଗୋଲ୍ ମୁମତାଜ୍ ଖାନ୍ ୩୮ତମ ମିନିଟ୍‌ରେ ଦେଇଥିଲେ। ଚୀନ ପକ୍ଷରୁ ଜୋ ମିରାଙ୍ଗ (୪ ଓ ୫୬ ମିନିଟ୍), ଚେନ୍ ୟାଙ୍ଗ (୩୧ ମିନିଟ୍), ତାନ୍ ଜିନଝୁଆଙ୍ଗ (୪୭ ମିନିଟ୍) ଦେଇଥିଲେ। ଏହି ବିଜୟ ସହ ଚୀନ ଦୁଇଟି ମ୍ୟାଚ୍‌ରୁ ଦୁଇଟି ବିଜୟ ହାସଲ କରି ଫାଇନାଲ୍‌ର ନିକଟତର ହୋଇଛି। ଭାରତ ପାଇଁ ୧୩ ତାରିଖର ଜାପାନ ବିପକ୍ଷ ମ୍ୟାଚ୍‌ର ଗୁରୁତ୍ୱ ବଢ଼ିଯାଇଛି। ଭାରତ (୩ ପଏଣ୍ଟ) ଏବେ ଚୀନ (୬ ପଏଣ୍ଟ) ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି। ଗୁରୁବାରର ଅନ୍ୟଏକ ମ୍ୟାଚ୍‌ରେ ଜାପାନ-ଦକ୍ଷିଣ କୋରିଆ ପଏଣ୍ଟ ବାଣ୍ଟିଛନ୍ତି।



## ରାଜ୍ୟ ବରିଷ୍ଠ ପୁରୁଷ ହକି

# ସୁନ୍ଦରଗଡକୁ ହରାଇ ପୂର୍ବତଟ ରେଳବାଇ ଚାମ୍ପିଅନ୍

ରାଉରକେଲା, ୧୨।୯: ଚତୁର୍ଥ ରାଜ୍ୟ ବରିଷ୍ଠ ପୁରୁଷ ହକି ପ୍ରତିଯୋଗିତାକୁ ପୂର୍ବତଟ ରେଳବାଇ ଜିତି ନେଇଛି। ପ୍ରତିପକ୍ଷ ସୁନ୍ଦରଗଡ ହକି ସଂଘକୁ ୪-୨ ଗୋଲ୍‌ରେ ପରାସ୍ତକରି ଚାମ୍ପିଅନ ତାଲିକାରେ ନାଁ ଲିପିବଦ୍ଧ କରିଛି। ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ଅନ୍ତର୍ଜାତୀୟ ହକି ତାରକା ଅମିତ ରୋହିଦାସଙ୍କ ଜଲୱା ଦେଖିବାକୁ ମିଳିଥିଲା। ଅମିତଙ୍କ ହ୍ୟାଟ୍ରିକ୍ ଗୋଲ୍ ଦଳକୁ ବିଜେତା କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲା।

ମ୍ୟାଚ୍‌ର ପ୍ରଥମ କ୍ୱାର୍ଟର୍‌ରୁ ପୂର୍ବତଟ ରେଳବାଇ ଖେଳାଳି ଆକ୍ରମଣ କରିଥିଲେ। ୧୦ମ ମିନିଟ୍‌ରେ ଅମିତ ପ୍ରଥମ ଗୋଲ୍ ଦେଇ ଦଳକୁ ୧-୦ ଗୋଲ୍‌ରେ ଆଗୁଆ କରିଥିଲେ। ତେବେ ୧୯ତମ ମିନିଟ୍‌ରେ ସୁନ୍ଦରଗଡର ଅଧିନାୟକ ଅମନଦୀପ ଲାକ୍ରା ଗୋଲ୍ ପରିଶୋଧ କରିଥିଲେ। ପରେ ଅମିତ ଦୁଇଟି ଲାଗ୍‌ଲାଗ୍ ଗୋଲ୍ (୨୦ ଓ ୨୬) ଦେଇ ସ୍କୋର୍‌କୁ ୩-୧ ଗୋଲ୍‌କୁ ନେଇଥିଲେ। ୪୧ ତମ ମିନିଟ୍‌ରେ ଦଳର ରାଜୀନ କାଣ୍ଡୁଲାନା ଆଉ ଏକ ଗୋଲ୍ ଦେଇ ବ୍ୟବଧାନକୁ ୪-୧ ଗୋଲ୍‌କୁ ବୃଦ୍ଧି କରିଥିଲେ।

ଜବାବରେ ସୁନ୍ଦରଗଡର ଅଜୟ କୁମାର ଏକ୍କା ଗୋଟିଏ ଗୋଲ୍ (୪୪) ଦେଇଥିଲେ, ଯାହାକି ବ୍ୟବଧାନକୁ ହ୍ରାସ କରିଥିଲା। ଶେଷ କ୍ୱାର୍ଟରରେ ଉଭୟ ଦଳ ଗୋଲ୍ ଦେବାକୁ ପ୍ରୟାସ କରିଥିଲେ ମଧ ସଫଳ ନ ହେବାରୁ ପୂର୍ବତଟ ରେଳବାଇ ୪-୨ ଗୋଲ୍‌ରେ ଫାଇନାଲକୁ ଜିତିନେଇଛି। ରିକେଶ ମିଞ୍ଜ, ସୂରଜ ସାହୁ ମ୍ୟାଚ୍ ପରିଚାଳନା କରିଥିବାବେଳେ ସତ୍ୟବ୍ରତ ପ୍ରଧାନ, ସ୍ୱରଜ ତନ୍ତି, ହୃଷୀକେଶ ଦାସ, ଜଗଦୀଶ ସାହୁ ସହଯୋଗ କରିଥିଲେ।

ଅମିତ ରୋହିଦାସ ଫାଇନାଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିବାବେଳେ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ଅମିତ କୁମାର ଟପ୍ପୋ(ସୁନ୍ଦରଗଡ), ଶ୍ରେଷ୍ଠ ଗୋଲ୍‌କିପର ରୀୟାଦାନ ଟିଡୁ (ଦେବଗଡ), ଶ୍ରେଷ୍ଠ ଡିଫେଣ୍ଡର କେରୋବିନ ଲାକ୍ରା (ଗାଙ୍ଗପୁର ହକି ଆସୋସିଏସନ୍), ଶ୍ରେଷ୍ଠ ମିଡ୍‌ଫିଲଡର୍ ଆଶିଷ ଟପନୋ (ଦେବଗଡ), ଶ୍ରେଷ୍ଠ ଫରୱାର୍ଡ୍ (ମାଥିଆସ୍ ଡାଙ୍ଗ୍) ଓ ଶ୍ରେଷ୍ଠ କୋଚ୍ ଈଶ୍ୱରଦତ୍ତ କିରୋ (ଗାଙ୍ଗପୁର ହକି ଆସୋସିଏସନ୍) ପୁରସ୍କାର ପାଇଛନ୍ତି। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତି, ହକି ଅଲିମ୍ପିଆନ ଲାଜରୁସ ବାର୍ଲା ପ୍ରମୁଖ ଯୋଗଦେଇଥିଲେ।




Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ